

ମହାକାଶ ଇତିହାସରେ ଏକ ନୂଆ ଘଟଣା ଘଟିବାକୁ ଯାଉଛି। ଅକ୍ଟୋବର ୨୧ରେ ୨ ଜଣ ମହିଳା ମହାକାଶଚାରୀ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର ବାହାରେ ସ୍ପେସ୍ ୱାକ୍ କରିବେ। ମହାକାଶଚାରୀ ଜେସିକା ମୀର୍ ଏବଂ କ୍ରେଷ୍ଟିନା କୋଚ୍ ମହାକାଶ କେନ୍ଦ୍ର ବାହାରେ ଲାଗିଥିବା ସୋଲାର ପ୍ୟାନେଲ୍‌ରେ ଲିଥିୟମ୍ ବ୍ୟାଟେରିର ପରିବର୍ତ୍ତନ କରିବେ।



# ଆନ୍ତର୍ଜାତିକ ବିପର୍ଯ୍ୟୟ ପ୍ରଶମନ ଦିବସ

## 'ବିପର୍ଯ୍ୟୟ' ମୁକାବିଲାର ଆହ୍ୱାନ ଦିଏ

ଆନ୍ତର୍ଜାତିକ ବିପର୍ଯ୍ୟୟ ପ୍ରଶମନ ଦିବସ (ଇଣ୍ଟର୍‌ନ୍ୟାଶନାଲ ଡେ' ଫର୍ ଡିଜାଷ୍ଟର ରିଡକ୍‌ଶନ) ବିଶ୍ୱରେ ପ୍ରତିବର୍ଷ ଅକ୍ଟୋବର ୧୩ରେ ପାଳନ କରାଯାଉଛି। ୧୯୮୯ରେ ପ୍ରତିବର୍ଷ ଅକ୍ଟୋବର ଦ୍ୱିତୀୟ ବୁଧବାରରେ ଏହି ଦିବସ ପାଳନ କରାଯିବା ପାଇଁ ଜାତିସଂଘ ସାଧାରଣ ପରିଷଦରେ ଘୋଷଣା କରାଯାଇଥିଲା। କିନ୍ତୁ ୨୧ ଡିସେମ୍ବର ୨୦୦୯ରେ ଜାତିସଂଘ ପ୍ରତିବର୍ଷ ଅକ୍ଟୋବର ୧୩ରେ ଉକ୍ତ ଦିବସ ପାଳନ କରାଯିବା ପାଇଁ ସ୍ଥିର କରିଥିଲା। ବିଭିନ୍ନ ବିପର୍ଯ୍ୟୟ ପରିସ୍ଥିତିରେ ବିପଦ ହ୍ରାସ କରିବା ପାଇଁ ଏହି ଦିବସ ପାଳନ କରାଯାଇ ଲୋକମାନଙ୍କୁ ସଚେତନ କରାଯାଉଛି। ୟୁନାଇଟେଡ୍ ନେଶନ୍ସ ଡିଜାଷ୍ଟର୍ ରିସ୍କ୍ ରିଡକ୍‌ଶନ (ୟୁଏନ୍‌ଡିଆର୍‌ଆର୍) ଦ୍ୱାରା ସେଣ୍ଡାଇ ସେଭେନ କ୍ୟାମ୍ପେନ ୨୦୧୬ରେ ଆରମ୍ଭ କରାଯାଇଥିଲା, ଯାହା ସେଣ୍ଡାଇ ଫ୍ରେମ୍‌ୱାର୍କ ନାମରେ ୭ଟି ଲକ୍ଷ୍ୟ ଉପରେ ଆଧାରିତ। ସେଣ୍ଡାଇ ଫ୍ରେମ୍‌ୱାର୍କ ଏକ ପ୍ରଗତିଶୀଳ ଢାଞ୍ଚା , ଯାହା ୨୦୩୦ ସୁଦ୍ଧା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ହେଉଥିବା କ୍ଷତି ଓ ଏହାଦ୍ୱାରା ପ୍ରଭାବିତ ଲୋକଙ୍କ ସଂଖ୍ୟା କମ୍ କରିବାକୁ ଲକ୍ଷ୍ୟ ରଖିଛି। ଏହି ଦିବସର ମୂଳ ଲକ୍ଷ୍ୟ ହେଉଛି ସେଣ୍ଡାଇ ଫ୍ରେମ୍‌ୱାର୍କକୁ କାର୍ଯ୍ୟକାରୀ କରିବା। ଏହା ବାଧ୍ୟତାମୂଳକ କରାଯାଇନି। ସ୍ୱେଚ୍ଛାକୃତ ଭାବେ କୌଣସି ରାଷ୍ଟ୍ର ବିପର୍ଯ୍ୟୟଜନିତ କ୍ଷୟକ୍ଷତି ଓ ଏହାଦ୍ୱାରା ପ୍ରଭାବିତ ବ୍ୟବସ୍ଥାକୁ ସୁଧାରିବାରେ ପ୍ରାଥମିକତା ବୋଲି ମନେକରି କାର୍ଯ୍ୟକାରୀ କରିପାରିବେ। ଏହା ହେଲେ ବିପର୍ଯ୍ୟୟଜନିତ ବିପଦ କମ୍ କରାଯିବା ସହ ଧନଜୀବନ ରକ୍ଷା ତଥା ମୂଳ ବ୍ୟବସ୍ଥାରେ ଶୀଘ୍ର ସୁଧାର ଅଣାଯାଇପାରିବ। କହିବାକୁ ଗଲେ ସେଣ୍ଡାଇ ସେଭେନ କୌଣସି ଦେଶର ସରକାର ସହ ସ୍ଥାନୀୟ ସରକାର ,ବିଭିନ୍ନ ଗୋଷ୍ଠୀ, ସାମାଜିକ ସଂଘ, ବେସରକାରୀ ଅନୁଷ୍ଠାନ, ଆନ୍ତର୍ଜାତିକ ଅନୁଷ୍ଠାନ ପ୍ରାକୃତିକ ବିପର୍ଯ୍ୟୟ କ୍ଷୟକ୍ଷତି ହ୍ରାସ କରିବା ପାଇଁ ସେମାନଙ୍କ ସ୍ତରରେ ଉଦ୍ୟମ କରିବାର ଏକ ସୁଯୋଗ ଆଣିଦେଇଛି। ୨୦୧୯ରେ ଆନ୍ତର୍ଜାତିକ ବିପର୍ଯ୍ୟୟ ପ୍ରଶମନ ଦିବସର ସ୍ଲୋଗାନ୍ ରଖାଯାଇଛି 'ମହତ୍ତ୍ୱପୂର୍ଣ୍ଣ ମୂଳ ବ୍ୟବସ୍ଥାରେ ବିପର୍ଯ୍ୟୟଜନିତ କ୍ଷୟକ୍ଷତି ଓ ଆବଶ୍ୟକ ସେବାର ବାଧା ହ୍ରାସ କରିବା'।



ବିପର୍ଯ୍ୟୟରେ ପ୍ରଭାବିତ ହେଉଥିବା ଶିକ୍ଷା, ସ୍ୱାସ୍ଥ୍ୟ ଆଦି ମହତ୍ତ୍ୱପୂର୍ଣ୍ଣ ବ୍ୟବସ୍ଥା ସୁବିଧାକୁ ୨୦୩୦ ସୁଦ୍ଧା ପୁଣି ଫେରାଇ ଆଣିବା ଏହି ଦିବସର ଉଦ୍ଦେଶ୍ୟ। ଜୀବନରକ୍ଷାକାରୀ ବ୍ୟବସ୍ଥା, ଖାଦ୍ୟ,ପାନୀୟ ଜଳ, ବିଦ୍ୟୁତ୍, ଟେଲି ଯୋଗାଯୋଗ ଏବଂ ପରିବହନର ଯତ୍ନ ଉପରେ ବି ଏହି ଦିବସ ଗୁରୁତ୍ୱ ଦେଇଆସୁଛି। ଏଣୁ ବିପର୍ଯ୍ୟୟର ମୁକାବିଲା କରିବା ଉପରେ ସଚେତନ କରିବା, ବିଶ୍ୱସ୍ତରରେ ଏହାଯୋଗୁ ଉପୁଜୁଥିବା ସମସ୍ୟା ଉପରେ ଅବଗତ କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ଉକ୍ତ ଦିବସ ପାଳନ କରିବାର ଅର୍ଥ ମାନବିକତାର କର୍ତ୍ତବ୍ୟ ତଥା ଉପଲବ୍ଧିକୁ ସୁଦୃଢ କରିବା।

# ଗିରଫ ହୋଇପାରନ୍ତି ଅମିଷା



**ନୂଆଦିଲ୍ଲୀ:** ବଲିଉଡ୍ ଅଭିନେତ୍ରୀ ଅମିଷା ପଟେଲ ଅଡୁଆରେ ପଡ଼ିପାରନ୍ତି। ଅମିଷାଙ୍କୁ ପୋଲିସ କୌଣସି ମୁହୂର୍ତ୍ତରେ ଗିରଫ କରିପାରେ। ଧୋକାଦେବା, ଠକିବା ଓ ଧମକାଇବା ଅଭିଯୋଗରେ ଅମିଷା ଗିରଫ ହୋଇପାରନ୍ତି। ପ୍ରକୃତରେ ଅମିଷା ଓ ତାଙ୍କ ବନ୍ଧୁ କୁନାଲ୍ ଘୁମରଙ୍କ ନାଁରେ ଜଣେ ପ୍ରଯୋଜକଙ୍କୁ ତିନି କୋଟି ଟଙ୍କା ଠକିଥିବା ମାମଲା ରହିଛି। ପ୍ରଯୋଜକଙ୍କୁ ଉଧାର ଶୁଝିବାକୁ ଅମିଷା ଦେଇଥିବା ୩କୋଟି ଟଙ୍କା ଚେକ୍ ବାଉନ୍ସ ହେବା ନେଇ କୋର୍ଟରେ ମାମଲା ଚାଲିଛି। ତେବେ କୋର୍ଟଙ୍କ ସମନ୍‌କୁ ବେଖାତିର କରି ହାଜର ନ ହେବାରୁ କୋର୍ଟ ଏବେ ଅମିଷାଙ୍କ ବିରୁଦ୍ଧରେ ଗିରଫ ୱାରେଣ୍ଟ ଜାରି କରିଛନ୍ତି। ବାରମ୍ବାର କୋର୍ଟଙ୍କ ସମନ୍‌କୁ ଖାତିର୍ ନ କରିବା ଓ କୋର୍ଟରେ ହାଜର ନ ହେବା ଅଭିଯୋଗରେ ରାଞ୍ଚି କୋର୍ଟ ଗତ ୪ତାରିଖରେ ଅମିଷାଙ୍କ ବିରୁଦ୍ଧରେ ୱାରେଣ୍ଟ ଜାରି କରିଛି। ତେବେ ଯାନ୍ତ୍ରିକ ସମସ୍ୟା ଯୋଗୁ ରାଞ୍ଚି ପୋଲିସକୁ କିନ୍ତୁ ଏହି ୱାରେଣ୍ଟ ୯ତାରିଖରେ ମିଳିଥିଲା। ତେବେ କୌଣସି ମୁହୂର୍ତ୍ତରେ ଅମିଷା ପଟେଲ ଓ ତାଙ୍କ ବନ୍ଧୁ କୁନାଲଙ୍କୁ ରାଞ୍ଚୀ ପୋଲିସ୍ ଗିରଫ କରିବା ସମ୍ଭାବନା ରହିଛି। ଫିଲ୍ମ 'ଦେଶୀ ମେଜିକ୍'ପାଇଁ ପ୍ରଯୋଜକ ଅଜୟ କୁମାର ଅମିଷାଙ୍କୁ ୩କୋଟି ଟଙ୍କା ଉଧାର ଦେଇଥିଲେ। ତେବେ ଅମିଷା ନା ଫିଲ୍ମକୁ ନେଇ ଆଗେଇଲେ ନା ପ୍ରଯୋଜକଙ୍କୁ ଟଙ୍କା ଫେରସ୍ତ ଦେଇଥିଲେ। ବାରମ୍ବାର ଟଙ୍କା ବାବଦରେ ପଚାରିବା ପରେ ମଧ୍ୟ ଅମିଷା କଥା ବୁଲାଇଦେଉଥିଲେ। ପ୍ରଯୋଜକ ଅନେକ ଥର ଟଙ୍କା ମାଗିବା ପରେ ଶେଷରେ ୨.୫ କୋଟିର ଏକ ଚେକ୍ ପ୍ରଯୋଜକଙ୍କୁ ଧରେଇଦେଇଥିଲେ ଅମିଷା, ଯାହା ବ୍ୟାଙ୍କ୍‌ରେ ବାଉନ୍ସ ହୋଇଯାଇଥିଲା। ଏହାପରେ ଅମିଷାଙ୍କ ବିରୁଦ୍ଧରେ ଅଜୟ ଥାନାରେ ଅଭିଯୋଗ କରିଥିଲେ।

### ଗୋଟିଏ ରୁମ୍‌ରେ ୫ଟି କ୍ଲାସ୍

# ଜଣେ ଛାତ୍ରଙ୍କୁ ୩ ଶିକ୍ଷକ

**ଭୋପାଳ:** ଘର, ମଧ୍ୟାହ୍ନଭୋଜନ, ଶିକ୍ଷା ଉପକରଣ ତଥା ମାଗଣାରେ ବହି ଓ ପୋଷାକ ସରକାର ଯୋଗାଇ ଦେଉଥିଲେ ବି ଭୋପାଳର ଏକ ପ୍ରାଥମିକ ସ୍କୁଲ ଏ ସବୁଥିରୁ ବଞ୍ଚିତ। ଶିକ୍ଷା ବିଭାଗର ମୁଖ୍ୟ ଦପ୍ତରଠାରୁ ପ୍ରାୟ ଦେଢ଼ କିଲୋମିଟର ତଥା ମଧ୍ୟପ୍ରଦେଶ ବିଧାନସଭା ଭବନଠାରୁ ୧ କିଲୋମିଟର ଦୂରରେ ଥିବା ଏକ ସରକାରୀ ପ୍ରାଥମିକ ସ୍କୁଲ ଚାଲିଛି ଗୋଟିଏ ରୁମ୍‌ରେ। ସେହି ରୁମ୍‌ରେ ତିନି ଜଣ ଶିକ୍ଷକ ଓ ପିଲାମାନେ ଏକାଠି ବସୁଛନ୍ତି। ପ୍ରଥମରୁ ପଞ୍ଚମ ଯାଏ ରହିଛି ଏହି ସ୍କୁଲରେ। ପାଞ୍ଚଟି ଶ୍ରେଣୀରେ ମୋଟ୍‌ରେ ୧୨ ଜଣ ପିଲା ପଢୁଛନ୍ତି ଆଉ ବସୁଛନ୍ତି ସେହି ଗୋଟିଏ ରୁମ୍‌ରେ। ସ୍କୁଲ ପାଖରେ ଥିବା ବସ୍ତିର ଏହି ପିଲାମାନେ ମାତାପିତାଙ୍କ ସହ କାମକୁ ଚାଲିଯାଆନ୍ତି। ଏମିତି ବି ହେଉଛି ,ବେଳେବେଳେ ଶିକ୍ଷକଙ୍କ ସଂଖ୍ୟାଠାରୁ ପିଲାଙ୍କ ସଂଖ୍ୟା କମ୍ ରହେ। ଅକ୍ଟୋବର ୧୧ରେ ଏହି ସ୍କୁଲରେ ତିନି ଜଣ ଶିକ୍ଷକ ଥିବାବେଳେ ଜଣେ ଛାତ୍ର ଉପସ୍ଥିତ ରହିବା ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଅବସ୍ଥା କେବଳ ରାଜଧାନୀର ସରକାରୀ ସ୍କୁଲ୍‌ର ନୁହେଁ,ରାଜ୍ୟର ୬ ହଜାରରୁ ଊର୍ଦ୍ଧ୍ୱ ସରକାରୀ ସ୍କୁଲ ଚାଲିଛି ଗୋଟିଏ କି ଦୁଇଟି ରୁମ୍‌ରେ। କେବଳ ଭୋପାଳରେ ଗୋଟିଏ ରୁମ୍‌ରେ ଗୋଟିଏ ସ୍କୁଲ୍ ଓ ଦୁଇଟି ରୁମ୍‌ରେ ଚାଲିଛି ୯୨ଟି ସ୍କୁଲ୍। ଏଭଳି ଅବସ୍ଥା ଦେଖି ମଧ୍ୟପ୍ରଦେଶ ସରକାର କେତେକ ସ୍କୁଲ୍‌କୁ ଅନ୍ୟ ସ୍କୁଲ୍ ପରିସରକୁ ସ୍ଥାନାନ୍ତର କରିଛନ୍ତି। ଏମିତିକି ୧୯ ହଜାରରୁ ଊର୍ଦ୍ଧ୍ୱ ସ୍କୁଲ୍ ବନ୍ଦ ହୋଇଥିବା କୁହାଯାଇଛି। କେବଳ ଭୋପାଳ ଜିଲାରେ ଏହି କାରଣରୁ ୪୨୩ଟି ପ୍ରାଥମିକ ସ୍କୁଲ୍ ବନ୍ଦ ହୋଇଥିବା ଜଣାପଡିଛି।

# ପବନରେ ଝୁଲୁଛି ମନ୍ଦିର



**ବେଜିଂ:** ଚାଇନାରେ ଦୀର୍ଘ ୧୫ଶହ ବର୍ଷ ହେବ ଏକ ମନ୍ଦିର ପବନରେ ଝୁଲୁଥିବା କୁହାଯାଏ। ଚାଇନାର ଏହା ଏକମାତ୍ର ମନ୍ଦିର ଯାହା ଦୀର୍ଘ ବର୍ଷ ହେଲା ପବନରେ ଝୁଲୁଥିବା ଲୋକେ କୁହନ୍ତି। ତେବେ ଏହି ମନ୍ଦିର, ବୁଦ୍ଧ, ତାଓ ଓ କନଫୁସିୟସ୍ ଏହି ୩ଟି ଶୈଳୀରେ ନିର୍ମାଣ କରାଯାଇଛି। ପାହାଡ଼ ଧାରରେ ନିର୍ମାଣ କରାଯାଇଥିବା ଏହି ମନ୍ଦିରକୁ ଦେଖିଲେ ଲାଗିବ ସତେ ଯେମିତି ମନ୍ଦିରଟି ପବନରେ ଝୁଲୁଛି। ପାହାଡ ମଧ୍ୟରୁ ବାହାରିଥିବା ଏକ ବଡ ପଥର ମନ୍ଦିରକୁ ବର୍ଷାରୁ ରକ୍ଷା କରିବା ପାଇଁ ସାହାଯ୍ୟ କରିଥାଏ। ଭୂମିଠାରୁ ଏହା ପାଖାପାଖି ୫୦ ମିଟର ଉଚ୍ଚରେ ରହିଛି। ଫଳରେ ଏହି ଅଞ୍ଚଳକୁ ବନ୍ୟା ଆସିଲେ ମଧ୍ୟ ମନ୍ଦିରର କୌଣସି କ୍ଷତି କରିପାରେ ନାହିଁ। କାଠରେ ତିଆରି କରାଯାଇଥିବା ଏହି ମନ୍ଦିରରେ ସୂର୍ଯ୍ୟ ଉଦୟଠାରୁ ଅସ୍ତ ପର୍ଯ୍ୟନ୍ତ ମାତ୍ର ୩ଘଣ୍ଟା ପାଇଁ ସୂର୍ଯ୍ୟ କିରଣ ପଡିଥାଏ।

# ନଭେମ୍ବରରେ ଆସିବ ଜ୍ୟାକ୍‌ଲିନ୍‌ଙ୍କ 'ଡ୍ରାଇଭ୍'

**ମୁମ୍ବାଇ:** ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍ ଓ ସୁଶାନ୍ତ ସିଂ ରାଜପୁତ ଅଭିନୀତ ଫିଲ୍ମ 'ଡ୍ରାଇଭ୍'ର ଦ୍ୱିତୀୟ ଗୀତ ରିଲିଜ୍ ହୋଇଛି। ଅବଶ୍ୟ ଗୀତଟି ବେଶି ଫୋକସ୍ କରିଛି ନାୟିକା ଜ୍ୟାକଲିନଙ୍କ ଆଡକୁ। ତେଣୁ ଏଥିରେ ଜ୍ୟାକଲିନଙ୍କୁ ଖୁବ୍ ବୋଲ୍ଡ ଓ ସେକ୍ସି ଅନ୍ଦାଜରେ ଦେଖିବାକୁ ମିଳିଛି। ମାତ୍ର କିଛି ସମୟ ମଧ୍ୟରେ ଏହାକୁ ଭଲ ଭ୍ୟୁଜ ମିଳିଥିବା ଦେଖାଯାଇଛି। କାରଣ ଗୀତରେ ଜ୍ୟାକଲିନଙ୍କ ବୋଲ୍ଡ ଅନ୍ଦାଜ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ଫିଲ୍ମ 'ଡ୍ରାଇଭ୍' ନେଟଫ୍ଲିକ୍ସରେ ନଭେମ୍ବର ୧ରେ ରିଲିଜ୍ ହେବ ବୋଲି ଜଣାପଡିଛି। ବଲିଉଡ୍ ନିର୍ଦ୍ଦେଶକ କରନ ଜୋହରଙ୍କର ଏହା ଡିଜିଟାଲ ଡେବ୍ୟୁ। ଏହା ପୂର୍ବରୁ ଫିଲ୍ମର ପ୍ରଥମ ଗୀତ 'ମଖନା' ରିଲିଜ୍ କରାଯାଇଥିବା ବେଳେ ଏହାର ପ୍ରଥମ ପୋଷ୍ଟର ମଧ୍ୟ ରିଲିଜ୍ କରାଯାଇଛି। ଏବେ ଦର୍ଶକ କରନଙ୍କ ଡିଜିଟାଲ ଡେବ୍ୟୁକୁ ବଡ ଉତ୍ସାହର ସହ ଅପେକ୍ଷା ରଖିଛନ୍ତି।



### କାମିନୀ ରୟଙ୍କୁ ମନେପକାଇଲା ଗୁଗଲ୍

# ମହିଳାଙ୍କ ମତଦାନ ଅଧିକାର ପାଇଁ ଲଢ଼େଇ କରିଥିଲେ



**କୋଲ୍‌କାତା:** ବଙ୍ଗଳା କବୟିତ୍ରୀ, ସମାଜ ସଂସ୍କାରକ ତଥା ଭାରତର ପ୍ରଥମ ମହିଳା ସ୍ନାତକ ଡିଗ୍ରୀ (ସମ୍ମାନ)ଧାରୀ କାମିନୀ ରୟଙ୍କ ୧୫୫ତମ ଜୟନ୍ତୀରେ ଗୁଗଲ୍ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି। ୧୮୬୪ ଅକ୍ଟୋବର ୧୨ରେ ତତ୍କାଳୀନ ଅବିଭକ୍ତ ବଙ୍ଗଳାର ବେକର୍‌ଗୁଞ୍ଜ୍ ଜିଲା ଅନ୍ତର୍ଗତ ବାସନ୍ଦ ଗ୍ରାମ(ଏବେକାର ବାଂଲାଦେଶର ବାରିଶାଲ୍ ଜିଲା)ରେ ରୟ ଜନ୍ମଗ୍ରହଣ କରିଥିଲେ। ମହିଳାଙ୍କ ଭୋଟଦାନ ଅଧିକାରର ପ୍ରଚାର ପ୍ରସାର କ୍ଷେତ୍ରରେ ସେ ମୁଖ୍ୟ କର୍ଣ୍ଣଧାର ଥିଲେ। ବ୍ରିଟିଶ୍ ନେତୃତ୍ୱାଧୀନ ଭାରତର ପ୍ରଥମ ଝିଅଭାବେ ସେ ସ୍କୁଲରେ ପାଦ ଥାପିଥିଲେ। କାମିନୀ ବଙ୍ଗଳାର ସମ୍ଭ୍ରାନ୍ତ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଚଣ୍ଡୀ ଚରଣ ସେନ୍ ଜଣେ ଜଜ୍ ତଥା ଲେଖକ ଭାବେ ପରିଚିତ ଥିଲେ, ଯାହାଙ୍କ ପ୍ରଭାବ କାମିନୀଙ୍କ ଉପରେ ପଡ଼ିଥିଲା। ପଢ଼ିବା ଏବଂ ତାର୍କିକ ବିଚାରର ନିଶା ତାଙ୍କ ମଧ୍ୟରେ ଭରି ରହିଥିଲା। ୧୮୮୬ରେ ସେ ବେଥନ୍ କଲେଜରୁ କଳାରେ ସ୍ନାତକ ଡିଗ୍ରୀ(ସଂସ୍କୃତ ସମ୍ମାନ ସହ)ହାସଲ କରିଥିଲେ। ପ୍ରଥମ ମହିଳାଭାବେ ଏଭଳି ସଫଳତା ହାସଲ କରିଥିବାରୁ ତାଙ୍କୁ ସେହି କଲେଜରେ ହିଁ ଶିକ୍ଷକତା କରିବା ପାଇଁ ସୁଯୋଗ ମିଳିଥିଲା। ସେଠାରେ ସେ ୧୮୯୪ ପର୍ଯ୍ୟନ୍ତ ଶିକ୍ଷକତା କରିଥିଲେ। ରୟ ମହିଳାଙ୍କ ଶିକ୍ଷା ଓ ଅଧିକାର ପାଇଁ ଲଢ଼େଇ କରୁଥିବା ଲୋକପ୍ରିୟ ଅବଳା ବୋଷ୍‌ଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ମଧ୍ୟ ମହିଳାଙ୍କ ଅଧିକାର ପାଇଁ ଜଣେ ଆଗଧାଡ଼ିର ପ୍ରବକ୍ତା ପାଲଟିଥିଲେ। ମହିଳାଙ୍କ ଭୋଟଦାନ ଅଧିକାରକୁ ନିଶ୍ଚିତ କରିବା ପାଇଁ ସେ ବଙ୍ଗଳାରେ ପ୍ରଚାର କରିଥିଲେ। ସେ ୧୯୨୨-୨୩ରେ ୱିମେନ୍ ଲେବର୍ ଇନ୍‌ଭେଷ୍ଟିଗେଶନ୍ କମିଶନ୍‌ର ସଦସ୍ୟା ମଧ୍ୟ ରହିଥିଲେ। ଏହାସହ ସେ କମ୍ ବୟସରୁ ହିଁ କବିତା ରଚନା ଆରମ୍ଭ କରିଥିଲେ। ୧୮୮୯ରେ ତାଙ୍କ ରଚିତ ପ୍ରଥମ କବିତା ସଂକଳନ 'ଆଲୋ ଓ ଛାୟା' ପ୍ରକାଶିତ ହୋଇଥିଲା। ପରବର୍ତ୍ତୀ ସମୟରେ ତାଙ୍କର ଅନେକ ଶିଶୁ କବିତା, ନାଟକ ଓ ପ୍ରବନ୍ଧ ପୁସ୍ତିକା ପ୍ରକାଶିତ ହୋଇଥିଲା। ୧୯୩୦ ରେ ବଙ୍ଗଳା ସାହିତ୍ୟ ସମ୍ମିଳନୀର ସଭାନେତ୍ରୀ ମଧ୍ୟ ରହିଥିଲେ। ଏହା ବ୍ୟତୀତ ସେ ୧୯୩୨-୩୩ ରେ ବଙ୍ଗୀୟ ସାହିତ୍ୟ ପରିଷଦର ଉପ ସଭାନେତ୍ରୀ ପଦ ଅଳଙ୍କୃତ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ। ସାହିତ୍ୟ କ୍ଷେତ୍ରରେ କାମିନୀଙ୍କ ଅବଦାନ ପାଇଁ ୧୯୨୯ରେ କଲିକତା ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ମାନଜନକ 'ଜଗତ୍ତାରିଣି' ସମ୍ମାନରେ ସମ୍ମାନିତ କରାଯାଇଥିଲା। ୧୯୩୩ରେ ତାଙ୍କ ପରଲୋକରେ ବଙ୍ଗଳା ସାହିତ୍ୟ ଜଗତରେ ଏକ ଅପୂରଣୀୟ ସ୍ଥାନ ସୃଷ୍ଟି ହୋଇଥିଲା। ଏହି ମହିୟଶୀ ମହିଳାଙ୍କ ସ୍ମୃତିଚାରଣ କରି ଡୁଡଲ୍ କରିଛି ଗୁଗଲ୍।

# ଲୁଟ୍‌ର ଶିକାର ହେଲେ ମୋଦିଙ୍କ ଝିଆରୀ

**ନୂଆଦିଲ୍ଲୀ:** ଦେଶରେ ଚୋରି, ଛିନ୍‌ତାଇ ଘଟଣା ନୂଆ ନୁହେଁ। ତେବେ ଏଭଳି ଘଟଣା ଘଟିଛି ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଝିଆରୀଙ୍କ ସହ। ଦିଲ୍ଲୀସ୍ଥିତ ସିଭିଲ୍ ଲାଇନ୍ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଝିଆରୀ ଦମୟନ୍ତୀ ବେନ୍ ଯେତେବେଳେ ଏକ ଅଟୋରିକ୍ସାରୁ ଓହ୍ଲାଉଥିଲେ, ସେ ଛିନ୍‌ତାଇର ଶିକାର ହୋଇଥିବା ଜଣାପଡ଼ିଛି। ଲୁଟେରାମାନେ ଦମୟନ୍ତୀଙ୍କ ପର୍ସ ଛଡ଼ାଇ ନେଇଥିଲେ, ଯେଉଁଥିରେ ୫୬ହଜାର ନଗଦ ଟଙ୍କା ସହ ଦୁଇଟି ମୋବାଇଲ ଓ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ଥିଲା। ଏନେଇ ପୋଲିସ ନିକଟରେ ଅଭିଯୋଗ ହେବାପରେ ଦମୟନ୍ତୀ ପ୍ରଧାନମନ୍ତ୍ରୀ ମୋଦିଙ୍କ ଭାଇଙ୍କ ଝିଅ ବୋଲି ଜଣାପଡ଼ିଥିଲା। ଅଭିଯୋଗ ଅନୁସାରେ, ଦମୟନ୍ତୀ ଶନିବାର ଅମୃତସରରୁ ଦିଲ୍ଲୀ ଆସି ପହଞ୍ଚିଥିଲେ। ସିଭିଲ୍ ଲାଇନ୍‌ସ୍ଥିତ ଗୁଜରାଟୀ ସମାଜ ଭବନଠାରେ ତାଙ୍କର ରହିବା ବ୍ୟବସ୍ଥା ହୋଇଥିଲା। ତେବେ ଶନିବାର ସନ୍ଧ୍ୟାରେ ହିଁ ତାଙ୍କର ଅହମ୍ମଦାବାଦ ଫେରିଯିବାର ଥିଲା। ତେବେ ଦିଲ୍ଲୀ ପହଞ୍ଚିବା ପରେ ଅଟୋରିକ୍ସାରେ ଆସି ଗୁଜରାଟୀ ସମାଜ ସମ୍ମୁଖରେ ଓହ୍ଲାଇବା କ୍ଷଣି ହଠାତ୍ ଦୁଇଟି ବାଇକରେ ଦୁର୍ବୃତ୍ତମାନେ ଆସି ଏଭଳି କାଣ୍ଡ ଘଟାଇଥିଲେ। ଏନେଇ ଦମୟନ୍ତି ସ୍ଥାନୀୟ ଥାନାରେ ଛିନ୍‌ତାଇର ଅଭିଯୋଗ କରିଛନ୍ତି ଏବଂ ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ସିସିଟିଭି ଫୁଟେଜ୍ ରୁ ଚୋରକୁ ଧରିବାର ପ୍ରୟାସ କରୁଛି ପୋଲିସ। ପ୍ରକାଶଯୋଗ୍ୟ, ଘଟଣାସ୍ଥଳରୁ କିଛି କିଲୋମିଟର ଦୂରରେ ଦିଲ୍ଲୀ ଉପରାଜ୍ୟପାଳ ଅନିଲ ବଜାଜ୍ ଓ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବାସଭବନ ଅବସ୍ଥିତ।



# ଦୀପାବଳିରେ ପରଦାକୁ ଆସିବ 'ମେଡ୍ ଇନ୍ ଚାଇନା'



**ମୁମ୍ବାଇ:** ଦୀପାବଳି ଅବସରରେ ରିଲିଜ୍ ହେବ ରାଜକୁମାର ରାଓଙ୍କ ଅଭିନୀତ ଫିଲ୍ମ 'ମେଡ୍ ଇନ୍ ଚାଇନା'। ଶୁକ୍ରବାର ଏହାର ପ୍ରମୋ ରିଲିଜ୍ ହୋଇଛି। ଏଥିରେ ରାଜକୁମାରଙ୍କୁ ଜଣେ ସଂଘର୍ଷରତ ଗୁଜରାଟୀ ବ୍ୟବସାୟୀ ଭାବେ ଦେଖିବାକୁ ମିଳିବ। ବ୍ୟବସାୟ ବଢ଼ାଇବା ପାଇଁ ସେ କିଭଳି କୌଶଳ ଆପଣେଇଛନ୍ତି ଓ କିପରି ଜଣେ ବିରାଟ ଉଦ୍ୟୋଗପତି ହୋଇଛନ୍ତି ତାହା ଫିଲ୍ମର କାହାଣୀ ରହିଛି। ରିୟଲିଟି ଶୋ' ନାଗିନ୍‌ର ମୁଖ୍ୟ ନାୟିକା ମୋନି ରୟ ଫିଲ୍ମରେ ରାଜକୁମାରଙ୍କ ସ୍ତ୍ରୀ ରକ୍ମିଣୀ ଭୂମିକାରେ ନଜର ଆସିଛନ୍ତି। ସେହିଭଳି ପରେଶ ରାୱଲ ଓ ଗଜରାଜ ରାଓ ମୁଭିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଦୀପାବଳି ଅବସରରେ ରାଜକୁମାରଙ୍କ 'ମେଡ୍ ଇନ୍ ଚାଇନା' ସହିତ ତାପସୀ ପନ୍ନୁ ଓ ଭୂମି ପାଡେନକରଙ୍କ ଅଭିନୀତ 'ଷାଣ୍ଡ କି ଆଁଖ୍' ଏବଂ ଅକ୍ଷୟ କୁମାରଙ୍କ 'ହାଉସ୍‌ଫୁଲ୍-୪' ମୁକ୍ତିଲାଭ କରିବ। ଅନ୍ୟପଟେ ଭର୍ସାଟାଇଲ ଆକ୍ଟର ଆୟୁଷ୍ମାନ ଖୁରାନାଙ୍କ ଅଭିନୀତ 'ବାଲା' ଟ୍ରେଲର ମଧ୍ୟ ଶୁକ୍ରବାର ରିଲିଜ ହୋଇଛି। ଏଥିରେ ଆୟୁଷ୍ମାନଙ୍କୁ ଜଣେ ଚନ୍ଦା ବ୍ୟକ୍ତିଙ୍କ ଚରିତ୍ରରେ ଦେଖିବାକୁ ମିଳିଛି। ଚନ୍ଦାପଣ ଯୋଗୁ ବିଭିନ୍ନ ଜାଗାରେ ମଜାକ୍ ଉଡୁଥିବାବେଳେ ମୁଣ୍ଡରେ ନୂଆ ଚୁଟି ଉଠାଇବା ପାଇଁ ସେ କ'ଣ ସବୁ ଉପାୟ ଆପଣାଉଛନ୍ତି ଫିଲ୍ମରେ ତାହା ଦେଖିବାକୁ ମିଳିବ। ଅମର କୌଶିକ୍‌ଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମରେ ଭୂମି ପାଡେନକର, ୟାମି ଗୌତମ, ସୌରଭ ଶୁକ୍ଲା, ଜାଭେଦ୍ ଜାଫରୀଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ନଭେମ୍ବର ୭ ତାରିଖରେ ସିନେମା ଘରେ ଏହା ମୁକ୍ତିଲାଭ କରିବ।

## ସଂକ୍ଷେପରେ

### ବସୁମାତା ପକ୍ଷରୁ ଏସ୍‌ଏଚ୍‌ଜି ମହିଳାଙ୍କୁ ଛତା ବଣ୍ଟନ



ବିରିଡ଼ି,୧୨।୧୦(ଡି.ଏନ.ଏ.): ବିରିଡ଼ି ବ୍ଲକ ମଙ୍ଗୁଲିସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବସୁମାତା ପକ୍ଷରୁ ସ୍ୱୟଂସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ମହିଳାମାନଙ୍କୁ ଛତା ବଣ୍ଟନ କରାଯାଇଛି।

ଚେକାମାଳସ୍ଥିତ ମା' ଗାୟତ୍ରୀ ଏସଏଚଜି ଆନୁକୂଲ୍ୟରେ ଶନିବାର ଏକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସଡେଇଶାସନ ପଞ୍ଚାୟତ ଚେକାମାଳ ଗ୍ରାମର ମା' ଗାୟତ୍ରୀ, ଶ୍ରୀ ଗଣେଶ, ବାସୁଦେବ, ସାଇନାଥ ଓ ଉତ୍କଳ ଭାରତୀ ଏସଏଚଜିର ମୋଟ ୫୮ ମହିଳାଙ୍କୁ ଛତା ବଣ୍ଟନ କରାଯାଇଥିଲା। ଜଗତ୍‌ସିଂହପୁର ଏମପି ଡା. ରାଜଶ୍ରୀ ମଲ୍ଲିକ ଓ ବସୁମାତାର ସମ୍ପାଦକ ଗୟାଧର ମହାନ୍ତି ଉପସ୍ଥିତ ରହି ଛତା ବଣ୍ଟନ କରିଥିଲେ। ତାଙ୍କ ସହ ଲକ୍ଷ୍ମୀକାନ୍ତ ମହାନ୍ତି, ସାମାଜିକ କର୍ମୀ ରବୀନ୍ଦ୍ର ରାଉଳ, ନାରୀନେତ୍ରୀ ମାହେଶ୍ୱତା ଜେନା, ଜ୍ୟୋତି ଫେଡେରେଶନର ସବିତା ଦାସ, ମା' ଗାୟତ୍ରୀର ସଭାନେତ୍ରୀ ସବିତାବାଳା ସାହୁ, ସମ୍ପାଦିକା ନିରୁପମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ୧୯୯୩ ବ୍ୟାଚ୍‌ର ବନ୍ଧୁମିଳନ

କୁଜଙ୍ଗ,୧୨।୧୦(ସ୍ୱ.ପ୍ର.): ପଙ୍କପାଳ ଉଚ୍ଚ ବିଦ୍ୟାଳୟ ୧୯୯୩ ବ୍ୟାଚର ଏକ ବନ୍ଧୁମିଳନ ଉତ୍ସବ ଓ ଶିକ୍ଷକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ତତ୍କାଳୀନ ପ୍ରଧାନ ଶିକ୍ଷକ ଶରତ କୁମାର ମହାନ୍ତି ଉଦ୍‌ଘାଟନ କରି ଗତ ୨୬ ବର୍ଷ ତଳର ସ୍ମୃତିକୁ ଛାତ୍ରୀଛାତ୍ରଙ୍କ ସହ ବାଣ୍ଟିଥିଲେ। ପୁରାତନ ଶିକ୍ଷକ କୁଳମଣି ସାହୁ, ବାନାମ୍ବର ଶତପଥୀ, ଚୌଧୁରୀ ବିଜୟ ଚନ୍ଦ୍ର ମିଶ୍ର, ମୁରାରୀ ମିଶ୍ର, ଗୋବିନ୍ଦ ଚନ୍ଦ୍ର ସାହୁ, ଚୌଧୁରୀ ପଦ୍ମନାଭ ମିଶ୍ର, କର୍ମଚାରୀ ଭୋଳାନାଥ ନାୟକ ପ୍ରମୁଖ ନିଜ ଅନୁଭୂତି କହିବା ସହ ସେମାନଙ୍କ ପ୍ରେରଣାକୁ ପିଲାମାନେ ମନେ ରଖିଥିବାରୁ ପ୍ରଶଂସା କରିଥିଲେ। ବିଭୂତି ଭୂଷଣ ଦାସ ସଂଯୋଜନା କରିଥିଲେ। ବିପିନ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଲକ୍ଷ୍ମୀପ୍ରିୟା ମିଶ୍ର(ରୁବି) ଓ ଜିତେନ୍ଦ୍ର ପ୍ରସାଦ ସିଂହଙ୍କ ସମ୍ପାଦନାରେ ପ୍ରକାଶିତ ପତ୍ରିକା 'ସ୍ମୃତି ସୁରଭି'କୁ ଅତିଥି ଉନ୍ମୋଚନ କରିଥିଲେ। ପବିତ୍ର ରାଉତ, ଅଜୟ ସ୍ୱାଇଁ, ଶୁଭଲକ୍ଷ୍ମୀ ଦାସ, ସଞ୍ଜୟ ଓଝା, ସୁଶିଲ ମିଶ୍ର, ଶିବ ଚରଣ ପାତ୍ର, ସୁଜାତା ଦାଶ, ସ୍ମିତା ତ୍ରିପାଠୀ, ବାନାମ୍ବର ପାଳ, ପ୍ରଶାନ୍ତ ରାଉତ, ଅମରେଶ ମଲ୍ଲ ପ୍ରମୁଖ ନିଜ ଅନୁଭୂତି ବଖାଣିଥିଲେ। ସସ୍ମିତା ମଲ୍ଲ ଧନ୍ୟବାଦ ଦେଇଥିଲେ। ରମାକାନ୍ତ ପଟ୍ଟନାୟକ, ଲକ୍ଷ୍ମୀଧର ମହାପାତ୍ର, ସରୋଜ ସିଂହ, ମନୋଜ ପଟ୍ଟନାୟକ, ସସ୍ମିତା ପରିଡ଼ା, ସୁଷମା ସାହୁ, ଝୁନୁଲତା ସାହୁ ଓ ନାରାୟଣ ମହାଳି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ହାଇୱା ଧକ୍କାରେ ଛାତ୍ର ମୃତ, ୨ ଗୁରୁତର

ପାରାଦୀପ/କୁଜଙ୍ଗ,୧୨।୧୦(ସ୍ୱ.ପ୍ର.)

କଟକ-ପାରାଦୀପ ରାସ୍ତାର ଭୂତମୁଣ୍ଡାଇ ନିକଟ ବରେଇ ଛକଠାରେ ଶନିବାର ସକାଳ ୬ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ମାଲ ବୋଝେଇ ହାଇୱା ଧକ୍କାରେ ଜଣେ ୫ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ମୃତ ଛାତ୍ର ହେଲେ ଫୁଲବେଲାରୀର ସ୍ୱର୍ଗତ ନନ୍ଦ ପୃଷ୍ଟିଙ୍କ ଏକମାତ୍ର ପୁଅ କାହ୍ନୁ। ଆହତ ଛାତ୍ର ଦ୍ୱୟ ହେଲେ ସେହି ଗ୍ରାମର କେଦାର ସ୍ୱାଇଁଙ୍କ ପୁଅ ଓମ୍‌ପ୍ରକାଶ ଓ ଦିଲୀପ ପଟ୍ଟନାୟକଙ୍କ ପୁଅ ଦିବ୍ୟ। ସେମାନେ ମଧ୍ୟ ୫ମ ଶ୍ରେଣୀରେ ପଢନ୍ତି। ସକାଳେ ୩ ସାଙ୍ଗ ସାଇକେଲ ଯୋଗେ ଭୂତମୁଣ୍ଡାଇକୁ ଟ୍ୟୁଶନ ଯାଉଥିଲେ। ସେମାନେ ବରେଇ ରେଲ୍‌ୱେ ଲାଇନ୍ ପାସ କରି ରାସ୍ତାର ବାମପାର୍ଶ୍ୱରେ ଯାଉଥିବାବେଳେ ପଛପଟୁ ଦ୍ରୁତଗତିରେ ଆସୁଥିବା ଏକ ହାଇୱା (ନଂ.ଓଡ଼ି୨୧ଇ୧୬୧୫) ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ କାହ୍ନୁଙ୍କ ମୃତ୍ୟୁ ଘଟିଥିଲା। ଓମ୍‌ପ୍ରକାଶ ଓ ଦିବ୍ୟଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗିଛି। ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଉଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଏଥିସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଓ କଟକ-ପାରାଦୀପ ରାସ୍ତାରେ ଭାରିଯାନ ଚଳାଚଳ ଉପରେ କଟକଣା କଡ଼ାକଡ଼ି କରିବା ଦାବିରେ ରାସ୍ତାରୋକୋ କରିଥିଲେ। ଅପରାହ୍ନ ୨ଟାରେ ପ୍ରଶାସନ ପକ୍ଷରୁ କୁଜଙ୍ଗ ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା, ଲକ୍ ଥାନା ଅଧିକାରୀ ପ୍ରଭାସ ଚନ୍ଦ୍ର ସାହୁ ପୋଲିସ ଟିମ୍ ସହ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ଏମ୍‌ପିଙ୍କ ପ୍ରତିନିଧି ସୁଜଳ ସ୍ୱାଇଁ, ବାବାଜୀ ପୃଷ୍ଟି, ବାବୁଲି ରାୟ, ପୂର୍ବତନ ସରପଞ୍ଚ ସଞ୍ଜୟ ସ୍ୱାଇଁ, ସତ୍ୟ ପ୍ରକାଶ ମହାନ୍ତିଙ୍କ ସହ ବହୁ ମୁରବୀ ଶ୍ରେଣୀର ଲୋକଙ୍କ ଉପସ୍ଥିତିରେ ମୃତ ଛାତ୍ର କାହ୍ନୁଙ୍କ ମା' ସସ୍ମିତାଙ୍କୁ ଏସାରରେ ନିଯୁକ୍ତି ଦେବା ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ହାଇୱା ମାଲିକ ମୃତ ଛାତ୍ରଙ୍କ ପରିବାରକୁ କ୍ଷତିପୂରଣ ସହାୟତା ଓ ଆହତ ଛାତ୍ରଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ରାସ୍ତାରୋକୋ ଯୋଗୁ ଦୀର୍ଘ ୭ ଘଣ୍ଟା କାଳ କଟକ-ପାରାଦୀପ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ଗାଁରେ ଅତ୍ୟନ୍ତ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୋଲିସ ଉକ୍ତ ହାଇୱା ଜବତ କରିବା ସହ ଏକ ମାମଲା ନଂ. ୧୮୫/୧୯ ରୁଜୁ କରିଛି।



ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

- ■ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ
- ■ ଭାରିଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଉ

### କେନାଲ ରାସ୍ତା ବନ୍ଦ, ଗାଡ଼ି ଚାଳକଙ୍କ ଆଖି ଲାଗିଗଲା

ପ୍ରତିଦିନ ଏହି ଛାତ୍ରମାନେ ଭୂତମୁଣ୍ଡାଇ କେନାଲ ରାସ୍ତା ଦେଇ ଓଭର ବ୍ରିଜ୍ ତଳେ ଟ୍ୟୁଶନ ଯାଇଥାନ୍ତି। ମାତ୍ର ଗତ ଦୁଇ ସପ୍ତାହ ହେଲା ରାସ୍ତା ନିର୍ମାଣ ପାଇଁ ଏଆର୍‌ଏସ୍‌ଏସ୍ କମ୍ପାନୀ ଏହି ରାସ୍ତାରେ ମାଟି ସହ ଅନ୍ୟାନ୍ୟ ସାମଗ୍ରୀ ପକାଇଥିବାରୁ ରାସ୍ତା ଅବରୋଧ ହୋଇଯାଇଛି। ଫଳରେ ଛାତ୍ରମାନେ ବିପଦସଙ୍କୁଳ ରାସ୍ତାରେ ବଡ଼ିଭୋରରେ ଯାତାୟାତ କରୁଥିଲେ। ଅନ୍ୟପକ୍ଷରେ ଦୁର୍ଯୋଗବସତଃ ଭୋର ସମୟରେ ହାଇୱା ଚାଳକଙ୍କ ଆଖି ଲାଗିଯିବାରୁ ଏତେବଡ଼ ଦୁର୍ଘଟଣା ଘଟିଲା ବୋଲି କୁହାଯାଉଛି। ତେଣୁ ଏହି ରାସ୍ତାକୁ ତୁରନ୍ତ ଖୋଲିବାକୁ ପୂର୍ବତନ ସରପଞ୍ଚ ସଞ୍ଜୟ ସ୍ୱାଇଁ, ବରିଷ୍ଠ ବ୍ୟବସାୟୀ ନାରାୟଣ ସ୍ୱାଇଁ, ସୁରେଶ ଖଟୋଇ ପ୍ରମୁଖ ଦାବି କରିଛନ୍ତି।

### ଅଧୁରା ରହିଲା ନବୋଦୟ ଆଶା

ଫୁଲବେଲାରୀ ଗ୍ରାମର ନନ୍ଦ ପୃଷ୍ଟିଙ୍କ ଉଚ୍ଚ ରକ୍ତଚାପରେ ମୃତ୍ୟୁ ଘଟିଥିଲା। ତାଙ୍କ ସ୍ତ୍ରୀ ଶସ୍ମିତା ଏକ ମାତ୍ର ପୁଅ କାହ୍ନୁଙ୍କୁ ଚାହିଁ ବଞ୍ଚୁଥିଲେ। କାହ୍ନୁଙ୍କୁ ୭ ବର୍ଷ ବୟସ ହୋଇଥିବାବେଳେ ତାଙ୍କ ପିତାଙ୍କ ଅକାଳ ବିୟୋଗ ଘଟିଥିଲା। ତେବେ ଶସ୍ମିତା ଦୃଢମନା ହୋଇ ପୁଅକୁ ମଣିଷ କରିବାକୁ ଅଣ୍ଟା ଭିଡ଼ିଥିଲେ। ଗ୍ରାମରେ ପିଲାଙ୍କୁ ଟ୍ୟୁଶନ କରି ସେ ଗୁଜୁରାଣ ମେଣ୍ଟାଉଥିଲେ। ଇଚ୍ଛା ଥିଲା ପୁଅକୁ ଭଲ ପାଠ ପଢାଇ ରାହାମାସ୍ଥିତ ନବୋଦୟ ସ୍କୁଲରେ ନାମ ଲେଖାଇବେ। ଏଥିପାଇଁ ୩ ବର୍ଷ ତଳୁ ପୁଅକୁ ପ୍ରସ୍ତୁତ କରାଇଥିଲେ। ଏପରିକି ନବୋଦୟ ପରୀକ୍ଷା ନିମନ୍ତେ ଫର୍ମ ପକାଇଥିଲେ। ମାତ୍ର ଦୁର୍ଘଟଣାରେ କାହ୍ନୁଙ୍କ ମୃତ୍ୟୁ ଘଟିବା ଫଳରେ ସବୁ ଆଶା ଅଧୁରା ରହିଗଲା।



### ଗୁଜରାଟ ଓ ବାଙ୍ଗାଲୋରରୁ ୨ ନାବାଳିକା ଉଦ୍ଧାର

**୨ ଅଭିଯୁକ୍ତ କୋର୍ଟଚାଲାଣ**

ଏରସମା,୧୨।୧୦(ସ୍ୱ.ପ୍ର.)

ଏରସମା ଥାନା ଅଞ୍ଚଳର ୨ ଜଣ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ୨ଟି ଭିନ୍ନ ଭିନ୍ନ ଅଭିଯୋଗ ହୋଇଥିଲା। ପୋଲିସ ଅପହୃତ ନାବାଳିକାଙ୍କ ମଧ୍ୟରୁ ଜଣଙ୍କୁ ଗୁଜରାଟ ଓ ଅନ୍ୟ ଜଣଙ୍କୁ ବାଙ୍ଗାଲୋରରୁ ଉଦ୍ଧାର କରିଛି। ଏଥିସହ ସେମାନଙ୍କୁ ଅପହରଣ କରିଥିବା ଅଭିଯୋଗରେ ୨ ଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୋଗ ଅନୁଯାୟୀ, ଏରସମା ଥାନା ଅଞ୍ଚଳର ସୁଶାନ୍ତ ମଲ୍ଲିକ ଓରଫ ଚନ୍ଦନ ୨୦୧୯ ଅଗଷ୍ଟ ୨ରେ ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରିନେଇଥିଲେ। ଛାତ୍ରୀଙ୍କ ପରିବାର ଲୋକଙ୍କ ଅଭିଯୋଗ ପରେ ପୋଲିସ ଏନେଇ ମାମଲା ନଂ. ୧୧୮/୧୯ ରୁଜୁ କରିଥିଲା। ଶୁକ୍ରବାର ଆଇଆଇସି ପ୍ରଶାନ୍ତ କୁମାର ମାଝିଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍‌ଆଇ ଚନ୍ଦ୍ରମଣି ସାହୁ ସଦଳବଳ ଗୁଜରାଟ ଯାଇ ସୁଶାନ୍ତଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ସେହିପରି ଅକ୍ଟୋବର ୧୦ରେ ଏହି ଥାନା ଅଞ୍ଚଳର ଜିତେନ୍ଦ୍ର ଜେନା ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରିନେଇଥିବା ଅଭିଯୋଗ ହୋଇଥିଲା। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଏସଆଇ ଦୀନେଶ ପଣ୍ଡା ସଦଳବଳ ବାଙ୍ଗାଲୋର ଯାଇ ଜିତେନ୍ଦ୍ରଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଶନିବାର ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏଥିସହ ନାବାଳିକା ଦ୍ୱୟଙ୍କୁ ଡାକ୍ତରୀ ମାଇନା କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

**ଏସ୍.ଇ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: (୧) ଟିଆର୍‌ଏସ୍-ବିଏନ୍‌ଡିଏମ୍-୦୬-୨୦୧୯-୨୦, (୨) ଟିଆର୍‌ଏସ୍-ବିଏନ୍‌ଡିଏମ୍-୦୭-୨୦୧୯-୨୦। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆର୍‌ଏସ୍), ଏସ୍.ଇ. ରେଳପଥ, ବଣ୍ଡମୁଣ୍ଡାଙ୍କ ଦ୍ୱାରା ଆମନ୍ତ୍ରଣ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫର୍‌କୁ ଅଣଦେଖା କରିଦିଆଯିବ। **କ୍ର.ସଂ. ଓ କାର୍ଯ୍ୟର ବିବରଣୀ:** (୧) ଇଏଲ୍‌ଏସ୍/ବିଏନ୍‌ଡିଏମ୍ ର ଇଲେକ୍ଟ୍ରିକ୍ ଲୋକୋମୋଟିଭ୍‌ର ପ୍ରମୁଖ ଉପକରଣଗୁଡ଼ିକର ସଫେଇ। (୨) ଇଏଲ୍‌ଏସ୍/ବିଏନ୍‌ଡିଏମ୍‌ର ୦୧ ଗୋଟି ୨୫୦ କେଭିଏ ଡିଜେଲ ଜେନେରେଟର ସେଟ୍‌ର ବାର୍ଷିକ ରକ୍ଷଣାବେକ୍ଷଣ ଠିକା। **କାର୍ଯ୍ୟର ଆନୁମାନିକ ମୂଲ୍ୟ:** ଟ.୧,୯୯,୩୬,୮୬୬.୦୦ (କ୍ର.ସଂ. ୧ ପାଇଁ) ଏବଂ ଟ.୧,୩୬,୫୨୩.୮୮ (କ୍ର.ସଂ. ୨ ପାଇଁ)। **ଅମାନତ ରାଶି:** ଟ.୨,୪୯,୭୦୦/- (କ୍ର.ସଂ. ୧ ପାଇଁ) ଏବଂ ଟ.୨,୭୦୦/- (କ୍ର.ସଂ. ୨ ପାଇଁ)। **ଇ-ଟେଣ୍ଡରର ସମାପ୍ତି ତାରିଖ ଓ ସମୟ:** ତା୦୮।୧୧।୨୦୧୯ରିଖ ୧୫.୦୦ ଘଟିକା (ଉଭୟ ପାଇଁ)। **ୱେବ୍‌ସାଇଟ୍ ସୂଚନା ଓ ବିବରଣୀ:** http://www.ireps.gov.in (PR-847)

# ଜଳକ୍ରୀଡ଼ା ପ୍ରଶିକ୍ଷାର୍ଥୀଙ୍କ ମହାନଦୀ ସଫେଇ



ଜଳକ୍ରୀଡ଼ା ପ୍ରଶିକ୍ଷାର୍ଥୀମାନେ ମହାନଦୀ ଜଳ ସଫେଇ କରୁଛନ୍ତି।

ପାରାଦୀପ,୧୨।୧୦(ସ୍ୱ.ପ୍ର.)

ପାରାଦୀପ ଉପକଣ୍ଠ ଚଉମୁହାଣିଠାରେ ଚାଲିଥିବା ଜଳକ୍ରୀଡ଼ା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ଦ୍ୱିତୀୟ ଦିବସରେ ପହଞ୍ଚିଛି। ଏହି ଦିବସରେ ୫୧ ଜଣ ପ୍ରଶିକ୍ଷାର୍ଥୀଙ୍କୁ ବିଭିନ୍ନ ପ୍ରକାର କ୍ରୀଡ଼ା କୌଶଳ ଶିକ୍ଷା ଦେଇଛନ୍ତି ସ୍କୁବା ଡାଇଭର ସବିର ବକ୍ସ। ପାଣିରେ ବିପଜ୍ଜନକ କ୍ରୀଡ଼ା ବେଳେ କିପରି ସୁରକ୍ଷାକୁ ଧ୍ୟାନ ଦିଆଯିବ, ପାଣି ଭିତରେ କିପରି ଜଳଜୀବଙ୍କଠାରୁ ରକ୍ଷା ପାଇବ ଆଦି ବିଷୟରେ ସେ ତାଲିମ ଦେଇଥିଲେ। ପରେ ମହାନଦୀରେ କଳିଙ୍ଗ ଡାଇଭର୍ସର ପ୍ରଶିକ୍ଷକ ଓ ପ୍ରଶିକ୍ଷାର୍ଥୀମାନେ ସଫେଇ କାର୍ଯ୍ୟ କରିଥିଲେ।

ବନ୍ୟା ଜଳରେ ଭାସି ଆସିଥିବା ପ୍ଲାଷ୍ଟିକ ଆବର୍ଜନାକୁ ସେମାନେ ନଦୀରୁ ବାହାର କରିଥିଲେ। ଏହି ସଫେଇରେ ପ୍ରାୟ ୨ ବସ୍ତା ପ୍ଲାଷ୍ଟିକ ଆବର୍ଜନା ବାହାରିଥିଲା। ଓଡ଼ିଶାର ଜୀବନରେଖା ମହାନଦୀରେ ଜଳ ସଙ୍କଟ ପାଇଁ ଯେତେ ଚର୍ଚ୍ଚା ହେଉଛି, ସେହି ମାତ୍ରାରେ ତାହାର ଯତ୍ନ ନିଆଯାଉନାହିଁ। ଫଳରେ ଏହି ନଦୀରେ ଏବେ ପ୍ରବଳ ଆବର୍ଜନା ମିଶୁଛି। ସେସବୁ ସଫେଇ କରାଯିବା ଆବଶ୍ୟକ ବୋଲି ସବିର କହିଛନ୍ତି।

# ପ୍ରଧାନମନ୍ତ୍ରୀ ଆବାସ ପାଇଁ ଟଙ୍କା ଆଦାୟ ଅଭିଯୋଗ

ତିର୍ତ୍ତୋଲ,୧୨।୧୦ (ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକର ବିଭିନ୍ନ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ପ୍ରଦାନ ପାଇଁ ହିତାଧିକାରୀଙ୍କଠାରୁ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ବ୍ଲକରେ ନିଯୁକ୍ତ ଅସ୍ଥାୟୀ କର୍ମଚାରୀମାନେ କମ୍ ଦରମା ପାଉଥିବାରୁ ସେମାନଙ୍କୁ ଟଙ୍କା ନ ଦେଲେ ସୁବିଧାରେ ବିଲ୍ ହେବ ନାହିଁ ବୋଲି କହି ବହୁ କୁଜିନେତା ଓ ମଧ୍ୟସ୍ଥ ହିତାଧିକାରୀଙ୍କୁ ଶୋଷଣ କରୁଛନ୍ତି। କୁଜିନେତାମାନେ ରାଜନୈତିକ ହସ୍ତକ୍ଷେପ ସହ ବ୍ଲକର ଅସ୍ଥାୟୀ କର୍ମଚାରୀମାନେ ଟଙ୍କା ନ ନେଲେ ବିଲ୍ କରୁନାହାନ୍ତି ବୋଲି କହୁଛନ୍ତି। ହିତାଧିକାରୀମାନେ ମଧ୍ୟ ଶୀଘ୍ର ବିଲ୍ ପାଇବା ପାଇଁ ଏମାନଙ୍କୁ ଟଙ୍କା ଦେବାକୁ ବାଧ ହେଉଛନ୍ତି। ତେବେ କେତେକ ହିତାଧିକାରୀ ଟଙ୍କା ଦେବା ପରେ ମଧ୍ୟ କାର୍ଯ୍ୟ ନ ହେବାରୁ ଏକଥା ପଦାକୁ ଆସିଛି। ବ୍ଲକର ଅସ୍ଥାୟୀ କର୍ମଚାରୀମାନଙ୍କୁ ଆଳ କରି ଏହି କାରବାର ଚାଲିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନିମନ୍ତେ କୌଣସି ଅସ୍ଥାୟୀ କର୍ମଚାରୀ ନ ଥିବାବେଳେ କେଉଁ ଉଦ୍ଦେଶ୍ୟରେ ଅସ୍ଥାୟୀ କର୍ମଚାରୀଙ୍କ ନାମରେ ଟଙ୍କା ଆଦାୟ କରାଯାଉଛି ତାହା ହିତାଧିକାରୀଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବିଡିଓ ରଞ୍ଜନ କୁମାର ପରିଡାଙ୍କୁ ପଚାରିବାରୁ ସେ କହିଲେ ଯେ, ଗ୍ରାମ୍ୟ ଗୃହ ନିର୍ମାଣ ବିଭାଗରେ ଅସ୍ଥାୟୀ ଅଧିକାରୀ ନାହାନ୍ତି। ୨ବର୍ଷ ତଳୁ ସେମାନେ ନିଯୁକ୍ତି ପାଇ କାର୍ଯ୍ୟ କରୁଛନ୍ତି। ଅର୍ଥ ଆଦାୟ ସମ୍ପର୍କରେ ନିର୍ଦ୍ଦିଷ୍ଟ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଶ୍ରୀକୃଷ୍ଣପୁର ସରପଞ୍ଚ ନିଲମ୍ବିତ

ମାହାଙ୍ଗା,୧୨।୧୦(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଶ୍ରୀକୃଷ୍ଣପୁର ପଞ୍ଚାୟତର ସରପଞ୍ଚ ରଞ୍ଜିତା ମହାନ୍ତିଙ୍କୁ ନିଲମ୍ବନ କରାଯାଇଛି। ପଞ୍ଚାୟତରେ ପଲ୍ଲିସଭା ଠିକ୍ ଭାବେ ନ କରିବା ଓ ବିଭିନ୍ନ କାର୍ଯ୍ୟରେ ଅନିୟମିତତା କରିଥିବା ଅଭିଯୋଗରେ ତାଙ୍କୁ ଜିଲା ପଞ୍ଚାୟତ ଅଧିକାରୀ ନିଲମ୍ବିତ କରିଛନ୍ତି। ତାଙ୍କ ସ୍ଥାନରେ ନାଏବ ସରପଞ୍ଚଙ୍କୁ ପଞ୍ଚାୟତ ଦାୟିତ୍ୱ ଦିଆଯାଇଛି।

**ପୂର୍ବ ତଟ ରେଳପଥ**

**ଭଡ଼ା ସୂତ୍ରରେ ଗାଡ଼ି**

ଫାଇଲ ସଂ. DRM/Engg/KUR/19-18/E-Tender/36, ତା: 04.10.2019

(1) ଟେଣ୍ଡର ବିଜ୍ଞପ୍ତି ସଂ. e-Tender- BR KUR-247-2019, ତା: 01.10.2019

**ବିବରଣୀ :** 2 ବର୍ଷ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର (ବ୍ରିଜ୍)/ଭଦ୍ରକ ଏବଂ କେନ୍ଦୁଝରଗଡ଼ଙ୍କ ବିଭାଗୀୟ ବ୍ୟବହାର ନିମନ୍ତେ 2 ସଂଖ୍ୟକ ହାଲୁକା ମୋଟର ସଡ଼କ ଗାଡ଼ି (ଟାଟା-207 DI କିମ୍ବା ସମତୁଲ୍ୟ / ଉଚ୍ଚ କ୍ଷମତା ବିଶିଷ୍ଟ) ଭଡ଼ା ସୂତ୍ରରେ ନେବା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹20.01 ଲକ୍ଷ, EMD : ₹40,000.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹3,540.00, କାର୍ଯ୍ୟ ସମାପ୍ତିର ଅବଧି : 24 (ଚବିଶି) ମାସ।

(2) ଟେଣ୍ଡର ବିଜ୍ଞପ୍ତି ସଂ. e-Tender- BR KUR-248-2019, ତା: 01.10.2019

**ବିବରଣୀ :** 2 ବର୍ଷ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର (ବ୍ରିଜ୍)/କଟକ-I ଏବଂ II ଙ୍କ ବିଭାଗୀୟ ବ୍ୟବହାର ନିମନ୍ତେ 2 ସଂଖ୍ୟକ ହାଲୁକା ମୋଟର ସଡ଼କ ଗାଡ଼ି (ଟାଟା-207 DI କିମ୍ବା ସମତୁଲ୍ୟ / ଉଚ୍ଚ କ୍ଷମତା ବିଶିଷ୍ଟ) ଭଡ଼ା ସୂତ୍ରରେ ନେବା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹20.01 ଲକ୍ଷ, EMD : ₹40,000.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹3,540.00, କାର୍ଯ୍ୟ ସମାପ୍ତିର ଅବଧି : 24 (ଚବିଶି) ମାସ।

(3) ଟେଣ୍ଡର ବିଜ୍ଞପ୍ତି ସଂ. e-Tender- BR KUR-249-2019, ତା: 01.10.2019

**ବିବରଣୀ :** 2 ବର୍ଷ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର (ବ୍ରିଜ୍)/ଉତ୍ତର/ଖୋର୍ଦ୍ଧା ରୋଡ୍ ଏବଂ ଦକ୍ଷିଣ / ଖୋର୍ଦ୍ଧା ରୋଡ୍ ଙ୍କ ବିଭାଗୀୟ ବ୍ୟବହାର ନିମନ୍ତେ 2 ସଂଖ୍ୟକ ହାଲୁକା ମୋଟର ସଡ଼କ ଗାଡ଼ି (ଟାଟା-207 DI କିମ୍ବା ସମତୁଲ୍ୟ / ଉଚ୍ଚ କ୍ଷମତା ବିଶିଷ୍ଟ) ଭଡ଼ା ସୂତ୍ରରେ ନେବା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹23.12 ଲକ୍ଷ, EMD : ₹46,300.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹3,540.00, କାର୍ଯ୍ୟ ସମାପ୍ତିର ଅବଧି : 24 (ଚବିଶି) ମାସ।

**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) :** ତା 23.10.2019 ର 1500 ଘ. ରେ

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ଦଶ ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ଖୋର୍ଦ୍ଧା ରୋଡ୍

PR-427/K/19-20

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. EOP/SFC/TIG/TN/1/19, ତା: 04.10.2019

**କାର୍ଯ୍ୟର ନାମ :** ଟିଟିଲାଗଡ଼ ସ୍ଥିତ ଲୋକୋମୋଟିଭ୍ (ଇଂଜିନ୍) ଗୁଡ଼ିକର ବାଲି ବାକ୍ସ (Sand Boxes)ରେ ଆବଶ୍ୟକୀୟ ବିନିର୍ଦ୍ଦେଶନ ଅନୁଯାୟୀ ମାର୍ଗରେ ବାଲି ଯୋଗାଣ ଏବଂ ଭରିବା କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹97,28,645.08, EMD : ₹1,94,600.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹5,900.00, କାର୍ଯ୍ୟ ସମାପ୍ତିର ଅବଧି: 02 (ଦୁଇ) ବର୍ଷ (731 ଦିନ)

**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :** ତା 30.10.2019 ରିଖ 1530 ଘଟିକା

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm) ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ଦଶ ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ସିନିୟର ଡିଭିଜନାଲ୍ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର(G), ସମ୍ବଲପୁର

PR-426/K/19-20

**ପୂର୍ବ ତଟ ରେଳପଥ**

**ଭଡ଼ା ସୂତ୍ରରେ ଗାଡ଼ି**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-13-19

**କାର୍ଯ୍ୟର ନାମ :** 2 ବର୍ଷ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ଇଲେକ୍ଟ୍ରିକାଲ (G) ବିଭାଗ ଅଧୀନରେ କଟକ ଏବଂ ଖୋର୍ଦ୍ଧା ରୋଡ୍ ଠାରେ ନିୟୋଜିତ ହୋଇ ରେଳବାଇ ସାମଗ୍ରୀ ପରିବହନ କରିବା ପାଇଁ 02 ସଂଖ୍ୟକ ଟ୍ରକ୍ (4 ଟନ୍ ବୋଝେଇ କ୍ଷମତା ବିଶିଷ୍ଟ) ଭଡ଼ା ସୂତ୍ରରେ ନେବା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹27,37,363.20, EMD : ₹54,800.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹3,540.00, କାର୍ଯ୍ୟ ସମାପ୍ତିର ଅବଧି: 24 ମାସ।

**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :** ତା 30.10.2019 ରିଖ 1500 ଘଟିକା

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm) ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ଦଶ ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (G), ଖୋର୍ଦ୍ଧା ରୋଡ୍

PR-425/K/19-20

# ପିଆଇସିଟିରେ ଚାକିରି ଦେବା ନାଁରେ ଠକେଇ

ପାରାଦୀପ,୧୨।୧୦(ସ୍ୱ.ପ୍ର.)

ପାରାଦୀପ ବନ୍ଦରରେ ୩୦ ବର୍ଷିୟା ବର୍ଥ ନେଇଥିବା ପିଆଇସିଟି (ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ) କମ୍ପାନୀରେ ଚାକିରି କରାଇଦେବା ନାଁରେ ଜଣେ ଯୁବକ ୪୬ ଜଣଙ୍କୁ ଭୁଆଁ ବୁଲାଇଛନ୍ତି। ସମସ୍ତଙ୍କଠାରୁ ସେ ୨୦ ହଜାର ଟଙ୍କା ଲେଖାଏ ଆଦାୟ କରି ନେଇଥିବା ଅଭିଯୋଗ ହୋଇଛି। ଏପରିକି ଟଙ୍କା ଦେଇଥିବା ୪୬ ଜଣଙ୍କୁ ଭରସା ଦେବା ପାଇଁ ନକଲି ଉପସ୍ଥାନ ସିଟ୍, ସୁରକ୍ଷା ପାଇଁ ଦିଆଯାଉଥିବା ରଙ୍ଗିନ ଜ୍ୟାକେଟ, ଦରମା ସ୍ଲିପ ଆଦି ପ୍ରଦାନ କରିଥିଲେ। ଏଥିରେ ପିଆଇସିଟି କମ୍ପାନୀର ନାମ ଓ ଏଚ୍‌ଆର ସିଲ୍ ଆଦି ବ୍ୟବହାର କରିଥିଲେ। ଆଶ୍ଚର୍ଯ୍ୟର କଥା ହେଉଛି, ୪ ମାସ ହେଲା ୪୬ ଜଣ ଡ୍ୟୁଟିକୁ ଆସୁଥିଲେ। କିନ୍ତୁ ସେମାନେ ପିଆଇସିଟି କମ୍ପାନୀ ପାଖରେ ଥିବା ହନୁମାନ ମନ୍ଦିର ପିଣ୍ଡିରେ ବସି ଘରକୁ ଫେରୁଥିଲେ। ଦରମା ସମୟ ଆସିଲେ ଅଭିଯୁକ୍ତ ଯୁବକ ସମୟ ଗଡ଼ାଇ ଚାଲିଥିଲେ। ଏଥିରେ ଅତିଷ୍ଠ ହୋଇ ସେହି ୪୬ ଜଣ ଶନିବାର ସ୍ଥାନୀୟ ଜଟାଧାର ମୁହାଣ ସାମୁଦ୍ରିକ ଥାନା ସମ୍ମୁଖରେ ବିକ୍ଷୋଭ କରିଥିଲେ। ଏଥିସହ ଅଭିଯୁକ୍ତ ଯୁବକଙ୍କୁ ଆଣି ପୋଲିସ ଜିମା ଦେଇଥିଲେ। ସେ ହେଲେ କୁଜଙ୍ଗ ଥାନା ଗଣ୍ଡିକିପୁର କାବୁଲପୁରର ବିଶ୍ୱରଞ୍ଜନ ମହାପାତ୍ର। ଠକେଇର ଶିକାର ହୋଇଥିବା ୪୬ ଜଣ ଯୁବକ ଭୂତମୁଣ୍ଡାଇ ଓ କୁଜଙ୍ଗ ଅଞ୍ଚଳର।

ଏ ସମ୍ପର୍କରେ ଠକେଇର ଶିକାର ହୋଇଥିବା ଗଗନ ସେନାପତି ଓ ବଳରାମ ମାଝି ପ୍ରମୁଖ କହିଛନ୍ତି ଯେ, ପିଆଇସିଟିରେ ଚାକିରି ଦେବା ପାଇଁ କହି ବିଶ୍ୱରଞ୍ଜନ ଗତ ଜୁଲାଇ ମାସରେ ସେମାନଙ୍କଠାରୁ ୨୦ହଜାର ଟଙ୍କା ଲେଖାଏ ନେଇଥିଲେ। ପ୍ରତିଦିନ ଡ୍ୟୁଟିକୁ ଆସୁଥିଲେ ମଧ୍ୟ ସେମାନଙ୍କୁ କୌଣସି କାମ ଦିଆଯାଉ ନ ଥିଲା। ପଚାରିବାରେ କେତେକ ଠିକାସଂସ୍ଥାର ନାମ ଓ ଜଣେ ଶ୍ରମିକନେତାଙ୍କ ନାମ କହି ବିଶ୍ୱରଞ୍ଜନ କଥା ବୁଲାଇ ଚାଲିଥିଲେ। ଏପରି କି କାମ ନ କଲେ ମଧ୍ୟ ଦରମା ମିଳିବ ବୋଲି ଭରସା ଦେଇଥିଲେ। ୨ ଜଣଙ୍କୁ ଦରମା ବାବଦରେ ୪ହଜାର ଓ ୧୦ ହଜାର ଟଙ୍କା ମଧ୍ୟ ଦେଇଥିଲେ। ଏମିତି ୪ ମାସ ବିତିଗଲା। ସନ୍ଦେହ ହେବାରୁ କମ୍ପାନୀର ଲୋକଙ୍କ ସହ କଥା ହେବା ପରେ ଠକେଇ ସମ୍ପର୍କରେ ଜଣାପଡ଼ିଥିଲା। ଅନ୍ୟପକ୍ଷରେ ଏପରି ଠକେଇକୁ ଅଭିଯୁକ୍ତ ବିଶ୍ୱରଞ୍ଜନ ସ୍ୱୀକାର କରିଛନ୍ତି। ପୋଲିସ ତାଙ୍କୁ ଅଟକ ରଖିଛି। ଏ ସମ୍ପର୍କରେ ପିଆଇସିଟିର ମାନବ ସମ୍ବଳ ଅଧିକାରୀ କୁଳମଣି ପଣ୍ଡା କହିଛନ୍ତି ଯେ, ଆମ କମ୍ପାନୀରେ କୌଣସି ପଦବୀ ଖାଲିନାହିଁ କି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆମେ ଜାଣିନାହୁଁ। ଆମ କମ୍ପାନୀର ନାମ ଓ ସିଲ୍ ବ୍ୟବହାର କରାଯାଇଥିବା ଶନିବାର ଜାଣିଲୁ। ତାଙ୍କ ବିରୋଧରେ କମ୍ପାନୀ ପକ୍ଷରୁ ଅଭିଯୋଗ କରାଯିବ। ଏପରି କୌଣସି ଲୋକଙ୍କ କଥାରେ କେହି ବିଶ୍ୱାସ ନ କରିବାକୁ ସେ ନିବେଦନ କରିଛନ୍ତି। ଥାନା ଅଧିକାରୀ ଭରତ କୁମାର ବେହେରା କହିଛନ୍ତି ଯେ, ଆମେ ସମ୍ପୃକ୍ତ ଯୁବକଙ୍କ ସମ୍ପର୍କରେ ଅଧିକ ଖୋଳତାଡ଼ କରୁଛୁ। ତାଙ୍କ ବ୍ୟାଙ୍କ ଡିଟେଲ୍ସ ମଗାଯାଇଛି। ସବୁ ତଥ୍ୟ ହସ୍ତଗତ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଠକେଇର ଶିକାର ହୋଇଥିବା ଯୁବକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।



ବିଶ୍ୱରଞ୍ଜନ ମହାପାତ୍ର।

- ■ ୪୬ ଜଣଙ୍କୁ ଭୁଆଁ ବୁଲାଇଲେ ଯୁବକ
- ■ ଅଭିଯୁକ୍ତଙ୍କୁ ପୋଲିସ ଜିମା
- ■ କମ୍ପାନୀର ନାଁ, ସିଲ୍ ଓ ନକଲି କାଗଜପତ୍ର ବ୍ୟବହାର କରୁଥିଲେ



ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେହି ସଂକ୍ଷେପରେ କଥାଟିଏ କହିଦେଇ ପାରେ।
- ବ୍ୟାସକବି ଫକୀରମୋହନ

## ସଂକ୍ଷେପରେ

### ବିଦ୍ୟୁତ୍ ଶର୍ଟସର୍କିଟରୁ ଜଳିଗଲା ଘର



ରସୁଲପୁର,୧୨।୧୦(ଡିଏନ୍ଏ): ରସୁଲପୁର ବ୍ଲକ ବଡକଇଁଚି ପଞ୍ଚାୟତ ଗୋପିନାଥପୁର ଗ୍ରାମରେ ଶନିବାର ସନ୍ଧ୍ୟା ସାଢେ ୭ଟାରେ ଅଗ୍ନିକାଣ୍ଡ ଘଟି ୨ବଖରା ଚାଳଘର ପୋଡି ପାଉଁଶ ହୋଇଯାଇଛି। ହେଲେ ଗୃହକର୍ତ୍ତା ବାବୁଲି ସାହୁ ଓ ଗୌରାଙ୍ଗ ସାହୁଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଗୁହାଳରେ ବନ୍ଧା ଯାଇଥିବା ଗୃହପାଳିତ ପଶୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏ ସମ୍ପର୍କରେ ଖବର ପାଇ ରସୁଲପୁର ଦମକଳ କେନ୍ଦ୍ରବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲଭାଇ ଥିଲେ। ଗ୍ରାମବାସୀ ପକ୍ଷରୁ ନିଆଁକୁ ଆୟତ୍ତ କରିବାରେ ସହାୟତା ପ୍ରଦାନ କରାଯାଇଥିଲା। ଅଗ୍ନିକାଣ୍ଡରେ ହୋଇଥିବା କ୍ଷୟକ୍ଷତିର ପରିମାଣ ଆନୁମାନିକ ୫୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି।

### ଅନ୍ତର୍ଜାତୀୟ ଗାନ୍ଧୀ ପିସ୍ ଆମ୍ବାସାଡର ସମିଟ ଯାଜପୁରରୁ ଯୋଗଦେଲେ ଦୁଇ ଯୁବକ

ଯାଜପୁର ଟାଉନ,୧୨।୧୦(ଡିଏନଏ): ନେପାଳର ରାଜଧାନୀ କାଠମାଣ୍ଡୁଠାରେ ୩ଦିନ ଧରି ଅନ୍ତର୍ଜାତୀୟ ଗାନ୍ଧୀ ପିସ ଆମ୍ବାସଡର ସମିଟ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲା ବରୀ ଅଞ୍ଚଳର ଗାନ୍ଧୀ ସଂଗ୍ରାହକ ଅଶୋକ କୁମାର ସାହୁ ଓ ପେପରମ୍ୟାନ ତଥା ପିସ ଆମ୍ବାସଡର ଶଶାଙ୍କ ଶେଖର ଦାଶ ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ନିମନ୍ତ୍ରିତ ହୋଇ ଯୋଗ ଦେଇଥିଲେ। ସେଠାରେ ସାହୁ ଓ ଦାଶ ଓଡିଶାରେ ମହାତ୍ମାଗାନ୍ଧୀଙ୍କ ପଦଯାତ୍ରା ବିଶେଷ କରି ସ୍ୱାଧିନତା ପୂର୍ବରୁ ଗାନ୍ଧୀଜୀଙ୍କ ବରୀକୁ ଆଗମନ ଓ ତାଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ଏହି କାର୍ଯ୍ୟକ୍ରମରେ ବିଶେଷ ଭାବେ ଆଲୋଚନା କରିଥିଲେ। ଗାନ୍ଧୀ ସଂଗ୍ରାହକ ସାହୁ ତାଙ୍କର ସଂଗ୍ରହଗୁଡିକୁ ଏହି କାର୍ଯ୍ୟକ୍ରମରେ ପ୍ରଦର୍ଶନ କରିଥିଲେ। ସାହୁଙ୍କ ଦ୍ୱାରା ସଂଗୃହୀତ ଗାନ୍ଧୀଜୀଙ୍କ ଉପରେ ଡାକ ଟିକେଟ, ପ୍ରଥମ ଦିବସ ଲଫାପା, ବହି ଓ ଖବରକାଗଜ କଟିଂଗୁଡିକୁ ଆମ୍ବାସଡରମାନେ ଦେଖି ଅନେକ ନୂଆ କଥା ଜାଣିବାକୁ ପାଇଥିଲେ। ସେହିଭଳି ପେପରମ୍ୟାନ ଦାଶ ନିଜ ରଚିତ 'ଗାନ୍ଧୀଜୀ ଜଣେ ସାମ୍ବାଦିକ' ପ୍ରବନ୍ଧ ପାଠ କରିଥିବାବେଳେ ତାହା ମଧ ସେଠାରେ ବେଶ୍ ଆଦୃତ ହୋଇଥିଲା। ଅକ୍ଟୋବର ୭ରୁ ୯ ତାରିଖ ୩ଦିନ ଧରି ଏହି ସମିଟରେ ୯ଟି ଦେଶର ୬୨ ଜଣ ପ୍ରତିନିଧି ଓ ତାଙ୍କ ସହଯୋଗୀ ମାନେ ଯୋଗଦେଇଥିବାବେଳେ ବରୀର ଏହି ୨ ଯୁବକ ବିନା ସରକାରୀ ସହାୟତାରେ ଉକ୍ତ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଯାତାୟାତ ଓ ଅନ୍ୟାନ୍ୟ ଖର୍ଚ୍ଚ ତୁଲାଇବାକୁ ୨ ଯୁବକ ଅକ୍ଷମ ଥିବାରୁ ଏନେଇ ସରକାରୀ ସହାୟତା ଦେବାକୁ ଜିଲା ପ୍ରଶାସନ ଓ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶକଙ୍କୁ ମଧ ଅନୁରୋଧ କରିଥିଲେ ମଧ ସେମାନଙ୍କ ନିବେଦନକୁ କେହି ରଖି ନ ଥିଲେ ବୋଲି ଯୁବକ ଦ୍ୱୟ ଦୁଃଖ ପ୍ରକାଶ କରିଛନ୍ତି।

## ଆଳିପିଙ୍ଗଳ-ଦେବୀଦୋଳ ରାସ୍ତା ମରଣଯନ୍ତା

# ଭାରିଯାନ ଚଳାଚଳ ବନ୍ଦ ଦାବିରେ ରାସ୍ତାରୋକୋ

ଜଗତ୍‌ସିଂହପୁର ଅଫିସ, ୧୨।୧୦

ଜଗତ୍‌ସିଂହପୁର ଗ୍ରାମ୍ୟ ଉନ୍ନୟନ (ଆର୍‌ଡି) ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧୀନ ଆଳିପିଙ୍ଗଳ-ଦେବୀଦୋଳ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ପାଖାପାଖି ୫ କିଲୋମିଟର ଏହି ରାସ୍ତାରେ ରାତି ତ ଦୂରର କଥା ଦିନରେ ମଧ ଯାତାୟାତ କଷ୍ଟକର ହେଉଛି। ରାସ୍ତାରେ ଆଣ୍ଠୁଏ ଲେଖାଏଁ ଖାଲ ହୋଇଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏପରି କି କୌଣସି ରୋଗୀ କିମ୍ବା ଗର୍ଭବତୀଙ୍କୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବାରେ ବହୁ ଅସୁବିଧା ହେଉଛି। ରାସ୍ତାରେ କାର ଚଳାଚଳ ବିପଦପୂର୍ଣ୍ଣ ହୋଇଥିବାରୁ ରୋଗୀ ଓ ଗର୍ଭବତୀଙ୍କୁ ଅନେକ ସମୟରେ ଅଟୋ ଓ ବାଇକ୍‌ରେ ନେବାକୁ ପଡୁଛି। ଏଥିଯୋଗୁ ସେମାନେ ଅଧିକ ଅସୁସ୍ଥ ହୋଇପଡୁଛନ୍ତି। ଏରଡ଼ା ଓ ଆଳିପିଙ୍ଗଳ ବାଲିଘାଟରୁ ପ୍ରତ୍ୟହ ଶତାଧିକ ବାଲି ବୋଝେଇ ହାଇୱା ଚଳାଚଳ ଯୋଗୁ ରାସ୍ତା ଅବସ୍ଥା ଏଭଳି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏନେଇ ପାଖାପାଖି ୨୦ଟି ଗାଁର ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି, ଯାହାର ପ୍ରତିଫଳନ ଶନିବାର ଦେଖିବାକୁ ମିଳିଛି। ଲୋକେ ଭାରିଯାନ ଚଳାଚଳ ବନ୍ଦ ଦାବିରେ ଶାଳଗାଁ ନିକଟରେ ରାସ୍ତାରୋକୋ କରିଛନ୍ତି। ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଇବା ପାଇଁ ଚେଷ୍ଟା କରିଥିଲା। ରାସ୍ତା ମରାମତି ଓ ଭାରିଯାନ ଚଳାଚଳ ଉପରେ ଅଙ୍କୁଶ ଲଗାଇବା ନିମନ୍ତେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଜଗତ୍‌ସିଂହପୁର ଆଇଆଇସି ରଜନୀକାନ୍ତ ମିଶ୍ର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା।

ଏ ସମ୍ପର୍କରେ କେତେଜଣ ଆନ୍ଦୋଳନକାରୀ କହିଛନ୍ତି ଯେ, ଅତୀତରେ ସେମାନେ ଅନୁରୂପ ଦାବି କରି ରାସ୍ତାରୋକୋ କରିଥିଲେ। ପ୍ରଥମେ କିଛିଦିନ ଭାରିଯାନ ଚଳାଚଳ ଉପରେ କଟକଣା ଲଗାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଯଥା ପୂର୍ବଂ ତଥା ପରଂ। ଏ ସମ୍ପର୍କରେ ତତ୍କାଳୀନ ଜିଲାପାଳ ଓ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏରଡ଼ା ବାଲିଘାଟରୁ ପ୍ରତ୍ୟହ ଶତାଧିକ ଟ୍ରିପ୍ ବାଲି ଏହି ରାସ୍ତା ଦେଇ ଚାଲାଣ କରାଯାଉଛି। ବିଶେଷକରି ଓଭରଲୋଡ୍ ଯୋଗୁ ରାସ୍ତା ଶୋଚନୀୟ ହୋଇପଡିଛି। ପାଖାପାଖି ୩ବର୍ଷ ହେବ ଏହି ରାସ୍ତା ନବୀକରଣ କରାଯାଇଥିଲା। କିନ୍ତୁ ଏବେ ଏହି ରାସ୍ତାରେ ଖାଲି ପାଦରେ ଯିବା କଷ୍ଟକର। ଦେବୀ ନଦୀ ପାର୍ଶ୍ୱ ଏହି ରାସ୍ତା ନିର୍ମାଣ ସମୟରେ ଲୋକେ ଆଶ୍ୱସ୍ତ ହୋଇଥିଲେ। କାରଣ ଜଗତ୍‌ସିଂହପୁରରୁ ଦେବୀଦୋଳ ପର୍ଯ୍ୟନ୍ତ ଏହି ରାସ୍ତା ଲୋକଙ୍କ ପାଇଁ ଅଧିକ ଉପଯୋଗୀ ଅନୁଭବ ହେଉଥିଲା। କିନ୍ତୁ କମ ଦିନ ଭିତରେ ରାସ୍ତା ଖରାପ ହୋଇଯାଇଥିଲା। ପ୍ରତିବର୍ଷ ଆର୍‌ଡି ବିଭାଗ ପକ୍ଷରୁ ମରାମତି ନାଁରେ ମିଥ୍ୟା ବିଲ୍ କରାଯାଉଥିବା ଅଭିଯୋଗ ହୋଇଛି। ଏହି ରାସ୍ତାରେ ପ୍ରତ୍ୟହ ଶତାଧିକ ଭାରିଯାନ ଚଳାଚଳ କରୁଥିବାରୁ ମରାମତି ନାଁରେ ମିଥ୍ୟା ବିଲ୍ କରିବାକୁ ବିଭାଗୀୟ ଯନ୍ତ୍ରୀ ସଫଳ ହେଉଛନ୍ତି। ପୋଲିସ ଓ ପ୍ରଶାସନ ମଧ ଭାରିଯାନ ଉପରେ କାହିଁକି ଅଙ୍କୁଶ ଲଗାଉନି ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। କୁହାଯାଉଛି ଜଗତ୍‌ସିଂହପୁର ତହସିଲ, ଥାନା, ନାଉଗାଁ ତହସିଲ ଓ ଥାନା ସହ କାଳେ ମାସିକିଆ ବୁଝାମଣା ହୋଇଛି। କେବଳ ତହସିଲ କି ଥାନାସ୍ତରରେ ନୁହେଁ, ଉପର ମୁଣ୍ଡରେ ମଧ କାରବାର ହେଉଥିବା ଅଭିଯୋଗ ହେଉଛି। ଲୋକଙ୍କ କହିବା କଥା ହେଲା ତାହା ହୋଇ ନ ଥିଲେ ପୋଲିସ, ପ୍ରଶାସନ ନୀରବ ରହି ନ ଥାନ୍ତେ। ତେବେ ଏଣିକି ଭାରିଯାନ ଚଳାଚଳ ଉପରେ ଅଙ୍କୁଶ ଲଗା ନ ଗଲେ ଲୋକେ ପୁଣି ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।



ଆଳିପିଙ୍ଗଳ-ଦେବୀଦୋଳ ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ ଦାବିରେ ରାସ୍ତାରୋକୋ କରିଥିବା ଗ୍ରାମବାସୀ।

### ଆଜିଠୁ ଜିଲାସ୍ତରୀୟ କବାଡ଼ି ପ୍ରଶିକ୍ଷଣ

ରସୁଲପୁର,୧୨।୧୦(ଡିଏନଏ)

ରସୁଲପୁର ବ୍ଲକ ଖଣ୍ଡିତର ନୋଡାଲ ଉଚ୍ଚ ବିଦ୍ୟାଳୟ ଓ ଯାଜପୁର କବାଡି ଆସୋସିଏଶନ ଆନୁକୂଲ୍ୟରେ ଜିଲାସ୍ତରୀୟ ୧୪ ଓ ୧୭ବର୍ଷରୁ କମ୍ ବର୍ଗର ବାଳିକାବାଳକ କବାଡ଼ି ପ୍ରଶିକ୍ଷଣ ଶିବିର ଖଣ୍ଡିତରସ୍ଥିତ କବାଡି ଷ୍ଟାଡିୟମ୍‌ରେ ରବିବାରଠାରୁ ଆରମ୍ଭ ହେଉଛି। ଏହି ପ୍ରତିଯୋଗିତା ୫ଦିନ ବ୍ୟାପି ଚାଲିବ। ଉକ୍ତ ଶିବିରରେ ଉଭୟ ୪ଟି ବାଳିକା ଓ ବାଳକ ଦଳର ୪୮ ଖେଳାଳି ଯୋଗଦେବା ସହ ୧୦ କୋଚ୍ ଓ ମ୍ୟାନେଜର ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ବ୍ଲକ ଶିକ୍ଷାଧିକାରୀ ସାନ୍ତନୁ କର ସୂଚନା ଦେଇଛନ୍ତି। ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବରରେ ବାଳିକାଙ୍କୁ ପ୍ରୋ-କବାଡି ରେଫରୀ ମନସ୍ୱିନୀ ସାହୁ ଓ ରୀନା ମାଝୀ ପ୍ରଶିକ୍ଷଣ ପ୍ରଦାନ କରିବେ। ବାଳକଙ୍କୁ କୋଚ୍ ଅନାଦି ସାହୁ, କୃଷ୍ଣକାନ୍ତ ପଣ୍ଡା, ସୁରେଶ ସାହୁ, ସନ୍ତୋଷ ପଲେଇ ପ୍ରମୁଖ ପ୍ରଶିକ୍ଷଣ ଦେବେ। କ୍ରୀଡା ଶିକ୍ଷକ ସତ୍ୟନାରାୟଣ ମହାନ୍ତି ଉଭୟ ଦଳର ମ୍ୟାନେଜର ଦାୟିତ୍ୱ ନିର୍ବାହ କରିବେ। ଚଳିତବର୍ଷ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଦେବଗଡ ଜିଲାରେ ଅନୁଷ୍ଠିତ ହେବ। ୧୭ ଓ ୧୪ ବର୍ଷରୁ କମ୍ ଖେଳାଳିମାନେ ଚଳିତ ମାସ ୧୫ ଓ ୧୮ରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ପାଇଁ ଯାତ୍ରା ଆରମ୍ଭ କରିବେ ବୋଲି ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ମିଶ୍ର ସୂଚନା ଦେଇଛନ୍ତି।

## ଅଙ୍ଗନୱାଡି କର୍ମୀଙ୍କ ଉପରେ ବର୍ଷିଲେ ଡିଡବ୍ଲ୍ୟୁସଡିଓ

ବିଞ୍ଝାରପୁର,୧୨।୧୦(ଡି.ଏନ.ଏ)

- ୨ ଅଙ୍ଗନୱାଡ଼ିରେ ହେଉଥିଲା ଅନିୟମିତତା
- ଜବତ କରିନେଲେ କେନ୍ଦ୍ରର ସମସ୍ତ କାଗଜପତ୍ର

ବିଞ୍ଝାରପୁର ବ୍ଲକ ମହିଳା ଓ ସମନ୍ୱିତ ଶିଶୁ ବିକାଶ ବିଭାଗର କାର୍ଯ୍ୟକଳାପକୁ ନେଇ 'ଧରିତ୍ରୀ'ରେ ଗତ ୧୯ତାରିଖରେ ଖବର ପ୍ରକାଶିତ ହୋଇଥିଲା। ସେଥିରେ ବିଞ୍ଝାରପୁର ବ୍ଲକରେ ଚାଲୁଥିବା ଦୁଇଟି ଅଙ୍ଗନୱାଡି କେନ୍ଦ୍ର ଓ ଏଥିରେ ହେଉଥିବା ଅନିୟମିତତା ସମ୍ପର୍କରେ ପ୍ରକାଶ ପାଇଥିଲା। ଏହାର ପ୍ରଭାବ ଶୁକ୍ରବାର ଦେଖିବାକୁ ମିଳିଛି। ଏହି ଖବରର ସତ୍ୟାସତ୍ୟ ଜାଣିବାକୁ ଶୁକ୍ରବାର ଜିଲା ମହିଳା ଓ ଶିଶୁ ବିକାଶ ଅଧିକାରୀ (ଡିଡବ୍ଲ୍ୟୁସିଡିଓ) ବିଜୟାଲକ୍ଷ୍ମୀ ପଣ୍ଡା ବିଞ୍ଝାରପୁର ବ୍ଲକର ଉକ୍ତ ୨ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନରେ ଆସି ତଦନ୍ତ କରି ଫେରିଯାଇଛନ୍ତି। ଏହି ଦୁଇଟି କେନ୍ଦ୍ର ହେଲା ଆଉଁରୀ ପଞ୍ଚାୟତର କରପଦା-୧ ଓ ଉଦ୍ରଙ୍ଗ ପଞ୍ଚାୟତର ସାଇକୂଳ-୧ କେନ୍ଦ୍ର। ଡିଡବ୍ଲୁସିଓଙ୍କ ଏହି ତଦନ୍ତ ସମୟରେ କରପଦା ଅଙ୍ଗନୱାଡି କେନ୍ଦ୍ରର ପରିଚାଳନା ସମ୍ପର୍କରେ ପ୍ରକୃତ ସତ୍ୟ ସାମ୍ନାକୁ ଆସିଥିଲା। ଧରିତ୍ରୀରେ ପ୍ରକାଶିତ ଖବରରେ ସତ୍ୟତା ଥିବା ତଦନ୍ତ ସମୟରେ ଜାଣିବାକୁ ପାଇଥିଲେ। ଏହି ତଦନ୍ତ ସ୍ଥାନୀୟ ଗ୍ରାମବାସୀଙ୍କ ଉପସ୍ଥିତିରେ ହୋଇଥିଲା। କରପଦା ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ଜଣକ ଅନ୍ୟ ବିଦ୍ୟାଳୟର ୫ରୁ ୬ଜଣ ପିଲାଙ୍କୁ ବସାଇ କେନ୍ଦ୍ର ଖୋଲା ରଖୁଥିଲାବେଳେ ପ୍ରକୃତରେ କେନ୍ଦ୍ର ଆଦୌ ଖୋଲାଯାଏ ନାହିଁ ଓ କେନ୍ଦ୍ରରେ ହେଉଥିବା ଅନିୟମିତତା ସମ୍ପର୍କରେ ଡିଡବ୍ଲୁସିଓଙ୍କ ନିକଟରେ ଗ୍ରାମବାସୀ ଫେରାଦ ହୋଇଥିଲେ। ଏପରିକି ଏହି କେନ୍ଦ୍ରରୁ ଶିଶୁଙ୍କ ଭୋଜନ ପାଇଁ ଆସୁଥିବା ଚାଉଳ, ଡାଲିକୁ କେତେଜଣ ରାଜନୈତିକ ବ୍ୟକ୍ତି ନେଇଯାଉଥିବା ଜାଣିବାକୁ ମିଳିଥିଲା। ଏହି ତଦନ୍ତ ସମୟରେ ଡିଡବ୍ଲୁସିଓ ଉକ୍ତ ଅଙ୍ଗନୱାଡି କର୍ମୀଙ୍କ ଉପରେ ବର୍ଷିବା ସହିତ କେନ୍ଦ୍ରର ସମସ୍ତ ଖାତାପତ୍ର ଜବତ କରି ନେଇଥିଲେ। ସେହିପରି ଉଦ୍ରଙ୍ଗ ଗ୍ରାପର ସାଇକୁଳ-୧ ଅଙ୍ଗନୱାଡି କେନ୍ଦ୍ର ତଦନ୍ତ ସମୟରେ ବହୁଅନିୟମିତତା ହୋଇଥିବା ଡିଡବ୍ଲୁସିଓ ଜାଣିବାକୁ ପାଇଥିଲେ। ତଦନ୍ତ ସମ୍ପର୍କରେ ଡିଡବ୍ଲୁସିଓ ବିଜୟାଲକ୍ଷ୍ମୀ ପଣ୍ଡାଙ୍କୁ ପଚାରିବାରେ, ବିଞ୍ଝାରପୁର ବ୍ଲକରେ 'କାଗଜକଲମରେ ଚାଲିଛି ମହିଳା ଓ ଶିଶୁ ବିକାଶ' ଶିର୍ଷକ ଧରିତ୍ରୀରେ ପ୍ରକାଶିତ ପରେ ତଦନ୍ତ କରିବାକୁ ଆସିଥିଲେ। ତେବେ ତଦନ୍ତର ବିବରଣୀ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବେ ବୋଲି ପଣ୍ଡା କହିଛନ୍ତି।

### 'ପରିଣିତା'ର ପ୍ରଥମ ବନ୍ଧୁମିଳନ

ପାରାଦୀପ,୧୨।୧୦(ସ୍ୱ.ପ୍ର.)

ମହିଳା ସଙ୍ଗଠନ 'ପରିଣିତା'ର ପ୍ରଥମ ବନ୍ଧୁମିଳନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଛି। ୨୦୧୮ରେ ବିଭିନ୍ନ ସମାଜସେବା କାର୍ଯ୍ୟ କରିବାର ଲକ୍ଷ୍ୟ ନେଇ କେତେଜଣ ସହପାଠୀ ଏହି ସଙ୍ଗଠନ ଗଢିଥିଲେ। ଏହାର କର୍ମକର୍ତ୍ତାମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ଯଦିଓ ଅବସ୍ଥାପିତ ହୋଇଛନ୍ତି, ତେବେ ବିଭିନ୍ନ ସମୟରେ ଏକତ୍ରିତ ହୋଇ ସେମାନେ ମହିଳା ସଶକ୍ତିକରଣ ଓ ନାରୀ ନିର୍ଯାତନା ଦୂରୀକରଣ ନିମନ୍ତେ କାର୍ଯ୍ୟ କରୁଛନ୍ତି। ଭୁବନେଶ୍ୱରଠାରେ ଅନୁଷ୍ଠିତ ଉକ୍ତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ମିରା ପରିଡ଼ାଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରମୁଖ ସଦସ୍ୟା ତନୁଶ୍ରୀ ଆଚାର୍ଯ୍ୟ, ବନ୍ଦିତା ଶୁଭଦର୍ଶିନୀ, ଶୈଳଜା ପଣ୍ଡା, ଲକ୍ଷ୍ମୀପ୍ରିୟା ରିୟା, ସସ୍ମିତା ଦାସଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ପରିଣିତାର କର୍ମକର୍ତ୍ତା।

## ସରକାରୀ ଶିକ୍ଷକ ମାଡ଼ ଖାଇବା ଘଟଣା

# ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିପାରୁନି ପୋଲିସ

ବିଞ୍ଝାରପୁର,୧୨।୧୦(ଡି.ଏନ.ଏ)

ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ପଞ୍ଚାୟତରେ ଜଣେ ସରକାରୀ ଶିକ୍ଷକ ଡ୍ୟୁଟିରେ ଥିଲାବେଳେ ଜଣେ ଅସାମାଜିକ ଯୁବକଙ୍କଠାରୁ ମାଡ ଖାଇବାର ୨ସପ୍ତାହ ବିତିଯାଇଥିଲେ ମଧ ବିଞ୍ଝାରପୁର ପୋଲିସ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଯାହାକି ସାଧାରଣରେ ପୋଲିସର କାର୍ଯ୍ୟ ଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯେଉଁଠି ସରକାର ନିଜ କର୍ମଚାରୀଙ୍କୁ ସୁରକ୍ଷା ଦେଇପାରୁ ନାହାନ୍ତି ସେଠାରେ ସାଧାରଣ ଜନତାଙ୍କୁ କି ସୁରକ୍ଷା ଦେବେ ବୋଲି ଚର୍ଚ୍ଚା ହେଉଛି।

ପ୍ରକାଶ ଯେ, ଗତ ୨୮ ତାରିଖ ଅପରାହ୍ନରେ ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ଗ୍ରାମର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଜ୍ଞାନରଞ୍ଜନ ଦାସ ଭୋଟର ପରିଚୟପତ୍ରରେ ଆଧାର ସଂଯୋଗ କାର୍ଯ୍ୟର ତଥ୍ୟ ସଂଗ୍ରହ କରିବାକୁ ଯାଇଥିବାବେଳେ ସେହି ଗ୍ରାମର ଅସାମାଜିକ ଯୁବକ ବିଶ୍ୱଜିତ ଯେନା ହଠାତ ତାଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ନିଘୁଞ୍ଚ ମାଡ ମାରିଥିଲେ। ଏହି ଘଟଣାକୁ ନେଇ ସମ୍ପୃକ୍ତ ଶିକ୍ଷକ ବିଞ୍ଝାରପୁର ଥାନାରେ ଗତ ୨୯ ତାରିଖରେ ଅଭଯୋଗ କରିଥିଲେ।

ଏନେଇ ବିଞ୍ଝାରପୁର ପୋଲିସ ଏକ ମାମଲା (ନଂ.୨୫୮/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ମାଡ଼ ଖାଇବା ଘଟଣା ପରେ ଶିକ୍ଷକ ଜଣକ ଅନିର୍ଦ୍ଦିଷ୍ଟ ସମୟ ଛୁଟିରେ ପଳାଇଥିଲାବେଳେ ଏହି ଘଟଣାକୁ ୨ସପ୍ତାହ ବିତିଯାଇଥିଲେ ବି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଚୁପ୍ ବସିଛି। ଏ ସମ୍ପର୍କରେ ବିଞ୍ଝାରପୁର ଥାନାଧିକାରୀ ଶିବଚରଣ ବେହେରାଙ୍କୁ ପଚାରିବାରେ, ଅଭିଯୁକ୍ତ ନିକଟରେ ପୋଲିସ ଖୁବଶୀଘ୍ର ପହଞ୍ଚିବ ବୋଲି କହିଛନ୍ତି। ବିଞ୍ଝାରପୁର ପ୍ରାଥମିକ ସଂଘ ଏ ସମ୍ପର୍କରେ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଛି।

### ହୋମଗାର୍ଡଙ୍କୁ ଧମକଦେବା ଘଟଣା

## ୩ ବିଜେଡି ନେତାଙ୍କ ନାମରେ ମାମଲା

ବରୀ/ରତ୍ନଗିରି (ସ୍ୱ.ପ୍ର/ଡି.ଏନ.ଏ.), ୧୨।୧୦

ଯାଜପୁର ଜିଲା ବରୀ-ରାମଚନ୍ଦ୍ରପୁର ଥାନା ଅଞ୍ଚଳରେ ଜଣେ ହୋମଗାର୍ଡଙ୍କୁ ଧମକଚମକ ଦେବା ଅଭିଯୋଗକୁ ନେଇ ୩ଜଣ ବିଜେଡି ନେତା ଅଡୁଆରେ ପଡିଛନ୍ତି। ଓଉପଡା ଗ୍ରାମର ହୋମଗାର୍ଡ ରଞ୍ଜନ ମଲ୍ଲିକଙ୍କ ଅଭିଯୋଗ ଆଧାରରେ ଦେବେନ୍ଦ୍ର ଦାସ, ଅଶୋକ ସାମଲ ଓ ସନ୍ତୋଷ ସାମଲଙ୍କ ନାମରେ ୨୯୧/୫୦୬/୩୪ ଆଇପିସି ଏବଂ ଏସଟି/ଏସସି ଆକ୍ଟ ଅନୁଯାୟୀ ମାମଲା (ନଂ.୨୩୪/୧୯)ରେ ମାମଲା ରୁଜୁ ହୋଇଛି।

## ଷଣ୍ଢ ଭର୍ତ୍ତି ପିକ୍‌ଅପ୍ ଭ୍ୟାନ୍ ଅଟକାଇଲେ ଗ୍ରାମବାସୀ

ବିଞ୍ଝାରପୁର,୧୨।୧୦(ଡି.ଏନ.ଏ)

ବିଞ୍ଝାରପୁର ବ୍ଲକ ଆଉଁରୀ ପଞ୍ଚାୟତ ମାଟିଆକଣ ଛକରୁ ଶୁକ୍ରବାର ରାତିରେ ସ୍ଥାନୀୟ ଗ୍ରାମବାସୀ ଏକ ଷଣ୍ଢ ଭର୍ତ୍ତି ପିକ୍‌ଅପ୍ ଭ୍ୟାନ୍ (ଓଆର୦୪ଏଫ୯୩୯୬)କୁ ଅଟକାଇ ଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି କରିଛି। ଘଟଣାସ୍ଥଳରୁ ଗାଡ଼ିରେ ଥିବା ଡ୍ରାଇଭର ଓ ତାଙ୍କ ସହଯୋଗୀ ଦୌଡ଼ି ପଳାଇବାରୁ କିଏ କାହିଁକି ଷଣ୍ଢଗୁଡିକୁ ପିକ୍‌ଅପ ଭ୍ୟାନରେ ନେଉଥିଲେ ଜଣାପଡି ନାହିଁ। ଖବର ମୁତାବକ, ଶୁକ୍ରବାର ରାତିରେ ସନ୍ଦେହଜନକ ଭାବେ ଏକ ପିକଅପ୍ ଭ୍ୟାନ ଷଣ୍ଢଗୁଡ଼ିକୁ ବୋଝେଇ କରି ନେଉଥିଲା। ସ୍ଥାନୀୟ ଲୋକେ ଏହାଦେଖି ଅଟକାଇବାରୁ ଉକ୍ତ ଗାଡ଼ି ଡ୍ରାଇଭର ଓ ସହଯୋଗୀ ଅନ୍ଧାରର ସୁଯୋଗ ନେଇ ଦୌଡ଼ି ପଳାଇଥିଲେ। ରାତି ତମାମ ଗ୍ରାମବାସୀ ଏହି ଗାଡ଼ିକୁ ଜଗି ରହିଥିବାବେଳେ ଶନିବାର ସକାଳୁ ଅଳକୁଣ୍ଡ ଫାଣ୍ଡି ଅଧିକାରୀଙ୍କୁ ଜଣାଇଥିଲେ। ଅଳକୁଣ୍ଡ ଫାଣ୍ଡି ଅଧିକାରୀ ଗଣେଶ ଚନ୍ଦ୍ର ଘଡେଇ ଘଟଣାସ୍ଥଳରେ ପହଞ୍ଚି ଗାଡିଟିକୁ ଜବତ କରି ଫାଣ୍ଡିକୁ ଆଣିଥିଲାବେଳେ ଉକ୍ତ ଗାଡିରେ ଥିବା ୧୧ଟି ଷଣ୍ଢକୁ ସ୍ଥାନୀୟ ଅଞ୍ଚଳରେ ଛାଡ଼ି ଦେଇଥିଲେ। ପୋଲିସ ଏହି ଦିଗରେ ତଦନ୍ତ ଆରମ୍ଭ କରିଛି।





ଜବତ ପିକ୍‌ଅପ୍ ଭ୍ୟାନ୍।

### ହ୍ୟାଣ୍ଡବଲ ଆସୋସିଏଶନର ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ

# ଲୁହା ଉତ୍ପାଦନରେ ନେତୃତ୍ୱ ନେବ ଯାଜପୁର: କେନ୍ଦ୍ରମନ୍ତ୍ରୀ

ଚଣ୍ଡିଖୋଲ/ଛତିଆ, ୧୨।୧୦(ଡି.ଏନ.ଏ)

ପୂର୍ବ ଭାରତର ବିକାଶ ହେଲେ ଦେଶର ପ୍ରକୃତ ବିକାଶ ହୋଇପାରିବ। ତେଣୁ ପୂର୍ବ ଭାରତର ବିକାଶ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ପୂର୍ବ ଭାରତର ଗୁରୁତ୍ୱ ବହନ କରୁଥିବା ଓଡ଼ିଶାର ଯାଜପୁର ଜିଲା ଇସ୍ପାତ, ଖଣି ସହ ସାହିତ୍ୟ ସଂସ୍କୃତି କ୍ଷେତ୍ରରେ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ଯାଜପୁର ଜିଲା ଲୁହା ଉତ୍ପାଦନରେ ରାଜ୍ୟ ତଥା ଦେଶର ନେତୃତ୍ୱ ନେବ। ଛତିଆରେ ୩ଦିନ ଧରି ଚାଲିଥିବା ଜିଲା ହ୍ୟାଣ୍ଡବଲ ଆସୋସିଏଶନର ରୌପ୍ୟ ଜୟନ୍ତୀ ଉଦ୍‌ଯାପନୀ ଉତ୍ସବ ଓ ଜାତୀୟ ହ୍ୟାଣ୍ଡବଲ ପ୍ରତିଯୋଗିତାର ପୁରସ୍କାର ବିତରଣୀ ଉତ୍ସବରେ ଶନିବାର ମୁଖ୍ୟଅତିଥିଭାବେ ଯୋଗଦେଇ କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଆଗାମୀ ୧୦ ବର୍ଷ ମଧ୍ୟରେ ଯାଜପୁରର କଳିଙ୍ଗନଗରରେ ୩୦ ମିଲିୟନ ମେଟ୍ରିକ ଟନ ଲୁହା ଉତ୍ପାଦନ କରାଯାଇ ବିଶ୍ୱ ବଜାରରେ ଏହି ଜିଲାର ମହତ୍ତ୍ୱକୁ ବୃଦ୍ଧି କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରକାଶ କରିଥିଲେ। ହ୍ୟାଣ୍ଡବଲ ଆସୋସିଏଶନ ଅଧ୍ୟକ୍ଷ ଅମର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ଉତ୍ସବରେ ଅନ୍ୟତମ ଅତିଥିଭାବେ ସାଲେପୁରର ପ୍ରାକ୍ତନ ବିଧାୟକ ପ୍ରକାଶଚନ୍ଦ୍ର ବେହେରା ଓ ମାହାଙ୍ଗା ବିକାଶ ପରିଷଦ ଅଧ୍ୟକ୍ଷ ଶାରଦା ପ୍ରଧାନ, ପ୍ରାକ୍ତନ ବଡ଼ଚଣା ବ୍ଲକ ଅଧ୍ୟକ୍ଷ ପ୍ରହଲାଦ ନନ୍ଦ, ଯାଜପୁର ଜିଲା ହ୍ୟାଣ୍ଡବଲ ଆସୋସିଏଶନର ସଭାପତି ଅଧାପକ କେଶବ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ହ୍ୟାଣ୍ଡବଲ ଆସୋସିଏଶନ ସମ୍ପାଦକ ରମେଶ ଚନ୍ଦ୍ର ପୃଷ୍ଟି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଉତ୍ସବରେ ପ୍ରଥମ କରି ଓଡ଼ିଶାରେ ହ୍ୟାଣ୍ଡବଲ ଖେଳର କୋଚ ଭାବେ ଅଗ୍ରଣୀ ଭୂମିକା ନେଇଥିବା ପଣ୍ଡିଚେରୀର ଏମ୍. କାର୍ତ୍ତିକେୟନ, ହିମାଚଳ ପ୍ରଦେଶର କାନା ପରାସର, ଓଡ଼ିଶା ରାଜ୍ୟ କୋଚ ମନୋଜ କୁମାର ଦାସ, ଆନ୍ତର୍ଜାତିକ କବାଡ଼ି ଖେଳାଳି ମନସ୍ୱିନୀ ସ୍ୱାଇଁ, ଆନ୍ତର୍ଜାତିକ ହ୍ୟାଣ୍ଡବଲ ଖେଳାଳି ବିପ୍ଳବ ବିଶ୍ୱାଳ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜାତୀୟ ପ୍ରତିଯୋଗିତାର ମହିଳା ବିଭାଗରେ ଜଗତସିଂହପୁରକୁ ହରାଇ ଆନ୍ଧ୍ରପ୍ରଦେଶ ଚାମ୍ପିୟନ ହୋଇଛି। ସେହିଭଳି ପୁରୁଷ ବିଭାଗରେ କେନ୍ଦୁଝରକୁ ହରାଇ ଝାଡ଼ଖଣ୍ଡ ଚାମ୍ପିୟନ ଟ୍ରଫି ହାସଲ କରିଥିଲା। ଏହି ପ୍ରତିଯୋଗିତାରେ ୪ଟି ରାଜ୍ୟରୁ ୪୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ୩ଦିନ ଧରି ପୁରୁଷ ବିଭାଗରେ ଗଞ୍ଜାମ, କେନ୍ଦୁଝର, ଯାଜପୁର, ପୁରୀ, ଆନ୍ଧ୍ର ପ୍ରଦେଶ ଓ ବିଶାଖା ପାଟନାର ୮ଟି ଦଳ ଭାଗ ଦେଇଥିଲେ। ସେହିଭଳି ମହିଳା ବିଭାଗରେ ଜଗତସିଂହପୁର, ଯାଜପୁର, କଟକ, କେନ୍ଦୁଝର ଓ ଆନ୍ଧ୍ର ପ୍ରଦେଶର ଖେଳାଳିମାନେ ଭାଗ ନେଇ ୩ଦିନ ଧରି ଖେଳିଥିଲେ। ଶେଷରେ ବିଜୟୀ ଦଳଙ୍କୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଚାମ୍ପିୟନ ଓ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରୁଛନ୍ତି।

## ସଂକ୍ଷେପରେ

### ସମୁଦ୍ରରେ ଭାସିଯାଉଥିବା ସାଙ୍ଗଙ୍କୁ ଉଦ୍ଧାର କଲେ ସାଙ୍ଗ



**ରାଜନଗର,୧୨।୧୦(ଡି.ଏନ.ଏ.):** ଶୁକ୍ରବାର ସମୁଦ୍ରରେ ଭାସି ଯାଉଥିବା ଜଣେ ସାଙ୍ଗଙ୍କୁ ଅନ୍ୟ ଜଣେ ସାଙ୍ଗ ଉଦ୍ଧାର କରିବା ଘଟଣା ରାଜନଗର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ, ରାଜନଗର ଉଚ୍ଚ ବିଦ୍ୟାଳୟର ୪ ଜଣ ଦଶମ ଶ୍ରେଣୀ ଛାତ୍ର ଅପରାହ୍ନରେ ପେଣ୍ଠ ବେଳାଭୂମି ବୁଲିବାକୁ ଯାଇଥିଲେ। ସେମାନଙ୍କ ମଧ୍ୟରୁ ପୃଥ୍ୱୀରାଜ ବେହେରା ଓ ଜ୍ଞାନ ରଞ୍ଜନ ଖଟୁଆ ଦୁଇଜଣ ସମୁଦ୍ରରେ ଗାଧୋଉଥିଲେ। ଏହି ସମୟରେ ଉତ୍ତାଳ ଲହରି ଆସି ପୃଥ୍ୱୀରାଜଙ୍କୁ ଭସାଇ ନେଇଥିଲା। ତେବେ ଆଖିଆଗରେ ସାଙ୍ଗ ଭାସିଯିବାର ଦେଖି ଜ୍ଞାନରଞ୍ଜନ ନିଜ ଜୀବନକୁ ବାଜି ଲଗାଇ ଢେଉ ମଧ୍ୟରୁ ସାଙ୍ଗଙ୍କୁ ଉଦ୍ଧାର କରିଥିଲେ। ନିଜର ଉପସ୍ଥିତ ବୁଦ୍ଧି ବଳରେ ଆସନ୍ନ ମୃତ୍ୟୁ ମୁଖରୁ ସାଙ୍ଗ ପୃଥ୍ୱୀରାଜଙ୍କୁ ଉଦ୍ଧାର କରି ଜ୍ଞାନରଞ୍ଜନ ନିଜ ସାହସିକତାର ପରିଚୟ ଦେଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଜ୍ଞାନରଞ୍ଜନଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

### ଚେତନା ସମାଜ ପକ୍ଷରୁ ପ୍ରତିଯୋଗିତା

**କେନ୍ଦ୍ରାପଡା ଅଫିସ, ୧୨।୧୦:** ଗୋପଛକସ୍ଥିତ ଚେତନା ସମାଜ ପକ୍ଷରୁ କୁମାରୋତ୍ସବ ଉପଲକ୍ଷେ ନିକଟସ୍ଥ ପର୍ଯ୍ୟଟନ କ୍ଷେତ୍ର ସଖୀବଟ ଠାରେ ଶନିବାର ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ବକ୍ତୃତା, ସଙ୍ଗୀତ, ଚିତ୍ରାଙ୍କନ ଓ ପୁଚି ଖେଳ ପ୍ରତିଯୋଗିତାରେ ସ୍ଥାନୀୟ ଅଞ୍ଚଳର ବାଳିକାବାଳକଙ୍କ ସମେତ କେତେକ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରତିଯୋଗିତା ଶେଷରେ ଅନୁଷ୍ଠିତ ସଭାରେ ସଂଗଠନ ସଭାପତି ବ୍ରଜକିଶୋର ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲାପାଳ ସମର୍ଥ ବର୍ମା, ଶିକ୍ଷାବିତ ପ୍ରଭାକର ସାମଲ, ଭଜକୃଷ୍ଣ ରାଉତ, ଗୋଲକ ପ୍ରସାଦ ମହାଭୋଇ, କରୁଣାକର ଦାସ, ପ୍ରଦୀପ ଦାଶ, ମେଜର ଭରତ ଚନ୍ଦ୍ର ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ ଯେ, ସମ୍ପ୍ରତି ଆଧୁନିକତାର ଦ୍ୱାହି ଦେଇ ବିଭିନ୍ନ ପାଶ୍ଚାତ୍ୟ ସଂସ୍କୃତି ଓଡ଼ିଆ ଘରର ପର୍ବପର୍ବାଣିରେ ଧସେଇ ପଶି ଆସୁଛି। ଫଳରେ ପର୍ବ ପାଳନର ମୂଳ ଉଦ୍ଦେଶ୍ୟରୁ ଆମେ କ୍ରମଶଃ ଦୂରେଇ ଯାଉଛୁ। ପାରମ୍ପରିକ ପର୍ବ ପର୍ବାଣି ପାଳନରେ ସାମାଜିକ ବ୍ୟବସ୍ଥା, ନୀତିନିୟମ ଓ ବୈଜ୍ଞାନିକ ଭିତ୍ତିଭୂମି ଅଛି। ତେବେ ଆଧୁନିକ ସମାଜ ଏହାର ମୂଳ କାରଣ ନ ଖୋଜି ଏହାକୁ ଅପସଂସ୍କୃତି କହି ଏଡାଇ ଦେବାକୁ ବସିଛି। ଏହି ଅବସରରେ ସଂଗଠନ ପକ୍ଷରୁ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ସୃଷ୍ଟି ରେସମା ନାୟକ, ସଙ୍ଗୀତରେ ଚିନ୍ମୟୀ ସାହୁ, ଚିତ୍ରାଙ୍କନରେ ଇନ୍ଦିରା ଜେନା, ରଙ୍ଗୋଲିରେ ଗୌତମ ଜେନା ଓ ପୁଚିରେ ପ୍ରମିଳା ସ୍ୱାଇଁଙ୍କ ସମେତ ଅନ୍ୟ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସଭାରେ ଆଦିକନ୍ଦ ରାଉଳ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପଣ୍ଡିତ ପ୍ରତାପ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷାବିତ ନିରଞ୍ଜନ ଜେନା, ଶ୍ରୀଚରଣ ସାମଲ, ରବୀନ୍ଦ୍ର ପ୍ରସାଦ ଜେନା, ରମଣୀ ରଞ୍ଜନ ରାଉତରାୟ, ଅବଧୂତ ରାଉତ, ରାଜକିଶୋର ନାୟକ, ପ୍ରତାପ କୁମାର ନାୟକ, ରବୀନ୍ଦ୍ର ନାଥ ରଥ ପ୍ରମୁଖ ବିଚାରକ ଥିଲେ।

### ଟ୍ରେନ୍ ଲାଇନରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ରାଜନଗର, ୧୨।୧୦(ଡି.ଏନ.ଏ.):** ରାଜନଗର ବ୍ଲକ ବନ୍ଧପଡା ପଞ୍ଚାୟତ ଗୋବିନ୍ଦପୁର ଗାଁର ମଙ୍ଗୁଳି ଚରଣ ପ୍ରଧାନଙ୍କ ପୁଅ ବସନ୍ତ କୁମାର ପ୍ରଧାନ (୩୫)ଙ୍କ ମୃତଦେହ ଟ୍ରେନ ଲାଇନରୁ ଉଦ୍ଧାର ହୋଇଛି। ସେ ଟ୍ରେନରେ କଟି ପ୍ରାଣ ହରାଇଥିବା ସନ୍ଦେହ କରାଯାଉଛି। ଶନିବାର କଟକ ରେଳ ଷ୍ଟେଶନ ଠାରୁ ୨ କିମି ଦୂରରେ ବସନ୍ତଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ରେଲୱେ ପୋଲିସ ତାଙ୍କ ପକେଟରେ ଥିବା ଡାଏରୀରୁ ଟେଲିଫୋନ ନମ୍ବର ପାଇ ତାଙ୍କ ଘରକୁ ଓ ରାଜନଗର ଥାନାକୁ ଖବର ଦେଇଥିଲେ। ଖବରପାଇ ପରିବାର ଲୋକେ ରେଲୱେ ପୋଲିସ ଠାରୁ ମୃତଦେହ ଆଣି ଘରକୁ ଫେରିଛନ୍ତି। ମୃତ୍ୟୁର କାରଣ ଜଣାପଡିନାହିଁ। ବସନ୍ତ ପୂର୍ବରୁ ଦୁବାଇରେ ରହି କାମ କରୁଥିଲେ। ଦେଢବର୍ଷ ତଳେ ଗାଁକୁ ଫେରିଥିଲେ। ତାଙ୍କର ଦେହ ଅସୁସ୍ଥ ଯୋଗୁ ସେ ଚିକିତ୍ସାଧୀନ ଥିଲେ। ଦୁଇଦିନ ତଳୁ ଘରୁ କେଉଁଆଡେ ପଳାଇ ଯାଇଥିଲେ। ତାଙ୍କର ଗୋଟିଏ ଝିଅ ଅଛି।

# ଆଜି ମା' ଗଜଲକ୍ଷ୍ମୀଙ୍କ ଧରାବତରଣ

**କେନ୍ଦ୍ରାପଡା ଅଫିସ, ୧୨।୧୦**

- କେନ୍ଦ୍ରାପଡ଼ା ସହରରେ ଏଥର ୬୭ ମଣ୍ଡପ
- ଆଲୋକମାଳାରେ ଝଲସୁଛି ସହର

କେନ୍ଦ୍ରାପଡା ଜିଲାର ଗଣପର୍ବ ତଥା ମା' ଗଜଲକ୍ଷ୍ମୀଙ୍କ ପୂଜୋତ୍ସବ ରବିବାର ଠାରୁ ଆରମ୍ଭ ହେଉଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତବର୍ଷ ସହର ମଧ୍ୟରେ ମୋଟ ୬୭ଟି ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇବାକୁ ଯାଉଛି । ସେହିପରି ଜିଲାର ୨୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ମା'ଙ୍କ ପୂଜାର୍ଚ୍ଚନା ହେବ। ଏଥିପାଇଁ ଅଧିକାଂଶ ପୀଠସ୍ଥଳୀରେ ସୁସଜ୍ଜିତ ତୋରଣ ହୋଇଥିବା ବେଳେ ପୂଜାମଣ୍ଡପ ଆଖପାଖ ରାସ୍ତାର ଛକଗୁଡିକ ରଙ୍ଗବେରଙ୍ଗ ଆଲୋକମାଳାରେ ଝଲସିବା ଦେଖିବାକୁ ମିଳିଛି । ଜନ ସମାଗମକୁ ଲକ୍ଷ୍ୟ ରଖି ସହରର ବିଭିନ୍ନ ସ୍ଥାନରେ ଫ୍ୟାଶନ ବଜାର, ଷ୍ଟଲ ଆଦି ଲାଗିଗଲାଣି । ବ୍ୟବସାୟୀ ଗୋଷ୍ଠୀ ନିଜର ପ୍ରଚାର କୌଶଳ ଅବଲମ୍ବନ କରି ଆକର୍ଷଣୀୟ ଅଫର ସବୁ ଘୋଷଣା କରିଛନ୍ତି । ଚଳିତବର୍ଷ ଆକର୍ଷଣୀୟ ତୋରଣ ସହିତ ମେଢ଼ ସାଜସଜ୍ଜା ପୂଜୋତ୍ସବ ସମୟରେ ଶ୍ରଦ୍ଧାଳୁଙ୍କ ମନ ମୋହିବ। ସହରର ଖଡିଅଙ୍ଗ, ମଡ଼ିଆଳ, କାକଟ ମଙ୍ଗଳା ଓ ଗଣାମାହାଲରେ ସମ୍ପୂର୍ଣ୍ଣ ଚାନ୍ଦିମେଢ଼ ହୋଇଥିବା ବେଳେ ପ୍ରାୟ ୨୦ଟି ମଣ୍ଡପରେ ସୁନା ଓ ଚାନ୍ଦିର ଝଲକ ଦେଖିବାକୁ ମିଳିବ । ବିଭିନ୍ନ ସ୍ଥାନରେ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଥିବା ବିଭିନ୍ନ କମିଟିର ସଦସ୍ୟମାନେ ପ୍ରକାଶ କରିଛନ୍ତି । ଗତ ମାସାଧିକ କାଳ ବିଭିନ୍ନ କମିଟି ସଦସ୍ୟମାନେ ବୈଠକ କରି ପୂଜାର୍ଚ୍ଚନା, ତୋରଣ, ମେଳଣ, ଭସାଣି, ବାଜା, ରୋଶଣି ଆଦିର ରୂପରେଖକୁ ସମୀକ୍ଷା କରିଥିଲେ । କେନ୍ଦ୍ରାପଡା ଜିଲାର ଏହି ପୂଜୋତ୍ସବ ଏକ ଗଣପର୍ବ ପାଲଟିଥିବାରୁ ଏହାର ଆକର୍ଷଣ ସ୍ୱତନ୍ତ୍ର । ଗଜଲକ୍ଷ୍ମୀ ପୂଜା କିପରି ଶାନ୍ତିଶୃଙ୍ଖଳାର ସହିତ ଶେଷ ହେବ ସେଥିପାଇଁ ଜିଲା ପ୍ରଶାସନ ଯଥେଷ୍ଟ ସତର୍କତା ଅବଲମ୍ବନ କରିଥିବା ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି । ଏଥିସହିତ ଡିଜେକୁ ସମ୍ପୂର୍ଣ୍ଣ ନିଷେଧ କରାଯିବା, ପରିବେଶ ଓ ପରିମଳକୁ ଗୁରୁତ୍ୱ ଦେବା, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ପାନୀୟ ଜଳ ଯୋଗାଣ ହେବ ବୋଲି ଜିଲାପାଳ ବର୍ମା ପ୍ରକାଶ କରିଛନ୍ତି । ସେହିପରି କେନ୍ଦ୍ରାପଡା ଏସଡିପିଓ ରାଜୀବ ଲୋଚନ ପଣ୍ଡା ସୂଚନା ଦେଇଛନ୍ତି ଯେ, ଆଇନଶୃଙ୍ଖଳା ରକ୍ଷା ପାଇଁ ଜିଲା ପୋଲିସ ପକ୍ଷରୁ ସମୀକ୍ଷା ବୈଠକ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଜିଲା ପୋଲିସ ଓ ବାହାର ଜିଲା ପୋଲିସଙ୍କୁ ପୂଜା ସମୟରେ ନିୟୋଜିତ କରାଯିବ ବୋଲି ସ୍ଥିର ହୋଇଛି । ଟ୍ରାଫିକ ବ୍ୟବସ୍ଥା, ମେଢ଼ ନିକଟରେ ପୋଲିସ ମୁତୟନ, ଶାନ୍ତିଶୃଙ୍ଖଳା ଭଙ୍ଗ କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ଆଲୋଚନା ଏହି ବୈଠକରେ ମୁଖ୍ୟ ପ୍ରସଙ୍ଗ ଥିଲା । ପୂଜା ସମୟରେ ପ୍ରତି ଛକରେ ପୋଲିସ ବଳ ମୁତୟନ ସହ ସହର ମଧ୍ୟରେ ୫ଟି ଅସ୍ଥାୟୀ ଫାଣ୍ଡି, ମୋବାଇଲ ପୋଲିସ ସେବା ଯୋଗାଇ ଦେବା ପାଇଁ ସ୍ଥିର ହୋଇଛି। ଚଳିତବର୍ଷ ସହରରେ ସିସି ଟିଭି ସହିତ ନୂଆ ବସଷ୍ଟାଣ୍ଡ, ପୁରୁଣା ବସ୍‌ଷ୍ଟାଣ୍ଡ ଓ କାକଟ ଛକରେ ୩ଟି ୱାଚ ଟାୱାର ନିର୍ମାଣ କରାଯାଇ ଭିଡିଓ ରେକର୍ଡିଂ ହେବବ୍। ଯଦ୍ଵାରା ଅପରାଧୀ ଛାଡ ପାଇବେ ନାହିଁ । ସେହିପରି ପ୍ରତ୍ୟେକ ମଣ୍ଡପ ଓ ସହର ରାସ୍ତାରେ ସିସି ଟିଭି ଲଗାଯିବା ସହ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାରେ ଶେଷ କରାଯିବ ବୋଲି ଏସଡିପିଓ ପଣ୍ଡା ସୂଚନା ଦେଇଛନ୍ତି ।



ତିନିମୁହାଣୀ ଛକରେ ହୋଇଥିବା ତୋରଣ।



ଗଜଲକ୍ଷ୍ମୀ ପୂଜା ପାଇଁ ଖୋଲିଥିବା ଅସ୍ଥାୟୀ ଦୋକାନ।

### ଅକ୍ଷୟ ମହାନ୍ତିଙ୍କ ଜୟନ୍ତୀ ଉତ୍ସବ

**କେନ୍ଦ୍ରାପଡା ଅଫିସ, ୧୨।୧୦**

କେନ୍ଦ୍ରାପଡା ବ୍ଲକ ବାରୋଷ୍ଟିତ ଭାବଗ୍ରାହୀ କଳା ନିକେତନ ପକ୍ଷରୁ ଓଡିଶା ସଙ୍ଗୀତ ଜଗତର ଚିର ସବୁଜ ଗାୟକ ଅକ୍ଷୟ ମହାନ୍ତିଙ୍କ ୮୩ତମ ଜୟନ୍ତୀ ଉତ୍ସବ ଶନିବାର ପାଳିତ ହୋଇଯାଇଛି । କଳା ନିକେତନ ପରିସରରେ ଏଥିପାଇଁ ଆୟୋଜିତ ସଙ୍ଗୀତ କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ବିମଳ ପ୍ରସାଦ ପରିଡା ଅଧ୍ୟକ୍ଷତା କରିଥିଲେ। ଶିକ୍ଷାବିତ ଅଜୟ କୁମାର ରାଉତ, ଅର୍ବାନ ବ୍ୟାଙ୍କ ସିଇଓ ସୁଶୀଲ କୁମାର ସାମଲ, ମନ୍ମଥ କୁମାର ବରାଳ, ରାମକୃଷ୍ଣ ଦାସ, ରତ୍ନାକର ମଲ୍ଲିକ, ଗୋପାଳକୃଷ୍ଣ ଜେନା, ବିଶ୍ୱଜିତ ପରିଡା ପ୍ରମୁଖ ଯୋଗଦେଇ ବିଶିଷ୍ଟ କଣ୍ଠଶିଳ୍ପୀ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଅକ୍ଷୟଙ୍କ କେଣେ ଘେନିଯାଉଛ, ଏକା ତୋ ଭକତ ଜୀବନ, ଯା ଯାରେ ଭାସି ଭାସିଯା, ଏଇ ଯେ ବନଲତା ପାହାଡ ଆଦି ଗୀତ ଗାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗାୟିକା ରୁପାଲୀ ସୂତାର, ବୈଶାଖୀ ପରିଡା, ନମିତା ସ୍ୱାଇଁ ପ୍ରମୁଖ ଅକ୍ଷୟଙ୍କ ସଙ୍ଗୀତ ଗାନ କରିବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ। ଧୀରାମଣି ପରିଡା କାର୍ଯକ୍ରମ ପରିଚାଳନା କରିଥିଲେ।

# ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

**ଚିକିତ୍ସା ଅଭାବ, ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି ଲୋକେ**

**ମହାକାଳପଡା, ୧୨।୧୦ (ଡି.ଏନ୍.ଏ.)**

ସହରାଞ୍ଚଳଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେବା ପାଇଁ ସରକାର ବିଭିନ୍ନ ନିୟମାବଳୀ ଲାଗୁ କରିଛନ୍ତି। ହେଲେ ମହାକାଳପଡ଼ା ବ୍ଲକ ଅଞ୍ଚଳବାସୀ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନାନା ଅସୁବିଧା ଭୋଗୁଛନ୍ତି। ଏଭଳି ଏକ ଘଟଣା ବ୍ଲକ ଅଧୀନ ଆଦିବାସୀପଡ଼ା ଲୁଣିମାଠିଆ ଗ୍ରାମରେ ଦେଖିବାକୁ ମିଳିଛି। ଉକ୍ତ ଗ୍ରାମର ରାଇମଣି ବାସ୍କେ(୭୧)ଙ୍କ ପ୍ରବଳ ଝାଡ଼ାବାନ୍ତି ହେବାରୁ ପରିବାର ଲୋକେ ତାଙ୍କୁ ଶନିବାର ପୂର୍ବାହ୍ନରେ ରାମନଗରସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଥିଲେ ବି କୌଣସି କର୍ମଚାରୀ କିମ୍ବା ଡାକ୍ତର ନ ଥିବାରୁ କିଛି ସମୟ ଅପେକ୍ଷା କରିବା ପରେ ପରିବାର ଲୋକେ ତାଙ୍କୁ ନିକଟସ୍ଥ ଏକ ମେଡିସିନ୍ ଷ୍ଟୋରରେ ଚିକିତ୍ସା କରାଇଥିବା ଜଣାପଡ଼ିଛି। ଏ ନେଇ ରାଇମଣିଙ୍କ ସମ୍ପର୍କୀୟ ନାଗମତି ମାଝି କୁହନ୍ତି, ସରକାରୀ ଡାକ୍ତରଖାନାରେ ଡାକ୍ତର ନ ଥିବାରୁ ନିକଟସ୍ଥ ମେଡିସିନ୍ ଷ୍ଟୋରରେ ଚିକିତ୍ସା କରାଇବାକୁ ପଡ଼ିଲା। ମେଡିକାଲରୁ ମାଗଣାରେ ଔଷଧ ମିଳିଥାନ୍ତା, ହେଲେ ମେଡିସିନ୍ ଷ୍ଟୋରରେ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଲା। ଗାଁଗଣ୍ଡା ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଥିବା ବେଳେ ଆମେମାନେ ଏହି ସୁବିଧାର ସୁଫଳ ପାଇପାରୁନାହୁଁ ବୋଲି ନାଗମତି କହିଛନ୍ତି। ଡାକ୍ତରଖାନା ଖୋଲା ଥିଲେ ବି କର୍ମଚାରୀ କିମ୍ବା ଡାକ୍ତର ନ ଥିବାରୁ ଏ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମାଙ୍କୁ ପଚାରିବାରେ ଘଟଣା ସମ୍ପର୍କରେ ତଦନ୍ତ କରାଯିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।



ରାଇମଣିଙ୍କୁ ଏକ ଟ୍ରଲିରେ ମେଡିସିନ୍ ଷ୍ଟୋରକୁ ନିଆଯାଉଛି।

### ବ୍ଲକରେ କରିହେବ ଡ୍ରାଇଭିଂ ଲାଇସେନ୍ସ ଆବେଦନ

**ଆଳି,୧୨।୧୦ (ଡି.ଏନ୍.ଏ.)**

ଆଳି ବ୍ଲକ କାର୍ଯ୍ୟାଳୟ ପରିସରରେ ଆସନ୍ତ ୧୪ ତାରିଖରେ ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହି ଅବସରରେ ବ୍ଲକ ପରିସରରେ କେନ୍ଦ୍ରାପଡା ଆରଟିଓ ପକ୍ଷରୁ ଏକ ୟୁନିଟ ଖୋଲାଯାଇ ଡ୍ରାଇଭିଂ ଲାଇସେନ୍ସ ଲର୍ନିଂ ପାଇଁ ଆବେଦନ ପତ୍ର ଗ୍ରହଣ କରାଯିବ। ତେବେ ଡ୍ରାଇଭିଂ ଲାଇସେନ୍ସ ନ ଥିବା ଲୋକମାନେ ଏଠାରେ ଲର୍ନିଂ ସାର୍ଟିଫିକେଟ୍ ପାଇଁ ଆବେଦନ କରିପାରିବେ। ଏଥିନିମନ୍ତେ ଆବେଦନକାରୀଙ୍କୁ ଆଧାର କାର୍ଡ, ଜନ୍ମ ତାରିଖ ପ୍ରମାଣପତ୍ର ଓ ବ୍ଲଡ ଗ୍ରୁପ ରିପୋର୍ଟ ସହ ଫର୍ମ ଦାଖଲ କରିବାକୁ ପଡିବ ବୋଲି ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ଦିଆଯାଇଛି।

## ଏ ସପ୍ତାହର କାର୍ଯ୍ୟକ୍ରମ

**୧୩।୧୦।୨୦୧୯ (ରବିବାର)**
- ଗଜଲକ୍ଷ୍ମୀ ପୂଜା

ସ୍ଥାନ- ଖଡିଅଙ୍ଗ, କେନ୍ଦ୍ରାପଡା, ସମୟ- ଅପରାହ୍ନ ୫ଟା

**୧୪।୧୦।୨୦୧୯ (ସୋମବାର)**
- ମିଳିତ ପ୍ରଶାସନିକ ଜନଶୁଣାଣି ଶିବିର

ସ୍ଥାନ- ବ୍ଲକ କାର୍ଯ୍ୟାଳୟ, ସମୟ- ପୂର୍ବାହ୍ନ ୧୦ଟା

**୧୫।୧୦।୨୦୧୯ (ମଙ୍ଗଳବାର)**
- ଡ. ଅବଦୁଲ କାଲାମଙ୍କ ଜୟନ୍ତୀ ଉତ୍ସବ

ସ୍ଥାନ- ମେଡିକାଲ ରୋଡ, କେନ୍ଦ୍ରାପଡା ସହର, ସମୟ- ପୂର୍ବାହ୍ନ ୯ଟା

**୧୬।୧୦।୨୦୧୯ (ବୁଧବାର)**
- ଜିଲା ବିଜେଡି ପକ୍ଷରୁ ରକ୍ତଦାନ ଶିବିର

ସ୍ଥାନ- ଜିଲା ମୁଖ୍ୟ ଚିକିତ୍ସାଳୟ, କେନ୍ଦ୍ରାପଡା, ସମୟ- ପୂର୍ବାହ୍ନ ୮ଟା



ଅନନ୍ତ ବଳିଆ ଟ୍ରଷ୍ଟ ପକ୍ଷରୁ ଶନିବାର ସନ୍ଧ୍ୟାରେ କରାଯାଇଥିବା ଇଚ୍ଛାପୁରସ୍ଥ ଶ୍ରୀବଳଦେବଜୀଉଙ୍କ ଅନନ୍ତ ବେଶ।

### ସେରାଜେମ ଅଟୋ ମେଶିନ ଉଦ୍‌ଘାଟନ

**କେନ୍ଦ୍ରାପଡା ଅଫିସ, ୧୨।୧୦**

ଶନିବାର ସହରର ମାଧପୁରଠାରେ ସେରାଜେମ ଅଟୋ ମେଶିନର ଉଦ୍‌ଘାଟନ ହୋଇଯାଇଛି । ଏହାକୁ ଦକ୍ଷିଣ କୋରିଆର ସେରାଜେମ ମ୍ୟାନେଜିଂ ଡିରେକ୍ଟର ଦୀପକ ପାଣ୍ଡୟ ଓ ଓଡିଶା ଜୋନାଲ ମ୍ୟାନେଜର ଦେବବ୍ରତ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ । ଏହି ମେଶିନ ସାହାଯ୍ୟରେ ସ୍ପାଇନାଲ କର୍ଡ ସମସ୍ୟାର ସମାଧାନ ନିଶୁଳ୍କରେ ଯୋଗାଇ ଦିଆଯିବ ବୋଲି କେନ୍ଦ୍ରାପଡା ଜିଲା ସଂଯୋଜକ ଅଦୈତ କୁମାର ଦାସ ପ୍ରକାଶ କରିଛନ୍ତି । ଉଦ୍‌ଘାଟନ ଦିବସ ଅବସରରେ ସହରର ଶତାଧିକ ବ୍ୟକ୍ତି ଏହି ମେଶିନର ସୁଯୋଗ ନେଇଥିଲେ ।

### ପୌରାଞ୍ଚଳର ୧୫୨ ହିତାଧିକାରୀଙ୍କୁ ନୂତନ ଭତ୍ତା ବଣ୍ଟନ



ଜଣେ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଛି।

**କେନ୍ଦ୍ରାପଡା ଅଫିସ, ୧୨।୧୦**

କେନ୍ଦ୍ରାପଡା ପୌରାଞ୍ଚଳର ୧୫୨ ଜଣ ନୂତନ ହିତାଧିକାରୀଙ୍କୁ ଶନିବାର ଭତ୍ତା ବଣ୍ଟନ କରାଯାଇଛି । ଏହି ଉପଲକ୍ଷେ ପୌରନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳଙ୍କ ଅଧ୍ୟକ୍ଷତାରେ ଟାଉନହଲ ପରିସରରେ ଏକ ଉତ୍ସବର ଆୟୋଜନ ହୋଇଥିଲା । ଏଥିରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ମୁଖ୍ୟ ଅତିଥି, ଜିଲା ପରିଷଦ ଅଧ୍ୟକ୍ଷ ମାନସ କୁମାର ପରିଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ମଧୁବାବୁ ପେନସନ ଯୋଜନାରେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଅତିଥିମାନେ ରାଜ୍ୟ ସରକାରଙ୍କ ଉନ୍ନୟନ ଯୋଜନା ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ପ୍ରକାଶ କରିଥିଲେ । ଏଥିସହିତ ପୌରାଞ୍ଚଳର ବେଙ୍ଗପାଟିଆ ଠାରେ ତିନିମୁହାଣି – ଅଙ୍ଗୁଲେଇ ରାସ୍ତା ଉପରେ ନବନିର୍ମିତ ଏକ ସ୍ୱାଗତ ତୋରଣକୁ ବିଧାୟକ ବେହେରା ଉଦ୍‌ଘାଟନ କରିଥିଲେ। ପୌରସଂସ୍ଥା କର୍ମଚାରୀ ଅଶୋକ କୁମାର ସାହୁ, ଗଣେଶ ଚନ୍ଦ୍ର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଶିବ ମୁନିଙ୍କ ୧୫୩ତମ ଜନ୍ମୋତ୍ସବ



ଶିବିରରେ ଉପସ୍ଥିତ ଯୋଗାଚାର୍ଯ୍ୟ ଓ ଶ୍ରଦ୍ଧାଳୁମାନେ।

**ମହାକାଳପଡା, ୧୨।୧୦ (ଡି.ଏନ୍.ଏ.)**

ମହାକାଳପଡାସ୍ଥିତ ଶ୍ରୀଶ୍ରୀ ବାୟାବାବା କଲେଜ ପରିସରରେ ମୁନି ସମାଜର ସଂସ୍ଥାପକ ସଦ୍‌ଗୁରୁ ଶିବ ମୁନିଙ୍କର ୧୩୫ତମ ଜନ୍ମୋତ୍ସବ ଶନିବାରଠାରୁ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଆରମ୍ଭ ହୋଇଥିବା ଦୁଇ ଦିନିଆ ଯୋଗ ଶିବିରକୁ ଗୋରଡାପୁରର ପ୍ରବଚକ ମୁନିଶ୍ୱର ନିରଞ୍ଜନ ପଣ୍ଡିତ ଉଦ୍‌ଘାଟନ କରିଛନ୍ତି। ଅପରାହ୍ନରେ ସତ୍‌ସଙ୍ଗ ସାର୍ବଜନୀନ ପ୍ରବଚନ ସଭା ଓ ଆତ୍ମା ଜ୍ଞାନ ଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିମାନେ ଯୋଗଦେଇ ସ୍ୱାସ୍ଥ୍ୟ ସମ୍ପଦର ସୁରକ୍ଷା ପାଇଁ ଯୋଗ ହିଁ ଏକମାତ୍ର ବିକଳ୍ପ ବୋଲି କହିଥିଲେ। ଏଥିସହ ଶାରୀରିକ, ମାନସିକ ଓ ଭୌତିକ ବିକାଶ ପାଇଁ ପୂର୍ଣ୍ଣଯୋଗ ବା ଅଷ୍ଟାଙ୍ଗ ଯୋଗର ଆବଶ୍ୟକତା ରହିଛି ବୋଲି ଯୋଗାଚାର୍ଯ୍ୟ ଓ ଯୋଗୀମାନେ କହିଥିଲେ। ଏହି ଅବସରରେ ଯୋଗାଚାର୍ଯ୍ୟ ବାଇଧର ମୁନି, ଯୋଗୀ ଦଶରଥ ପଣ୍ଡା ପ୍ରମୁଖ ଯୋଗଦେଇ ପ୍ରବଚନ ଦେଇଥିଲେ। ଯୋଗ ଶିବିରକୁ ସନ୍ତୋଷ ମୁନି ଓ ପ୍ରଫୁଲ୍ଲ ମୁନି ପ୍ରମୁଖ ପରିଚାଳନା କରିଥିଲେ।

# ଗୋରୁଙ୍କୁ ବ୍ୟାପୁଛି ଚର୍ମରୋଗ

**ବ୍ଲକ ଅଞ୍ଚଳର ଶତାଧିକ ଆକ୍ରାନ୍ତ**

- ଚିନ୍ତାରେ ଗୋ-ପାଳକ
- ମିଳୁନି ଆବଶ୍ୟକ ଚିକିତ୍ସା

**ପଟ୍ଟାମୁଣ୍ଡାଇ, ୧୧।୧୦ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ଗୋରୁଙ୍କୁ ନଡୁଲାର୍ ଚର୍ମ ରୋଗ ବ୍ୟାପିବାରେ ଲାଗିଛି। ଏହି ରୋଗରେ ଏ ପର୍ଯ୍ୟନ୍ତ ଗୋଟିଏ ଗାଈ ଓ ଗୋଟିଏ ବାଛୁରି ମରିଥିବା ବେଳେ ଆଉ କେତେକ ଏହି ମହାମାରି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଉପଯୁକ୍ତ ଚିକିତ୍ସା ଅଭାବରୁ ଗୋରୁଙ୍କୁ ଏହି ରୋଗ ବ୍ୟାପୀ ଚାଲିଥିବା ବେଳେ ଗୋପାଳକମାନେ ଚିନ୍ତାରେ ପଡ଼ିଛନ୍ତି।

ଏହି ରୋଗରେ ଆକ୍ରାନ୍ତ ହୋଇ ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ କଖାରୁଣୀ ଗ୍ରାମର ସୁରଥ ସାହୁଙ୍କର ଗୋଟିଏ ଗାଈ ଓ ରଞ୍ଜିତ ରାଉତଙ୍କ ଗୋଟିଏ ବାଛୁରି ମରିଯାଇଛି। ଏଥିସହ ଗ୍ରାମର ଶରତ ଦାଶ, ସର୍ବେଶ୍ୱର ଦାଶ, ଆର୍ତ୍ତତ୍ରାଣ ଦାଶ, ବିଦ୍ୟାଧର ଦାଶ, ସର୍ବେଶ୍ୱର ମହାନ୍ତି, ନବକିଶୋର ମହାନ୍ତି, ଗଙ୍ଗାଧର ପଣ୍ଡାଙ୍କର ଗାଈ, ବାଛୁରୀ ନଡୁଲାର ଚର୍ମ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଗୋପାଳକମାନଙ୍କ କହିବା ଅନୁସାରେ, ଏହି ରୋଗ ହେଲେ ପ୍ରଥମେ ଗାଈ ଚମଡ଼ା ଫୁଲି ଯାଉଛି। ଏଥିସହ ପରବର୍ତ୍ତୀ ସମୟରେ ଏହି ଫୁଲା ଫାଟି ଘା' ହେବା ସହ ମୁହଁ ଓ ପାଟିରୁ ଲାଳ ବାହାରୁଥିବା ବେଳେ ଗୋଡ ଖୁରାରେ ମଧ୍ୟ ଘା' ହୋଇଯାଉଛି। ବଡ଼ ଗାଈଙ୍କ ଅପେକ୍ଷା ବାଛୁରି ଏହି ରୋଗରେ ବିଶେଷ ଭାବେ ଆକ୍ରାନ୍ତ ହେଉଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ପଟ୍ଟାମୁଣ୍ଡାଇ ପ୍ରାଣୀଧନ ଚିକିତ୍ସାକେନ୍ଦ୍ର ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ନେଇ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବ୍ଲକ ଅଞ୍ଚଳରେ ୭ଟି ପ୍ରାଣୀଧନ ଚିକିତ୍ସାଳୟ ଥିଲେ ବି ଡାକ୍ତର ଅଭାବ ଯୋଗୁ ଆବଶ୍ୟକ ଚିକିତ୍ସା ମିଳିପାରୁନାହିଁ। ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ପ୍ରାୟ ୧୯୦ ଗ୍ରାମରେ ଶତାଧିକ ଗାଈ, ବାଛୁରି ଏହି ରୋଗରେ ଆକ୍ରାନ୍ତ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପ୍ରାଣୀଧନ ଚିକିତ୍ସାକେନ୍ଦ୍ରର ବିଭିଓ ଡା. ଜଳଧର ପ୍ରଧାନଙ୍କୁ ପଚାରିବାରେ ଏହି ରୋଗ ପାଇଁ ଭାକ୍ସିନ୍ ବାହାରିନାହିଁ। ଏହି ରୋଗରେ ଆକ୍ରାନ୍ତ ହେଲେ ଗାଈମାନେ ମରିବେ ନାହିଁ, ମାତ୍ର ବାଛୁରୀଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି କହିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ରାପଡା ନୋଡାଲ ଅଫିସର୍ ତଥା ପ୍ରାଣୀ ଚିକିତ୍ସକ ଡା. ପ୍ରସନ୍ନ କୁମାର ପରିଡ଼ାଙ୍କୁ ଯୋଗାଯୋଗ କରିବାରେ ଏହାର ଭାକ୍ସିନ୍ ବାହାରି ନାହିଁ ସତ, ମାତ୍ର ଚିକିତ୍ସା କରାଗଲେ ସୁଫଳ ମିଳିବ ବୋଲି କହିଛନ୍ତି। ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି।



ଚର୍ମରୋଗରେ ଆକ୍ରାନ୍ତ ଗାଈ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. | ଭୁବନେଶ୍ୱର, ରବିବାର, ଅକ୍ଟୋବର ୧୩/୨୦୧୯ | Bhubaneswar, Sunday, October 13/ 2019




■ ଇଣ୍ଡିଆସ୍ ଚାର୍ମିଂ ଫେସ୍ ଓଡ଼ିଶା

# ୨୦୧୯ ଟାଇଟଲ ଜିତିଲେ ନିରଞ୍ଜନା

ଭୁବନେଶ୍ୱର, ୧୨।୧୦(ବ୍ୟୁରୋ)



ବିଶ୍ୱର ଜଣାଶୁଣା ବିଉଟି ପାଜେଣ୍ଟ 'ମିଷ୍ଟର୍ ଆଣ୍ଡ୍ ମିସ୍ ଚାର୍ମିଂ ଫେସ୍'ର ଚଳିତ ବର୍ଷ ୩ୟ ସଂସ୍କରଣ ଅନୁଷ୍ଠିତ ହେଉଥିବା ବେଳେ ଇଣ୍ଡିଆସ୍ ଚାର୍ମିଂ ଫେସ୍ ଓଡ଼ିଶା ୨୦୧୯ ଚୟନ କରାଯାଇଛି। କଟକର ୨୧ବର୍ଷୀୟା ନାଗଜା ନିରଞ୍ଜନା ଇଣ୍ଡିଆସ୍ ଚାର୍ମିଂ ଫେସ୍ ଓଡ଼ିଶା ୨୦୧୯ ଟାଇଟଲ ଜିତିଛନ୍ତି। ଇଣ୍ଡିଆସ୍ ଚାର୍ମିଂ ଫେସ୍ ଓଡ଼ିଶା ୨୦୧୯ର ବ୍ରାଣ୍ଡ ଆମ୍ବାସାଡର ଲାବଣ୍ୟା ଦାସ ତାଙ୍କୁ କ୍ରାଉନ୍ ପିନ୍ଧାଇବା ସହ ମିସ୍ ଟ୍ୟାଲେଣ୍ଟେଡ୍ ସବ୍‌ଟାଇଟଲ ପ୍ରଦାନ କରିଥିଲେ। ସେହିଭଳି ଭୁବନେଶ୍ୱରର ଜାହ୍ନବୀ ପଟ୍ଟନାୟକ ପ୍ରଥମ ରନର୍ସଅପ୍ ହୋଇଥିବାବେଳେ ରାଉରକେଲାର ଈପ୍ସିତା ଦାସ ଦ୍ୱିତୀୟ ରନର୍ସଅପ୍ ଏବଂ ମିସ୍ ବିଉଟିଫୁଲ୍ ବଡି ଟାଇଟଲ ଜିତିଥିଲେ। କଟକର ପ୍ରିୟା ରାୟ ମିସ୍ ଡିଭା ଓଡ଼ିଶା ୨୦୧୯ ଏବଂ ମିସ୍ ଫୋଟୋଜେନିକ୍ ଟାଇଟଲ ଜିତିଥିବାବେଳେ ପୁରୀର ଲିପ୍ସା ମହାପାତ୍ର ଟୁରିଜମ୍ ଆମ୍ବାସାଡର ଇଣ୍ଡିଆସ୍ ଚାର୍ମିଂ ଫେସ୍ ଓଡ଼ିଶା ୨୦୧୯ ଟାଇଟଲ୍ ଏବଂ ମିସ୍ କନ୍‌ଫିଡେନ୍ସ ସବ୍‌ଟାଇଟଲ୍ ଜିତିଛନ୍ତି। ରାୟଗଡ଼ାର ବବିତା ଶବର ମିସ୍ ଷ୍ଟାଇଲ୍ ଆଇକନ୍, ପୁରୀର ସ୍ମୃତିରେଖା ଖୁଣ୍ଟିଆ ମିସ୍ ପିସ୍ ଆଣ୍ଡ ହ୍ୟୁମାନିଟି ଏବଂ ମିସ୍ ପିପୁଲ୍‌ସ ଚଏସ୍, ଯାଜପୁରର ବିସ୍ମିତା ଚାନ୍ଦ ମିସ୍ ପପୁଲାର, ଖୋର୍ଦ୍ଧାର ଅନ୍ୱେଷା ଭଞ୍ଜଦେଓ ମିସ୍ ଆଇକନିକ୍ ଆଇଜ୍ ସବ୍‌ଟାଇଟଲ୍ ଜିତିଛନ୍ତି। ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବିଚାରକ ଥିଲେ ଓଡ଼ିଆ ଫିଲ୍ମ ଅଭିନେତ୍ରୀ ପୁପୁଲ୍ ଭୂୟାଁ, ଦିବ୍ୟାଦିଶା ମହାନ୍ତି, ମିସେସ୍ ଇଣ୍ଡିଆ ୨୦୧୯ ବିଜେତା ଶତରୂପା ଦାସ, ଅଭିନେତା ଅଭିଷେକ ଗିରି ଏବଂ ଡ୍ୟାନ୍ସ କୋରିଓଗ୍ରାଫର ଶାଶ୍ୱତ ଯୋଶୀ। ଅନ୍ୟମାନଙ୍କ ମଧ୍ୟରେ ଇଣ୍ଡିଆସ୍ ଚାର୍ମିଂ ଫେସ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ରାଜେଶ ରଞ୍ଜନ ମହାନ୍ତି, ବ୍ରାଣ୍ଡ ଆମ୍ବାସାଡର ଲାବଣ୍ୟା ଦାସ, ମେଣ୍ଟର ମୈତ୍ରୀ ମୋନାଲୀ, ଅଙ୍କିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୧୩ ଓ ୧୪ ତାରିଖରେ ରାଜସ୍ଥାନ ଜୟପୁରରେ ହେବାକୁ ଥିବା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଶ୍ରେଷ୍ଠ ୩ ପ୍ରତିଯୋଗୀ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ



ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେହି ସଂକ୍ଷେପରେ କଥାଟିଏ କହିଦେଇ ପାରେ।
- ବ୍ୟାସକବି ଫକୀରମୋହନ



**ସଂକ୍ଷେପରେ**

## ବିଦ୍ୟୁତ୍ ଶର୍ଟସର୍କିଟରୁ ଜଳିଗଲା ଘର



**ରସୁଲପୁର,୧୨।୧୦(ଡିଏନ୍ଏ):** ରସୁଲପୁର ବ୍ଲକ ବଡକଇଁଚି ପଞ୍ଚାୟତ ଗୋପିନାଥପୁର ଗ୍ରାମରେ ଶନିବାର ସନ୍ଧ୍ୟା ସାଢେ ୭ଟାରେ ଅଗ୍ନିକାଣ୍ଡ ଘଟି ୨ବଖରା ଚାଳଘର ପୋଡି ପାଉଁଶ ହୋଇଯାଇଛି। ହେଲେ ଗୃହକର୍ତ୍ତା ବାବୁଲି ସାହୁ ଓ ଗୌରାଙ୍ଗ ସାହୁଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଗୁହାଳରେ ବନ୍ଧା ଯାଇଥିବା ଗୃହପାଳିତ ପଶୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏ ସମ୍ପର୍କରେ ଖବର ପାଇ ରସୁଲପୁର ଦମକଳ କେନ୍ଦ୍ରବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲଭାଇ ଥିଲେ। ଗ୍ରାମବାସୀ ପକ୍ଷରୁ ନିଆଁକୁ ଆୟତ୍ତ କରିବାରେ ସହାୟତା ପ୍ରଦାନ କରାଯାଇଥିଲା। ଅଗ୍ନିକାଣ୍ଡରେ ହୋଇଥିବା କ୍ଷୟକ୍ଷତିର ପରିମାଣ ଆନୁମାନିକ ୫୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି।

## ଅନ୍ତର୍ଜାତୀୟ ଗାନ୍ଧୀ ପିସ୍ ଆମ୍ବାସାଡର ସମିଟରେ ଯୋଗଦେଇଥିବା ୨ ଯୁବକଙ୍କୁ ସମ୍ବର୍ଦ୍ଧନା

**ଯାଜପୁର ଟାଉନ/ ବରୀ, ୧୨।୧୦(ଡିଏନଏ/ସ୍ୱ.ପ୍ର.):** ନେପାଳର ରାଜଧାନୀ କାଠମାଣ୍ଡୁଠାରେ ୩ଦିନ ଧରି ଅନ୍ତର୍ଜାତୀୟ ଗାନ୍ଧୀ ପିସ ଆମ୍ବାସାଡର ସମିଟ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇଥିବା ଯାଜପୁର ଜିଲା ବରୀ ଅଞ୍ଚଳର ଗାନ୍ଧୀ ସଂଗ୍ରାହକ ଅଶୋକ କୁମାର ସାହୁ ଓ ପେପରମ୍ୟାନ ତଥା ପିସ ଆମ୍ବାସାଡର ଶଶାଙ୍କ ଶେଖର ଦାଶ ଶନିବାର ଓଡ଼ିଶା ଫେରିଛନ୍ତି। ସେମାନଙ୍କୁ ବରୀ ମାଉଣ୍ଟ୍ ବଜାର ନିକଟରେ ସ୍ଥାନୀୟ ଲୋକେ ସମ୍ବର୍ଦ୍ଧିତ କରିଥିଲେ। ସେଠାରେ ସାହୁ ଓ ଦାଶ ଓଡିଶାରେ ମହାତ୍ମାଗାନ୍ଧୀଙ୍କ ପଦଯାତ୍ରା ବିଶେଷ କରି ସ୍ୱାଧିନତା ପୂର୍ବରୁ ଗାନ୍ଧୀଜୀଙ୍କ ବରୀକୁ ଆଗମନ ଓ ତାଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ଏହି କାର୍ଯ୍ୟକ୍ରମରେ ବିଶେଷ ଭାବେ ଆଲୋଚନା କରିଥିଲେ। ଗାନ୍ଧୀ ସଂଗ୍ରାହକ ସାହୁ ତାଙ୍କର ସଂଗ୍ରହଗୁଡିକୁ ଏହି କାର୍ଯ୍ୟକ୍ରମରେ ପ୍ରଦର୍ଶନ କରିଥିଲେ। ସାହୁଙ୍କ ଦ୍ୱାରା ସଂଗୃହୀତ ଗାନ୍ଧୀଜୀଙ୍କ ଉପରେ ଡାକ ଟିକେଟ, ପ୍ରଥମ ଦିବସ ଲଫାପା, ବହି ଓ ଖବରକାଗଜ କଟିଂଗୁଡିକୁ ଆମ୍ବାସାଡରମାନେ ଦେଖି ଅନେକ ନୂଆ କଥା ଜାଣିବାକୁ ପାଇଥିଲେ। ସେହିଭଳି ଦାଶ ନିଜ ରଚିତ 'ଗାନ୍ଧୀଜୀ ଜଣେ ସାମ୍ବାଦିକ' ପ୍ରବନ୍ଧ ପାଠ କରିଥିବାବେଳେ ତାହା ମଧ ସେଠାରେ ବେଶ୍ ଆଦୃତ ହୋଇଥିଲା। ଅକ୍ଟୋବର ୭ରୁ ୯ ତାରିଖ ୩ଦିନ ଧରି ଏହି ସମିଟରେ ୯ଟି ଦେଶର ୬୨ ଜଣ ପ୍ରତିନିଧି ଓ ତାଙ୍କ ସହଯୋଗୀମାନେ ଯୋଗଦେଇଥିବାବେଳେ ବରୀର ଏହି ୨ ଯୁବକ ବିନା ସରକାରୀ ସହାୟତାରେ ଉକ୍ତ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଯାତାୟାତ ଓ ଅନ୍ୟାନ୍ୟ ଖର୍ଚ୍ଚ ତୁଲାଇବାକୁ ୨ ଯୁବକ ଅକ୍ଷମ ଥିବାରୁ ଏନେଇ ସରକାରୀ ସହାୟତା ଦେବାକୁ ଜିଲା ପ୍ରଶାସନ ଓ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶକଙ୍କୁ ମଧ ଅନୁରୋଧ କରିଥିଲେ ମଧ ସେମାନଙ୍କ ନିବେଦନକୁ କେହି ରଖି ନ ଥିଲେ ବୋଲି ଯୁବକ ଦ୍ୱୟ ଦୁଃଖ ପ୍ରକାଶ କରିଛନ୍ତି।

# ପ୍ରହସନ ପାଲଟିଛି ୫-ଟି, ପଛେଇଛି ବିକାଶ

**ଯାଜପୁର ଅଫିସ,୧୨।୧୦**

ଯାଜପୁର ଜିଲା ଗଠନ ହେବା ପରେ ଏହାର ପାରିପାର୍ଶ୍ୱିକ, ଭୌଗୋଳିକ ବିକାଶ ଯେପରି ହେବା କଥା ତାହା ଏପର୍ଯ୍ୟନ୍ତ ହୋଇପାରି ନାହିଁ। ଲୋକଙ୍କ ଜୀବନଧାରଣ ମାନରେ ସେତେଟା ଉନ୍ନତି ପରିଲକ୍ଷିତ ହୋଇନାହିଁ। ଜିଲାର ପ୍ରତିନିଧିତ୍ୱ କରୁଥିବା ରାଜନୈତିକ ନେତୃବର୍ଗ ଏବଂ ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ଜିଲାର ବିକାଶ ପରାହତ ହେଉଛି। ଦାୟିତ୍ୱରେ ଥିବା ଅଧିକାଂଶ ଅଧିକାରୀ ଓ କର୍ମଚାରୀ ଦୁର୍ନୀତିରେ ବୁଡି ରହିଛନ୍ତି। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ସେଭଳି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରୁନାହିଁ। ଦୁର୍ବଳ ଉପରେ କାର୍ଯ୍ୟାନୁଷ୍ଠାନ ହେଉଥିବାବେଳେ ପ୍ରଭାବଶାଳୀ ଅଧିକାରୀଙ୍କୁ ଆହୁରି ସୁରକ୍ଷା ଯୋଗାଇ ଦିଆଯାଉଛି। ଏହିସବୁ କାର୍ଯ୍ୟରେ ଜଣେ ପ୍ରଭାବଶାଳୀ ରାଜନେତା ଓ ଜିଲାସ୍ତରୀୟ ଅଧିକାରୀଙ୍କ ସମ୍ପୃକ୍ତି ଦୁର୍ନୀତିକୁ ଅଧିକ ପ୍ରୋତ୍ସାହିତ କରୁଛି। ଫଳରେ ଯାଜପୁର ଜିଲାରେ ରାଜ୍ୟ ସରକାରଙ୍କ ୫-ଟି ଆଇନ ପ୍ରହସନ ହେଉଥିବାରୁ ବିକାଶର ଧାରାକୁ ପଛକୁ ପକାଇ ଦେଇଥିବା ସାଧାରଣରେ ଆଲୋଚନା ହେଉଛି।

ଜିଲାରେ ବିଭିନ୍ନ ଯୋଜନାରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ବିରୋଧି ଦଳ ଓ ସାମାଜିକ ସଂଗଠନ କାର୍ଯ୍ୟକର୍ତ୍ତାମାନେ ବାରମ୍ବାର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ମାତ୍ର ଜିଲାପାଳ ତଥା ବିଭାଗୀୟ ଅଧିକାରୀମାନେ ଚିରାଚରିତ ଢଙ୍ଗରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାର ପ୍ରତିଶ୍ରୁତି ଦେଉଛନ୍ତି। ହେଲେ ପରବର୍ତ୍ତୀ ସମୟରେ ପ୍ରଶାସନ, ଅଭିଯୋଗକାରୀ ସଂଗଠନ ତଥା ରାଜନୈତିକ ନେତୃବୃନ୍ଦ ନୀରବି ଯାଉଛନ୍ତି। କୌଣସି ରାଜନୈତିକ ଦଳ ପକ୍ଷରୁ ସେଭଳି ଦୃଢ଼ଭାବେ ବିରୋଧ ହେଉ ନ ଥିବାରୁ ପ୍ରଶାସନିକ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ଜିଲାରେ ଅଣାୟତ୍ତ ହେବାରେ ଲାଗିଛି। ଏଭଳି ପରିସ୍ଥିତିରେ ଜିଲାରେ ମୋ ସରକାର ଯୋଜନା ମଧ

**ଯାଜପୁର ଜିଲା**

- ■ଦୁର୍ବଳ ପ୍ରଶାସନିକ କାର୍ଯ୍ୟ ସମ୍ପାଦନ ପ୍ରମୁଖ କାରଣ
- ■ବିକାଶ ଅପେକ୍ଷା ମନୋରଞ୍ଜନକୁ ଦିଆଯାଉଛି ପ୍ରାଧାନ୍ୟ
- ■ଶାସକ, ବିରୋଧୀ ଦଳ ନୀରବ

ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହେବା ନେଇ ସଂଶୟ ପ୍ରକାଶ ପାଇଛି। ଅନ୍ୟପକ୍ଷେ ଜିଲାରେ କେତେଜଣ ଆଗଧାଡ଼ିର ନେତୃବର୍ଗ ଓ ପ୍ରଶାସନିକ ଅଧିକାରୀ ନାଚଗୀତକୁ ଯେତିକି ପ୍ରାଧାନ୍ୟ ଦେଉଛନ୍ତି, ବିକାଶ ପ୍ରତି ସେତିକି ଆନ୍ତରିକତା ଦେଖାଉ ନ ଥିବା ମନେହେଉଛି। ଜିଲାରେ ପ୍ରତିବର୍ଷ ମରୁଡ଼ି/ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। କିନ୍ତୁ ଜିଲା ପ୍ରଶାସନ ତରଫରୁ ଏହାର ଆଶୁ ସମାଧାନ ପାଇଁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଜିଲାର ଚାଷୀ ପ୍ରତ୍ୟେକ ବର୍ଷ ଅଭାବି ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଅଧିକାଂଶ ପ୍ରାଥମିକ ସମବାୟ ସମିତି (ପ୍ୟାକ୍ସ) କର୍ମଚାରୀମାନେ ଚଞ୍ଚକତା କରି ଚାଷୀଙ୍କ ନାମରେ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନା ସମେତ ଲକ୍ଷାଧିକ ଟଙ୍କା ହଡ଼ପ କରି ଚାଲିଛନ୍ତି। ମଙ୍ଗଳପୁର, ମାର୍କଣ୍ଡପୁର, ବନ୍ଦାଳୋ, ବ୍ରହ୍ମବରଦା, ରଖିଦେଈପୁର, ରସୁଲପୁର ପ୍ରଭୃତି ପ୍ୟାକ୍ସରେ ଏହାର ନଜିର ରହିଛି। କୋର ନେଟୱାର୍କ ହିସାବରେ ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଜନ ଅଧୀନରେ ୧୩୩ଟି ଗ୍ରାମକୁ ଅଦ୍ୟାବଧି ସଡ଼କ ସଂଯୋଗ ନ ହେବା ଜିଲା ବିକାଶର ନଗ୍ନ ନମୁନା ସାମ୍ନାକୁ ଆସିଛି। ମୂଲ୍ୟବାନ ଭୂ-ସମ୍ପଦ ଓ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଯାଜପୁର ଜିଲାର ବିକାଶ ପାଇଁ ପ୍ରାୟ ୭୦୦ରୁ ଊର୍ଦ୍ଧ୍ୱ କୋଟି ଟଙ୍କା ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମଏଫ) ପାଣ୍ଠିରେ ମହଜୁଦ ରହିଛି। ହେଲେ ଜିଲା ପ୍ରଶାସନ ଏହାର ଅଧା ଅର୍ଥ ମଧ ଖର୍ଚ୍ଚ କରିପାରି ନାହିଁ। ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, କାଳିଆ, ଆମ ଗାଁ ଆମ ବିକାଶ ଆଦି ଯୋଜନାରେ ଉପଯୁକ୍ତ ହିତାଧିକାରୀ ବଞ୍ଚିତ ହେଉଥିବାବେଳେ ଥିଲାବାଲାଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରାଯାଉଥିବା ଦେଖିବାକୁ ମିଳିଛି। ଏମ୍‌ଜିଏନ୍‌ଆରଇଜିଏସ୍ ଠିକ୍‌ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ରସୁଲପୁର ବ୍ଲକ ଭଗୀରଥପୁର, ନଠୁଆବର, ଟିକରପଡା, ନୂଆହାଟ, ନଗୁଆଁ ପ୍ରଭୃତି ଗ୍ରାମର ଲୋକେ ତାମିଲନାଡ୍ଡୁ, ଗୁଜୁରାଟ ଆଦି ରାଜ୍ୟକୁ ଦାଦନ ଖଟି ଯାଉଛନ୍ତି। ନଗଡ଼ାର ବିକାଶ ପାଇଁ ୨୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇସାରିଛି। ତଥାପି ନଗଡ଼ାରେ ଏବେ ବି ପୁଷ୍ଟିହୀନତା ଦେଖିବାକୁ ମିଳୁଛି। ଶିଳ୍ପ ଓ ଖଣି ଅଞ୍ଚଳରେ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରି ଅଭିଜ୍ଞତା ଆଳରେ ବାହାର ରାଜ୍ୟର ଲୋକଙ୍କୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏ ବିଷୟରେ ମଧ ପ୍ରଶାସନ କୌଣସି ସମାଧାନ କରି ପାରୁ ନଥିବାରୁ ସ୍ଥାନୀୟ ଅଞ୍ଚଳରେ ଆନ୍ଦୋଳନ, ବିକ୍ଷୋଭ, ଧାରଣା ଭଳି ଅଶାନ୍ତି ଦେଖିବାକୁ ମିଳୁଛି। ଏହାବାଦ ଲଘୁ ଖଣିଜ ଦ୍ରବ୍ୟ ଲୁଟ ଜିଲାରେ ଅଣାୟତ୍ତ ହେବାରେ ଲାଗିଛି। ଆଡଭୋକେଟ ଚନ୍ଦ୍ରଶେଖର ପଣ୍ଡା କୁହନ୍ତି, ରାଜନୈତିକ ଧୋକାବାଜି ଯୋଗୁ ଅଞ୍ଚଳର ବିକାଶ ହୋଇପାରୁ ନାହିଁ। ସେଥିପାଇଁ ଜିଲାର ଭୌଗୋଳିକ ସ୍ଥିତିରେ ଆହୁରି ପରିବର୍ତ୍ତନର ଆବଶ୍ୟକତା ରହିଛି। ଶ୍ରମିକ ନେତା ବିଦ୍ୟାଧର ମହାନ୍ତି କୁହନ୍ତି, ରାଜ୍ୟ ସରକାରଙ୍କ ମୋ ସରକାର ନୁହେଁ, ଯାଜପୁର ଜିଲାରେ ଅଫିସରଙ୍କ ସରକାର ଚାଲିଛି। କୌଣସି ବିଭାଗରେ ସ୍ୱଚ୍ଛତା ଅବଲମ୍ବନ କରାଯାଉ ନାହିଁ। ଏଠାରେ ସରକାରଙ୍କ ୫-ଟି ଆଇନ ପ୍ରହସନ ହୋଇଛି। ଏନେଇ ଜିଲାପାଳଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ତେଣୁ ଆଗାମୀ ଦିନରେ ଦୁର୍ବାର ଆନ୍ଦୋଳନ କରାଯିବ ବୋଲି କହିଛନ୍ତି। ଜିଲାପାଳ ରଞ୍ଜନ କୁମାର ଦାସଙ୍କ ସହିତ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ।

# ଅଙ୍ଗନୱାଡି କର୍ମୀଙ୍କ ଉପରେ ବର୍ଷିଲେ ଡବ୍ଲ୍ୟୁସିଡିଓ

**ବିଞ୍ଝାରପୁର,୧୨।୧୦(ଡି.ଏନ.ଏ)**



ମହିଳା ଓ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ।

**ଧରିତ୍ରୀ ପ୍ରଭାବ**

ବିଞ୍ଝାରପୁର ବ୍ଲକ ମହିଳା ଓ ସମନ୍ୱିତ ଶିଶୁ ବିକାଶ ବିଭାଗର କାର୍ଯ୍ୟକଳାପକୁ ନେଇ 'ଧରିତ୍ରୀ'ରେ ଗତ ୧୯ତାରିଖରେ ଖବର ପ୍ରକାଶିତ ହୋଇଥିଲା। ସେଥିରେ ବିଞ୍ଝାରପୁର ବ୍ଲକରେ ଚାଲୁଥିବା ଦୁଇଟି ଅଙ୍ଗନୱାଡି କେନ୍ଦ୍ର ଓ ଏଥିରେ ହେଉଥିବା ଅନିୟମିତତା ସମ୍ପର୍କରେ ପ୍ରକାଶ ପାଇଥିଲା। ଏହାର ପ୍ରଭାବ ଶୁକ୍ରବାର ଦେଖିବାକୁ ମିଳିଛି। ଏହି ଖବରର ସତ୍ୟାସତ୍ୟ ଜାଣିବାକୁ ଶୁକ୍ରବାର ଜିଲା ମହିଳା ଓ ଶିଶୁ ବିକାଶ ଅଧିକାରୀ (ଡବ୍ଲ୍ୟୁସିଡିଓ) ବିଜୟାଲକ୍ଷ୍ମୀ ପଣ୍ଡା ବିଞ୍ଝାରପୁର ବ୍ଲକର ଉକ୍ତ ୨ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନରେ ଆସି ତଦନ୍ତ କରି ଫେରିଯାଇଛନ୍ତି। ଏହି ଦୁଇଟି କେନ୍ଦ୍ର ହେଲା ଆଉଁରୀ ପଞ୍ଚାୟତର କରପଦା-୧ ଓ ଉଦ୍ରଙ୍ଗ ପଞ୍ଚାୟତର ସାଇକୂଳ-୧ କେନ୍ଦ୍ର। ଡବ୍ଲ୍ୟୁସିଡିଓଙ୍କ ଏହି ତଦନ୍ତ ସମୟରେ କରପଦା ଅଙ୍ଗନୱାଡି କେନ୍ଦ୍ରର ପରିଚାଳନା ସମ୍ପର୍କରେ ପ୍ରକୃତ ସତ୍ୟ ସାମ୍ନାକୁ ଆସିଥିଲା। ଧରିତ୍ରୀରେ ପ୍ରକାଶିତ ଖବରରେ ସତ୍ୟତା ଥିବା ତଦନ୍ତ ସମୟରେ ଜାଣିବାକୁ ପାଇଥିଲେ। ଏହି ତଦନ୍ତ ସ୍ଥାନୀୟ ଗ୍ରାମବାସୀଙ୍କ ଉପସ୍ଥିତିରେ ହୋଇଥିଲା। କରପଦା ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ଜଣକ ଅନ୍ୟ ବିଦ୍ୟାଳୟର ୫ରୁ ୬ଜଣ ପିଲାଙ୍କୁ ବସାଇ କେନ୍ଦ୍ର ଖୋଲା ରଖୁଥିଲାବେଳେ ପ୍ରକୃତରେ କେନ୍ଦ୍ର ଆଦୌ ଖୋଲାଯାଏ ନାହିଁ ଓ କେନ୍ଦ୍ରରେ ହେଉଥିବା ଅନିୟମିତତା ସମ୍ପର୍କରେ ଡବ୍ଲ୍ୟୁସିଡିଓଙ୍କ ନିକଟରେ ଗ୍ରାମବାସୀ ଫେରାଦ ହୋଇଥିଲେ। ଏପରିକି ଏହି କେନ୍ଦ୍ରରୁ ଶିଶୁଙ୍କ ଭୋଜନ ପାଇଁ ଆସୁଥିବା ଚାଉଳ, ଡାଲିକୁ କେତେଜଣ ରାଜନୈତିକ ବ୍ୟକ୍ତି ନେଇଯାଉଥିବା ଜାଣିବାକୁ ମିଳିଥିଲା। ଏହି ତଦନ୍ତ ସମୟରେ ଡବ୍ଲ୍ୟୁସିଡିଓ ଉକ୍ତ ଅଙ୍ଗନୱାଡି କର୍ମୀଙ୍କ ଉପରେ ବର୍ଷିବା ସହିତ କେନ୍ଦ୍ରର ସମସ୍ତ ଖାତାପତ୍ର ଜବତ କରି ନେଇଥିଲେ। ସେହିପରି ଉଦ୍ରଙ୍ଗ ଗ୍ରାପର ସାଇକୁଳ-୧ ଅଙ୍ଗନୱାଡି କେନ୍ଦ୍ର ତଦନ୍ତ ସମୟରେ ବହୁ ଅନିୟମିତତା ହୋଇଥିବା ଡବ୍ଲ୍ୟୁସିଡିଓ ଜାଣିବାକୁ ପାଇଥିଲେ। ତଦନ୍ତ ସମ୍ପର୍କରେ ଡିଡବ୍ଲ୍ୟୁସିଓ ବିଜୟାଲକ୍ଷ୍ମୀ ପଣ୍ଡାଙ୍କୁ ପଚାରିବାରେ, ବିଞ୍ଝାରପୁର ବ୍ଲକରେ 'କାଗଜକଲମରେ ଚାଲିଛି ମହିଳା ଓ ଶିଶୁ ବିକାଶ' ଶିର୍ଷକ ଧରିତ୍ରୀରେ ପ୍ରକାଶିତ ପରେ ତଦନ୍ତ କରିବାକୁ ଆସିଥିଲେ। ତେବେ ତଦନ୍ତର ବିବରଣୀ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବେ ବୋଲି ପଣ୍ଡା କହିଛନ୍ତି।

- ■୨ ଅଙ୍ଗନୱାଡ଼ିରେ ହେଉଥିଲା ଅନିୟମିତତା
- ■ଜବତ କରିନେଲେ କେନ୍ଦ୍ରର ସମସ୍ତ କାଗଜପତ୍ର

■ ସରକାରୀ ଶିକ୍ଷକ ମାଡ଼ ଖାଇବା ଘଟଣା

# ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିପାରୁନି ପୋଲିସ

**ବିଞ୍ଝାରପୁର,୧୨।୧୦(ଡି.ଏନ.ଏ)**

ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ପଞ୍ଚାୟତରେ ଜଣେ ସରକାରୀ ଶିକ୍ଷକ ଡ୍ୟୁଟିରେ ଥିଲାବେଳେ ଜଣେ ଅସାମାଜିକ ଯୁବକଙ୍କଠାରୁ ମାଡ ଖାଇବାର ୨ସପ୍ତାହ ବିତିଯାଇଥିଲେ ମଧ ବିଞ୍ଝାରପୁର ପୋଲିସ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଯାହାକି ସାଧାରଣରେ ପୋଲିସର କାର୍ଯ୍ୟ ଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯେଉଁଠି ସରକାର ନିଜ କର୍ମଚାରୀଙ୍କୁ ସୁରକ୍ଷା ଦେଇପାରୁ ନାହାନ୍ତି ସେଠାରେ ସାଧାରଣ ଜନତାଙ୍କୁ କି ସୁରକ୍ଷା ଦେବେ ବୋଲି ଚର୍ଚ୍ଚା ହେଉଛି।

ପ୍ରକାଶ ଯେ, ଗତ ୨୮ ତାରିଖ ଅପରାହ୍ନରେ ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ଗ୍ରାମର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଜ୍ଞାନରଞ୍ଜନ ଦାସ ଭୋଟର ପରିଚୟପତ୍ରରେ ଆଧାର ସଂଯୋଗ କାର୍ଯ୍ୟର ତଥ୍ୟ ସଂଗ୍ରହ କରିବାକୁ ଯାଇଥିବାବେଳେ ସେହି ଗ୍ରାମର ଅସାମାଜିକ ଯୁବକ ବିଶ୍ୱଜିତ ଯେନା ହଠାତ ତାଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ନିସ୍ଥୁକ ମାଡ ମାରିଥିଲେ। ଏହି ଘଟଣାକୁ ନେଇ ସମ୍ପୃକ୍ତ ଶିକ୍ଷକ ବିଞ୍ଝାରପୁର ଥାନାରେ ଗତ ୨୯ ତାରିଖରେ ଅଭଯୋଗ କରିଥିଲେ। ଏନେଇ ବିଞ୍ଝାରପୁର ପୋଲିସ ଏକ ମାମଲା (ନଂ.୨୪୮/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ମାଡ଼ ଖାଇବା ଘଟଣା ପରେ ଶିକ୍ଷକ ଜଣକ ଅନିର୍ଦ୍ଦିଷ୍ଟ ସମୟ ଛୁଟିରେ ପଳାଇଥିଲାବେଳେ ଏହି ଘଟଣାକୁ ୨ସପ୍ତାହ ବିତିଯାଇଥିଲେ ବି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଚୁପ୍ ବସିଛି। ଏ ସମ୍ପର୍କରେ ବିଞ୍ଝାରପୁର ଥାନାଧିକାରୀ ଶିବଚରଣ ବେହେରାଙ୍କୁ ପଚାରିବାରେ, ଅଭିଯୁକ୍ତ ନିକଟରେ ପୋଲିସ ଖୁବଶୀଘ୍ର ପହଞ୍ଚିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ବିଞ୍ଝାରପୁର ପ୍ରାଥମିକ ସଂଘ ଏହି ଘଟଣାକୁ ନିନ୍ଦା କରିବା ସହିତ ଅଭିଯୁକ୍ତ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଯାଜପୁରଏସ୍‌ପି ଚରଣ ସିଂ ମୀନାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ହୋମଗାର୍ଡଙ୍କୁ ଧମକଦେବା ଘଟଣା

## ୩ ବିଜେଡି ନେତାଙ୍କ ନାମରେ ମାମଲା

**ବରୀ/ରତ୍ନଗିରି (ସ୍ୱ.ପ୍ର/ଡି.ଏନ.ଏ.),୧୨।୧୦:** ଯାଜପୁର ଜିଲା ବରୀ-ରାମଚନ୍ଦ୍ରପୁର ଥାନା ଅଞ୍ଚଳରେ ଜଣେ ହୋମଗାର୍ଡଙ୍କୁ ଧମକଚମକ ଦେବା ଅଭିଯୋଗକୁ ନେଇ ୩ଜଣ ବିଜେଡି ନେତା ଅଡୁଆରେ ପଡିଛନ୍ତି। ଓଉପଡା ଗ୍ରାମର ହୋମଗାର୍ଡ ରଞ୍ଜନ ମଲ୍ଲିକଙ୍କ ଅଭିଯୋଗ ଆଧାରରେ ଦେବେନ୍ଦ୍ର ଦାସ, ଅଶୋକ ସାମଲ ଓ ସନ୍ତୋଷ ସାମଲଙ୍କ ନାମରେ ୨୯୧/୫୦୬/୩୪ ଆଇପିସି ଏବଂ ଏସଟି/ଏସସି ଆକ୍ଟ ଅନୁଯାୟୀ ମାମଲା (ନଂ.୨୩୪/୧୯)ରେ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ ହୋମଗାର୍ଡ ମଲ୍ଲିକ ୧୦ ତାରିଖ ଅପରାହ୍ନରେ ରାସ୍ତାରେ ଜଣେ ସାକ୍ଷୀଙ୍କୁ ଥାନାକୁ ନେଇ ଯାଉଥିବାବେଳେ ତାଙ୍କୁ ଦେବେନ୍ଦ୍ର ଓ ତାଙ୍କ ଦୁଇ ସହଯୋଗୀ ଅଶୋକ ଓ ସନ୍ତୋଷ ଅସଦ୍‌ବ୍ୟବହାର କରି ଜାତିଆଣ ଆପେକ୍ଷ କରିଥିଲେ। ଏନେଇ ସେ ବରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ଆଜିଠୁ ଜିଲାସ୍ତରୀୟ ବାଳିକାବାଳକ କବାଡ଼ି ପ୍ରଶିକ୍ଷଣ

**ରସୁଲପୁର,୧୨।୧୦(ଡିଏନଏ)**

ଖଣ୍ଡିତର କବାଡ଼ି ଷ୍ଟାଡିୟମରେ ୫ଦିନ ଚାଲିବ ଶିବିର

ରସୁଲପୁର ବ୍ଲକ ଖଣ୍ଡିତର ନୋଡାଲ ଉଚ୍ଚ ବିଦ୍ୟାଳୟ ଓ ଯାଜପୁର କବାଡି ଆସୋସିଏଶନ ଆନୁକୂଲ୍ୟରେ ଜିଲାସ୍ତରୀୟ ୧୪ ଓ ୧୭ବର୍ଷରୁ କମ୍ ବର୍ଗର ବାଳିକାବାଳକ କବାଡ଼ି ପ୍ରଶିକ୍ଷଣ ଶିବିର ଖଣ୍ଡିତରସ୍ଥିତ କବାଡି ଷ୍ଟାଡିୟମ୍‌ରେ ରବିବାରଠାରୁ ଆରମ୍ଭ ହେବ। ଏହି ପ୍ରତିଯୋଗିତା ଖଣ୍ଡିତର କବାଡି ଷ୍ଟାଡିୟମ୍‌ରେ ୫ଦିନ ବ୍ୟାପି ଚାଲିବ। ଉକ୍ତ ଶିବିରରେ ଉଭୟ ୪ଟି ବାଳିକା ଓ ବାଳକ ଦଳର ୪୮ଜଣ ଖେଳାଳି ଯୋଗଦେବା ସହ ୧୦ଜଣ କୋଚ୍ ଓ ମାନେଜର ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ବ୍ଲକ ଶିକ୍ଷାଧିକାରୀ ସାନ୍ତନୁ କୁମାର କର ସୂଚନା ଦେଇଛନ୍ତି। ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବରରେ ବାଳିକାଙ୍କୁ ପ୍ରୋ-କବାଡି ରେଫରୀ ମନସ୍ୱନୀ ସାହୁ ଓ ରୀନା ମାଝୀ ପ୍ରଶିକ୍ଷଣ ପ୍ରଦାନ କରିବେ। ବାଳକଙ୍କୁ କୋଚ୍ ଅନାଦି ସାହୁ, କୃଷ୍ଣକାନ୍ତ ପଣ୍ଡା, ସୁରେଶ ସାହୁ, ସନ୍ତୋଷ ପଲେଇ ପ୍ରମୁଖ ପ୍ରଶିକ୍ଷଣ ଦେବେ। କ୍ରୀଡା ଶିକ୍ଷକ ସତ୍ୟନାରାୟଣ ମହାନ୍ତି ଉଭୟ ଦଳର ମ୍ୟାନେଜର ଦାୟିତ୍ୱ ନିର୍ବାହ କରିବେ। ଚଳିତବର୍ଷ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଦେବଗଡ ଜିଲାରେ ଅନୁଷ୍ଠିତ ହେବ। ୧୭ ଓ ୧୪ ବର୍ଷରୁ କମ୍ ଖେଳାଳିମାନେ ଯଥାକ୍ରମେ ଚଳିତ ମାସ ୧୫ ଓ ୧୮ ତାରିଖରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ପାଇଁ ଯାତ୍ରା ଆରମ୍ଭ କରିବେ ବୋଲି ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ମିଶ୍ର ସୂଚନା ଦେଇଛନ୍ତି। ଏଥିସହ ଶିବିରାର୍ଥୀମାନେ ବିଦ୍ୟାଳୟରେ ରହିବା ଓ ସେମାନଙ୍କର ଅନ୍ୟାନ୍ୟ ଆବଶ୍ୟକତା ପୂରଣ ଦିଗରେ ସମସ୍ତ ବନ୍ଦୋବସ୍ତ କରାଯାଇଛି। କ୍ରୀଡା ଶିକ୍ଷକ ଅନାଦି ସାହୁ ଓ ଯାଜପୁର କବାଡି ଆସୋସିଏଶନ୍ କର୍ମକର୍ତ୍ତାମାନେ ପ୍ରଶିକ୍ଷଣ ଶିବିରକୁ ପରିଚାଳନା କରିବା ପାଇଁ ବିଦ୍ୟାଳୟ ପକ୍ଷରୁ ଦାୟିତ୍ୱ ପ୍ରଦାନ କରାଯାଇଛି ବୋଲି ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ମିଶ୍ର ପ୍ରକାଶ କରିଛନ୍ତି।

# ଷଣ୍ଢ ଭର୍ତ୍ତି ପିକ୍‌ଅପ୍ ଭ୍ୟାନ୍ ଅଟକାଇଲେ ଗ୍ରାମବାସୀ

**ବିଞ୍ଝାରପୁର,୧୨।୧୦(ଡି.ଏନ.ଏ)**

ବିଞ୍ଝାରପୁର ବ୍ଲକ ଆଉଁରୀ ପଞ୍ଚାୟତ ମାଟିଆକଣ ଛକରୁ ଶୁକ୍ରବାର ରାତିରେ ସ୍ଥାନୀୟ ଗ୍ରାମବାସୀ ଏକ ଷଣ୍ଢ ଭର୍ତ୍ତି ପିକ୍‌ଅପ୍ ଭ୍ୟାନ୍ (ଓଆର୦୪ଏଫ୯୩୯୬)କୁ ଅଟକାଇ ଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି କରିଛି। ଘଟଣାସ୍ଥଳରୁ ଗାଡ଼ିରେ ଥିବା ଡ୍ରାଇଭର ଓ ତାଙ୍କ ସହଯୋଗୀ ଦୌଡ଼ି ପଳାଇବାରୁ କିଏ କାହିଁକି ଷଣ୍ଢଗୁଡିକୁ ପିକ୍‌ଅପ ଭ୍ୟାନରେ ନେଉଥିଲେ ଜଣାପଡି ନାହିଁ। ଖବର ମୁତାବକ, ଶୁକ୍ରବାର ରାତିରେ ସନ୍ଦେହଜନକ ଭାବେ ଏକ ପିକଅପ୍ ଭ୍ୟାନ ଷଣ୍ଢଗୁଡ଼ିକୁ ବୋଝେଇ କରି ନେଉଥିଲା। ସ୍ଥାନୀୟ ଲୋକେ ଏହାଦେଖି ଅଟକାଇବାରୁ ଉକ୍ତ ଗାଡ଼ି ଡ୍ରାଇଭର ଓ ସହଯୋଗୀ ଅନ୍ଧାରର ସୁଯୋଗ ନେଇ ଦୌଡ଼ି ପଳାଇଥିଲେ। ରାତି ତମାମ ଗ୍ରାମବାସୀ ଏହି ଗାଡ଼ିକୁ ଜଗି ରହିଥିବାବେଳେ ଶନିବାର ସକାଳୁ ଅଳକୁଣ୍ଡ ଫାଣ୍ଡି ଅଧିକାରୀଙ୍କୁ ଜଣାଇଥିଲେ। ଅଳକୁଣ୍ଡ ଫାଣ୍ଡି ଅଧିକାରୀ ଗଣେଶ ଚନ୍ଦ୍ର ଘଡେଇ ଘଟଣାସ୍ଥଳରେ ପହଞ୍ଚି ଗାଡିଟିକୁ ଜବତ କରି ଫାଣ୍ଡିକୁ ଆଣିଥିଲାବେଳେ ଉକ୍ତ ଗାଡିରେ ଥିବା ୧୧ଟି ଷଣ୍ଢକୁ ସ୍ଥାନୀୟ ଅଞ୍ଚଳରେ ଛାଡ଼ି ଦେଇଥିଲେ। ପୋଲିସ ଏହି ଦିଗରେ ତଦନ୍ତ ଆରମ୍ଭ କରିଛି।




ଜବତ ପିକ୍‌ଅପ୍ ଭ୍ୟାନ୍।

ହ୍ୟାଣ୍ଡବଲ ଆସୋସିଏଶନର ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ

# ଲୁହା ଉତ୍ପାଦନରେ ନେତୃତ୍ୱ ନେବ ଯାଜପୁର: କେନ୍ଦ୍ରମନ୍ତ୍ରୀ

**ଚଣ୍ଡିଖୋଲ/ଛତିଆ, ୧୨।୧୦(ଡି.ଏନ.ଏ)**

ପୂର୍ବ ଭାରତର ବିକାଶ ହେଲେ ଦେଶର ପ୍ରକୃତ ବିକାଶ ହୋଇପାରିବ। ତେଣୁ ପୂର୍ବ ଭାରତର ବିକାଶ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ପୂର୍ବ ଭାରତର ଗୁରୁତ୍ୱ ବହନ କରୁଥିବା ଓଡ଼ିଶାର ଯାଜପୁର ଜିଲା ଇସ୍ପାତ, ଖଣି ସହ ସାହିତ୍ୟ ସଂସ୍କୃତି କ୍ଷେତ୍ରରେ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ଯାଜପୁର ଜିଲା ଲୁହା ଉତ୍ପାଦନରେ ରାଜ୍ୟ ତଥା ଦେଶର ନେତୃତ୍ୱ ନେବ। ଛତିଆରେ ୩ଦିନ ଧରି ଚାଲିଥିବା ଜିଲା ହ୍ୟାଣ୍ଡବଲ ଆସୋସିଏଶନର ରୌପ୍ୟ ଜୟନ୍ତୀ ଉଦ୍‌ଯାପନୀ ଉତ୍ସବ ଓ ଜାତୀୟ ହ୍ୟାଣ୍ଡବଲ ପ୍ରତିଯୋଗିତାର ପୁରସ୍କାର ବିତରଣୀ ଉତ୍ସବରେ ଶନିବାର ମୁଖ୍ୟଅତିଥିଭାବେ ଯୋଗଦେଇ କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଆଗାମୀ ୧୦ ବର୍ଷ ମଧ୍ୟରେ ଯାଜପୁରର କଳିଙ୍ଗନଗରରେ ୩୦ ମିଲିୟନ ମେଟ୍ରିକ ଟନ ଲୁହା ଉତ୍ପାଦନ କରାଯାଇ ବିଶ୍ୱ ବଜାରରେ ଏହି ଜିଲାର ମହତ୍ୱକୁ ବୃଦ୍ଧି କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରକାଶ କରିଥିଲେ। ହ୍ୟାଣ୍ଡବଲ ଆସୋସିଏଶନ ଅଧ୍ୟକ୍ଷ ଅମର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ଉତ୍ସବରେ ଅନ୍ୟତମ ଅତିଥିଭାବେ ସାଲେପୁରର ପ୍ରାକ୍ତନ ବିଧାୟକ ପ୍ରକାଶଚନ୍ଦ୍ର ବେହେରା ଓ ମାହାଙ୍ଗା ବିକାଶ ପରିଷଦ ଅଧ୍ୟକ୍ଷ ଶାରଦା ପ୍ରଧାନ, ପ୍ରାକ୍ତନ ବଡ଼ଚଣା ବ୍ଲକ ଅଧ୍ୟକ୍ଷ ପ୍ରହଲାଦ ନନ୍ଦ, ଯାଜପୁର ଜିଲା ହ୍ୟାଣ୍ଡବଲ ଆସୋସିଏଶନର ସଭାପତି ଅଧ୍ୟାପକ କେଶବ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ହ୍ୟାଣ୍ଡବଲ ଆସୋସିଏଶନ ସମ୍ପାଦକ ରମେଶ ଚନ୍ଦ୍ର ପୃଷ୍ଟି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଉତ୍ସବରେ ପ୍ରଥମ କରି ଓଡ଼ିଶାରେ ହ୍ୟାଣ୍ଡବଲ ଖେଳର କୋଚ ଭାବେ ଅଗ୍ରଣୀ ଭୂମିକା ନେଇଥିବା ପଣ୍ଡିଚେରୀର ଏମ୍. କାର୍ତ୍ତିକେୟନ, ହିମାଚଳ ପ୍ରଦେଶର କାନା ପରାସର, ଓଡ଼ିଶା ରାଜ୍ୟ କୋଚ ମନୋଜ କୁମାର ଦାସ, ଆନ୍ତର୍ଜାତିକ କବାଡ଼ି ଖେଳାଳି ମନସ୍ୱିନୀ ସ୍ୱାଇଁ, ଆନ୍ତର୍ଜାତିକ ହ୍ୟାଣ୍ଡବଲ ଖେଳାଳି ବିପ୍ଳବ ବିଶ୍ୱାଳ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜାତୀୟ ପ୍ରତିଯୋଗିତାର ମହିଳା ବିଭାଗରେ ଜଗତସିଂହପୁରକୁ ହରାଇ ଆନ୍ଧ୍ରପ୍ରଦେଶ ଚାମ୍ପିୟନ ହୋଇଛି। ସେହିଭଳି ପୁରୁଷ ବିଭାଗରେ କେନ୍ଦୁଝରକୁ ହରାଇ ଝାଡ଼ଖଣ୍ଡ ଚାମ୍ପିୟନ ଟ୍ରଫି ହାସଲ କରିଥିଲା। ଏହି ପ୍ରତିଯୋଗିତାରେ ୪ଟି ରାଜ୍ୟରୁ ୪୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ୩ଦିନ ଧରି ପୁରୁଷ ବିଭାଗରେ ଗଞ୍ଜାମ, କେନ୍ଦୁଝର, ଯାଜପୁର, ପୁରୀ, ଆନ୍ଧ୍ର ପ୍ରଦେଶ ଓ ବିଶାଖା ପାଟନାର ୮ଟି ଦଳ ଭାଗ ଦେଇଥିଲେ। ସେହିଭଳି ମହିଳା ବିଭାଗରେ ଜଗତସିଂହପୁର, ଯାଜପୁର, କଟକ, କେନ୍ଦୁଝର ଓ ଆନ୍ଧ୍ର ପ୍ରଦେଶର ଖେଳାଳିମାନେ ଭାଗ ନେଇ ୩ଦିନ ଧରି ଖେଳିଥିଲେ। ଶେଷରେ ବିଜୟୀ ଦଳଙ୍କୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଚାମ୍ପିୟନ ଓ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୩ ଅକ୍ଟୋବର, ୨୦୧୯



ଅତିଟା ସବୁ କ୍ଷେତ୍ରରେ ଖରାପ, ଯେପରି ଅତି ମାତ୍ରାରେ ଆଲୋକ ଆମକୁ ଅନ୍ଧ କରିଦିଏ।
- ଭଲଟାୟର



## ସଂକ୍ଷେପରେ

### ଦିଲ୍ଲୀରେ ଚିକିତ୍ସାଧୀନ ଅବସ୍ଥାରେ ସାମାଜିକ କର୍ମୀଙ୍କ ମୃତ୍ୟୁ

କୋରେଇ,୧୨।୧୦(ସ୍ୱ.ପ୍ର.): ସାମାଜିକ କର୍ମୀ ତଥା ସରସ୍ୱତୀ ଶିଶୁମନ୍ଦିରର ବ୍ୟାସନଗର ସଙ୍କୁଳ ପ୍ରମୁଖ ଶଙ୍ଖଚିଲା ରାଧାନଗର ପାଟଣାର ଗୋପାଳ ଚରଣ ସାହୁଙ୍କ ମରଶରୀର ଶନିବାର ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଛି। ଗତ ଶୁକ୍ରବାର ଦିଲ୍ଲୀରେ ଚିକିତ୍ସିତ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିଲା। ପ୍ରକାଶ ଯେ, ୨୨ ତାରିଖରେ ଶଙ୍ଖଚିଲା ଅଞ୍ଚଳର କେତେଜଣ ବ୍ୟବସାୟୀଙ୍କ ସହ ଗୋପାଳ କାଠମାଣ୍ଡୁ ବୁଲିବାକୁ ଯାଇଥିଲେ। ସେଠାରେ ଯକୃତଜନିତ ସମସ୍ୟା ଅନୁଭବ କରିବାରୁ ତାଙ୍କୁ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏହା ଜାଣିବା ପରେ ତାଙ୍କୁ ଭାରତ ଆଣିବା ପାଇଁ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଭାରତ ସରକାରଙ୍କୁ ପତ୍ର ଲେଖିଥିଲେ। ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ନିଜସ୍ୱ ଅର୍ଥ ଖର୍ଚ୍ଚ କରି ଏୟାର ଆମ୍ବୁଲାନ୍ସରେ ଦିଲ୍ଲୀ ଆଣିବା ପରେ ସେଠାରେ ଗୋପାଳଙ୍କର ମୃତ୍ୟୁ ହୋଇଥିଲା।

### ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

ଯାଜପୁର ଟାଉନ,୧୨।୧୦ (ଡିଏନଏ): ଯାଜପୁର ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ବୈଠକ ସଭାପତି ଗୋଲଖ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଦିବଙ୍ଗତ ସଭ୍ୟ ଶରତ ଚନ୍ଦ୍ର ମହାନ୍ତିଙ୍କ ଉଦ୍ଦେଶ୍ୟରେ ପ୍ରଥମେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ସମ୍ପାଦକ ଅଶୋକ କୁମାର ବିଶ୍ୱାଳ ବିବରଣୀ ପାଠ କରିବା ସହିତ ସଂଘର ବିଭିନ୍ନ କାର୍ଯ୍ୟକ୍ରମ, ଲକ୍ଷ୍ୟ ଏବଂ ଆଭିମୁଖ୍ୟ ସମ୍ପର୍କରେ ସୂଚନା ରଖିଥିଲେ। ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ପେନସନ ନିର୍ଦ୍ଧାରଣରେ ଥିବା ଅସଂଗତି ଲାଗି ସବ୍‌କମିଟିର ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ଫାଇନାନ୍ସ ରିପୋର୍ଟକୁ ଅପେକ୍ଷା କରିବା ଲାଗି ବୈଠକରେ ସ୍ଥିର କରାଯାଇଛି। ସେହିଭଳି ପେନସନ୍‌ଭୋଗୀଙ୍କର କେତେକ ସମସ୍ୟା ଏବଂ ଅସୁବିଧା ସମ୍ପର୍କରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଯାଜପୁର ଶାଖାର ମୁଖ୍ୟ ପରିଚାଳକଙ୍କ ସହିତ ଆଲୋଚନା କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସେହିଭଳି ସଂଗଠନ ପକ୍ଷରୁ ଜଣେ ବରିଷ୍ଠ ପେନସନଭୋଗୀଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିବାବେଳେ ସେଥିପାଇଁ ଜଣେ ଉପଯୁକ୍ତ ପେନସନରଙ୍କୁ ଚୟନ କରିବା ଲାଗି ସମ୍ପାଦକ ବିଶ୍ୱାଳଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ଏହି ଅବସରରେ କାର୍ଯ୍ୟକାରୀ ସମ୍ପାଦକ ଭାବେ ଶିକ୍ଷାବିତ କ୍ଷୀରୋଦ ଚନ୍ଦ୍ର ପାଠୀଙ୍କୁ ଦାୟିତ୍ୱ ଦେବା ପାଇଁ ବୈଠକରେ ସଭାପତି ସାହୁ ପ୍ରସ୍ତାବ ରଖିଥିଲେ। ଏହାକୁ ସର୍ବସମ୍ମତି କ୍ରମେ ସମସ୍ତେ ସମର୍ଥନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଭ୍ୟ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ରବିନାରାୟଣ ନାୟକ, ନାରାୟଣ ଚନ୍ଦ୍ର ଧଳ, ବୃନ୍ଦାବନ ମିଶ୍ର, ଦେବେନ୍ଦ୍ର ନାଥ ସାହୁ, ମଧୁସୂଦନ ମହାନ୍ତି, ଶଶି ଭୂଷଣ ନନ୍ଦ, ଅକ୍ଷୟ ମିଶ୍ର, ଅଜିତ ସାମନ୍ତ, ଗିରିଧାରୀ ସ୍ୱାଇଁ, ଶରତ ଚନ୍ଦ୍ର ଦାସ, ଦର୍ପନାରାୟଣ ନାୟକ, ନନ୍ଦ କିଶୋର ସାମନ୍ତ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅବସରପ୍ରାପ୍ତ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଗଦାଧର ରାଉତ ଧନ୍ୟବାଦ ଦେଇଥିଲେ।

# ୫ମାସରେ ୧୩ ଡେଙ୍ଗୁ ରୋଗୀ ଚିହ୍ନଟ

**ରସୁଲପୁର ବ୍ଲକ**
- ବାହାର ରାଜ୍ୟରୁ ଡେଉଁଛି ଡେଙ୍ଗୁ
- ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ତତ୍ପରତା



ରସୁଲପୁର,୧୨।୧୦(ଡିଏନଏ)

ଡେଙ୍ଗୁ ଏକ ବିପଦଜ୍ଜନକ ରୋଗ ହୋଇଥିବାବେଳେ ରସୁଲପୁର ବ୍ଲକରେ ୫ମାସରେ ସମୁଦାୟ ୧୩ଜଣ ରୋଗୀ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଏହି ରୋଗ ଏଡିସ ମଶା ଦ୍ୱାରା ବ୍ୟାପୁଥିବାବେଳେ ବିଶେଷ କରି ବର୍ଷା ଦିନରେ ଏହି ରୋଗର ପ୍ରକୋପ ଅଧିକ ରହିଥାଏ। ଗାରେଜ, ଆଳିଆ ଅବର୍ଜନା ଗଦା, ପରିତ୍ୟକ୍ତ ଆଦି ସ୍ଥାନରେ ପଡିଥିବା ଟାୟାର, ପ୍ଲାଷ୍ଟିକ ବୋତଲ, ଭଙ୍ଗା ଟିଣ, ବାଲଟି, ଖାଲୁଆ ସ୍ଥାନରେ ଜମି ରହୁଥିବା ବର୍ଷା ପାଣିରେ ଏହି ମଶା ଜନ୍ମ ହୋଇଥାନ୍ତି। ତେଣୁ ବର୍ଷାଋତୁ ଶେଷ ଆଡକୁ ଏହି ରୋଗର ପାଦୁର୍ଭାବ ଅଧିକ ରହୁଥିବାରୁ ଏହି ସମୟରେ ଅଧିକାଂଶ ଲୋକେ ଏଥିରେ ଆକ୍ରାନ୍ତ ହେଇଥାନ୍ତି। ରସୁଲପୁରର ଆକ୍ରାନ୍ତ ଡେଙ୍ଗୁ ରୋଗୀମାନେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଫେରିଛନ୍ତି। ଏ ନେଇ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବିଭିନ୍ନ ଅଞ୍ଚଳରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଡେଙ୍ଗୁକୁ ନେଇ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି। ଡେଙ୍ଗୁ ଆକ୍ରାନ୍ତକମାନେ ରସୁଲପୁର ବ୍ଲକ ଅଞ୍ଚଳର ହେଲେ ସେମାନେ ବାହାର ରାଜ୍ୟରେ କାମ କରୁଥିଲେ। ସେଠାରୁ ଡେଙ୍ଗୁରୋଗରେ ଆକ୍ରାନ୍ତ ହୋଇ ଫେରିଛନ୍ତି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି।

ଏହି ବ୍ଲକର ମଧୁବନର ମଧୁବନ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବ୍ରହ୍ମବରଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମଙ୍ଗରାଜପୁର ପଞ୍ଚାୟତ ଅଳପୁଆ ଗ୍ରାମର ଦେବାଶିଷ ରାଉତ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇଥିବା ନେଇ ରକ୍ତ ନମୁନା ପରୀକ୍ଷାରୁ ଜଣାପଡିଥିଲା। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବ୍ରହ୍ମବରଦା ପଞ୍ଚାୟତରେ ତନ ମହମ୍ମଦ ଖାନ୍, ପ୍ରଥମାଖଣ୍ଡି ପଞ୍ଚାୟତର ବାବୁଲି ମହାନ୍ତି, ବନ୍ଧଡିହ ପଞ୍ଚାୟତର ସୁଶାନ୍ତ ବେହେରା, ନରସିଂହପୁର ପଞ୍ଚାୟତର ହରିପୁର ଗ୍ରାମର ଜିତେନ୍ଦ୍ର ରଣା, ରାହାମ୍ବା ପଞ୍ଚାୟତ ମିର୍ଜାପୁର ଗ୍ରାମର ହାଜାରା ବିବି, ଲକ୍ଷ୍ମୀନଗର ପଞ୍ଚାୟତର ଆଲୋକ କୁମାର ବେହେରା, ବ୍ରହ୍ମବରଦାର ଏନାମ ରସୁଲ ଖାଁନ୍, ରାଜେନ୍ଦ୍ରପୁର ପଞ୍ଚାୟତରେ ହିମାଂଶୁ ଶେଖର ସାହୁ, ଭୋଟକା ପଞ୍ଚାୟତ ବିଲିପଡା ଗ୍ରାମର ସନ୍ତୋଷିରାଣୀ ପଣ୍ଡା, ମଙ୍ଗରାଜପୁର ପଞ୍ଚାୟତର ଅନିରୁଦ୍ଧ ପଣ୍ଡା, ହରିପୁର ଗ୍ରାମରେ ସେକ୍ ମହମ୍ମଦ ଜୋନେଦ୍ ଓ ଆଫସାନା ବେଗମ୍ ପ୍ରମୁଖ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ସିଧାସଳଖ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ମାତ୍ର ଆକ୍ରାନ୍ତଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ ସ୍ୱାସ୍ଥ୍ୟକର୍ମୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚିକିତ୍ସା ପରବର୍ତ୍ତୀ ଅବସ୍ଥାରେ ରୋଗୀଙ୍କୁ ମଶାରୀ ଟାଙ୍ଗି ଶୋଇବାକୁ କୁହାଯାଇଛି। ଡାକ୍ତରଙ୍କ ପରାମର୍ଶ କ୍ରମେ ସମ୍ପୂର୍ଣ୍ଣ ଆରୋଗ୍ୟ ହେବା ପର୍ଯ୍ୟନ୍ତ ଔଷଧ ସେବନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆକ୍ରାନ୍ତଙ୍କ ପରିବାର ଲୋକଙ୍କୁ ଜ୍ୱର ହେଲେ ତୁରନ୍ତ ରକ୍ତ ନମୁନା ପରୀକ୍ଷା କରିବା ଆବଶ୍ୟକ। ଡେଙ୍ଗୁ ଆକ୍ରାନ୍ତଙ୍କୁ ମଶା କାମୁଡି ସୁସ୍ଥ ଲୋକଙ୍କୁ କାମୁଡିଲେ ଡେଙ୍ଗୁ ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏଭଳି ନିର୍ଦ୍ଦେଶ ଦିଆଯାଇଛି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା




ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ସଭାରେ ଉଦ୍‌ବୋଧନ ଦେଉଛନ୍ତି।

ଧର୍ମଶାଳା,୧୨।୧୦(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅଧୀନ ୧୫ ନମ୍ବର ଜୋନ୍‌ର ୭ ପଞ୍ଚାୟତରେ ଶନିବାର ଧର୍ମଶାଳା ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ପଞ୍ଚାୟତରେ ପଥପ୍ରାନ୍ତ ସଭା ଓ ନୂତନ ସଭ୍ୟଙ୍କ ସହ ପରିଚୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଦଯାତ୍ରାରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ଜିଲାପରିଷଦ ସଭ୍ୟ ମମତା ଦଣ୍ଡପାଟ, ନିରଞ୍ଜନ ରାଉତ, ଏମ୍‌ପିଙ୍କ ପ୍ରତିନିଧି ଉତ୍କଳ ଦାସ, ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ସାହୁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଳଧର ମହାନ୍ତି, ବ୍ଲକ ବିଜେଡି ସଭାପତି ନିରଞ୍ଜନ ବଳ, ଅମରେନ୍ଦ୍ର ଦାସ, ସନ୍ତୋଷ ଜେନା, ଶରତ ନାୟକ, କ୍ଷିତୀଶ ନାୟକ ଓ ଜୋନର ସମସ୍ତ ସରପଞ୍ଚ ଓ ସମିତିସଭ୍ୟାସଭ୍ୟ ଯୋଗଦେଇଥିଲେ। ଉତ୍ତରପ୍ରତାପ, ମଙ୍ଗଳପୁର, ଅରାବଳ, କଦମପାଳ, ଅରେଇକଣା, ପଟୁଣିଆ, କୋଟପୁର ପଞ୍ଚାୟତରେ ଜନ ସମ୍ପର୍କ ପଦଯାତ୍ରା ହୋଇଥିବା ମିଡ଼ିଆ ସେଲ୍ ଅଧ୍ୟକ୍ଷ ସଂଗ୍ରାମ ଜେନା ସୂଚନା ଦେଇଛନ୍ତି।

# କଇଁଫୁଲ ପାଖୁଡ଼ା କୋଠିରେ ଝଲସିଲା ଗାଁ ଦାଣ୍ଡ

ରସୁଲପୁର,୧୨।୧୦(ଡିଏନଏ)

ରସୁଲପୁର ବ୍ଲକର ବିଭିନ୍ନ ଅଞ୍ଚଳର କୁମାରୀମାନେ କଇଁଫୁଲ ପାଖୁଡାରେ କୋଠି ପ୍ରସ୍ତୁତିରେ ବ୍ୟସ୍ତ। ପରମ୍ପରା ଅନୁଯାୟୀ ଝିଅମାନେ ଦଶହରାରୁ କୁମାରପୂର୍ଣ୍ଣିମା ପର୍ଯ୍ୟନ୍ତ ବୃନ୍ଦାବତୀ ମୂଳରେ ଜହ୍ନ, ଫୁଲରେ କୋଠି ପ୍ରସ୍ତୁତ କରି ପୂଜା କରନ୍ତି। ପୂର୍ଣ୍ଣିମା ପୂର୍ବଦିନ ରାତିରେ ବ୍ରତଧାରୀମାନେ କଇଁଫୁଲ ଓ ରଙ୍ଗବେରଙ୍ଗର ଅବିର ବ୍ୟବହାର କରି ବଡ କୋଠି ପ୍ରସ୍ତୁତ କରନ୍ତି। ଏହି କୋଠିଗୁଡିକ ପୁରାଣ ଆଧାରିତ ବିଭିନ୍ନ ଚରିତ୍ରକୁ ବର୍ଣ୍ଣନା କରିଥାଏ। ଏଥିସହ ଜହ୍ନି ଭେଣ୍ଡିରେ ହାତି, ଘୋଡା ଆଦି ଚିତ୍ର ପ୍ରସ୍ତୁତ କରି ନଦୀ ଓ ପୋଖରୀ ପାଣିରେ ବିସର୍ଜନ କରିବା ପରମ୍ପରାକୁ ପାଳନ କରାଯାଉଛି। ଏହି ଓଷାକୁ ଜହ୍ନି ଓଷା ମଧ୍ୟ କୁହାଯାଇଥାଏ। ଏହି ଓଷାରେ କୁମାରୀଙ୍କ ମନରେ ବିଶେଷ ଉତ୍ସାହ ଉଦ୍ଦୀପନା ପ୍ରକାଶ ପାଇଛି। ପୂର୍ଣ୍ଣିମା ଦିନ ନୂତନ ବସ୍ତ୍ର ପରିଧାନ କରି ଚଉରା ମୂଳରେ ଏହି ଓଷାକୁ ସମାପନ କରାଯିବାର ବିଧି ରହିଛି। ରବିବାର ଓଷାର ଶେଷ ଦିନ ପାଇଁ ଘରେ ଘରେ ନାନା ପ୍ରସ୍ତୁତି ବି ଜୋରଦାର ହେଉଛି। ଏହିକ୍ରମରେ ବ୍ଲକର ବଡକଇଁଚି ପଞ୍ଚାୟତର ପାଳସାହି, ରାହାମ୍ବା ପଞ୍ଚାୟତର ସଦାନନ୍ଦପୁର, କଲଣ ପଞ୍ଚାୟତର ଶୁଳିଆ ଆଦି ଗ୍ରାମରେ ଏହି ପର୍ବକୁ ଖୁବ୍ ଜାକଜମକର ସହ ପାଳନ ହେଉଛି। ଏହି ଅବସରରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ବୋଲି ପ୍ରୋ-କବାଡି ରେଫରୀ କୁମାରୀ ମନସ୍ୱିନୀ ସାହୁ, ରାଜଶ୍ରୀ ସାହୁ, ସନ୍ତୋଷୀ ସାହୁ, ସାଲୋନୀ ସାହୁ, ସୁଦୀପ୍ତା ସାହୁ, ସ୍ୱର୍ଣ୍ଣଲତା ସାହୁ ଓ ଅନ୍ୟ ସାଥୀଗଣ ପ୍ରକାଶ କରିଛନ୍ତି।



ଠାକୁର ସାହି



କୁବେର ସାହି

**ରସୁଲପୁର ବ୍ଲକର ବିଭିନ୍ନ ଅଞ୍ଚଳରେ କୋଠି ପ୍ରତିଯୋଗିତା**

### ୩ ନିଶାସକ୍ତ ଚାଳକ କୋର୍ଟଚାଲାଣ

ଧର୍ମଶାଳା,୧୨।୧୦(ଡି.ଏନ୍.ଏ.)

ଧର୍ମଶାଳା ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଇବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ୨ ଜଣ ବାଇକ୍ ଚାଳକ ଓ ଜଣେ ଟ୍ରକ୍ ଡ୍ରାଇଭର ଥିଲେ। ଶନିବାର ୩ ଜଣଙ୍କୁ ପୋଲିସ ଚଣ୍ଡିଖୋଲ କୋର୍ଟ ଚାଲାଣ କରିଥିବା ଜଣାପଡିଛି। ଧର୍ମଶାଳା-କବାଟବନ୍ଧ ରାସ୍ତାର ନାକପୋଲଠାରେ ଯାଞ୍ଚବେଳେ ବାଇକ ଚାଳକ କୁଆଖିଆ ଥାନା ଗୋପୀନାଥପୁର ଗ୍ରାମର ସୁନାକର ବିଶ୍ୱାଳ(୩୫) ଓ ବାରବାଟୀ ଗ୍ରାମର ଭିକାରୀ ଦାସ(୩୮)ଙ୍କୁ ପୋଲିସ ଗିରଫ କରିଥିଲା। ସେହିପରି ୧୬ ନମ୍ବର ଜାତୀୟ ରାଜପଥ ବ୍ରହ୍ମଣୀ ସେତୁ ନିକଟରେ ଟ୍ରକ୍ ଚାଳକ ବାଲେଶ୍ୱର ଜିଲା ଖଇରା ଥାନା ମୁସ୍ତଫାବାଦ ଅଞ୍ଚଳର ଗୁଫରାନ ଖାଁ(୨୫)ଙ୍କୁ ଗିରଫ କରିଥିଲା।

# ଆନ୍ତଃ ରାଜ୍ୟ ସିବିଏସ୍‌ଇ କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ

ଯାଜପୁର ରୋଡ,୧୨।୧୦(ନି.ପ୍ର.)

ବ୍ୟାସନଗର ପବ୍ଲିକ୍ ସ୍କୁଲଠାରେ ସିବିଏସ୍‌ଇ ପକ୍ଷରୁ ଶନିବାର ଆନ୍ତଃରାଜ୍ୟ କବାଡି ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ସିବିଏସ୍‌ଇ ଭୁବନେଶ୍ୱରର ଆଞ୍ଚଳିକ ଅଧିକାରୀ ଥଙ୍ଗଖୋଲେଟ୍ ମାତେ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶା, ଛତିଶଗଡ଼ ଓ ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟର ସିବିଏସ୍‌ଇ ବୋର୍ଡ ନିୟନ୍ତ୍ରଣାଧୀନ ଇଂଲିଶ ମାଧ୍ୟମ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଛନ୍ତି। ଉଦ୍‌ଘାଟନୀ ଦିବସରେ ୧୭ଟି ମ୍ୟାଚ ଖେଳାଯାଇଛି। ୧୭ ବର୍ଷରୁ କମ ବର୍ଷ ବାଳକ ବର୍ଗର ୦୮ଟି ମ୍ୟାଚ ଖେଳାଯାଇଥିବା ବେଳେ ୧୯ ବର୍ଷରୁ କମ୍ ବର୍ଗରେ ୭ ମ୍ୟାଚ୍ ଖେଳାଯାଇଛି। ବାଳିକା ବର୍ଗରେ ୧୭ ବର୍ଷରୁ କମ୍ ଓ ୧୯ ବର୍ଷରୁ କମ୍ ମଧ୍ୟରେ ଗୋଟିଏ ଲେଖାଏ ମ୍ୟାଚ୍ ହୋଇଛି। ସମସ୍ତ ମ୍ୟାଚଗୁଡିକ ନକ୍ ଆଉଟ ଭିତ୍ତିରେ ଖେଳାଯାଇଥିଲା। ଏଥିରୁ ୧୭ଟି ଦଳ ୨ୟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ୫ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ସ୍ଥାନୀୟ ଚୋରଦା ଛକରୁ ଏକ ମଶାଲ ଶୋଭାଯାତ୍ରାରେ ବିଦ୍ୟାଳୟର ଖେଳପଡ଼ିଆରେ ପହଞ୍ଚିବା ପରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତି, ପୂର୍ବତନ ନଗରପାଳ ସବିତା ରାଉତ, ଯାଜପୁରରୋଡ ଆଦର୍ଶ ଥାନା ଅଧିକାରୀ ଅନୀଲ କୁମାର ମହାନ୍ତି, କୋରେଇ ବିଇଓ ସୁଶାନ୍ତ କୁମାର ଶତପଥୀ, ଭିପିଏସ୍‌ର ସଭାପତି ଭାରତ ଭୂଷଣ ଦେଓ, ବିଦ୍ୟାଳୟର ଅଧ୍ୟକ୍ଷା ଦେବସ୍ମିତା ସାହୁ, ଉଷାମଞ୍ଜରୀ ସାହୁ, ବିବେକାନନ୍ଦ ମହାନ୍ତି, ସୌଭାଗ୍ୟ ରଞ୍ଜନ ସୁବୁଦ୍ଧି ପ୍ରମୁଖ ଯୋଗ ଦେଇଥିଲେ। କୃଷ୍ଣକାନ୍ତ ପଣ୍ଡାଙ୍କ ସମେତ ୨୬ ଜଣ କାର୍ଯ୍ୟକର୍ତ୍ତା ଖେଳ ପରିଚାଳନାରେ ସହଯୋଗ କରିଥିଲେ।

■ ଜାରି ରହିଛି ଖଣିରେ କର୍ମଚାରୀଙ୍କ ଅନଶନ

# ଜିଲା ପ୍ରଶାସନ ପକ୍ଷରୁ ହେବ ସମାଧାନ ବୈଠକ

କାଳିଆପାଣି,୧୨।୧୦(ନି.ପ୍ର.)

ସୁକିନ୍ଦା ଟାଟା ଖଣି ମୁଖ୍ୟ ଫାଟକ ସମ୍ମୁଖରେ କାର୍ଯ୍ୟରତ କର୍ମଚାରୀ ଏବଂ ଛଟେଇ ଶ୍ରମିକଙ୍କ ଅନଶନ ଶନିବାର ୧୦ ଦିନରେ ପହଞ୍ଚିଛି। ଗାନ୍ଧୀ ଜୟନ୍ତୀଠାରୁ ଆରମ୍ଭ ହୋଇଥିବା ଅନଶନରେ ଇତିମଧ୍ୟରେ ଅନେକ ଅସୁସ୍ଥ ହୋଇ ଟାଟା ଡାକ୍ତରଖାନାରେ ଚିକିତ୍ସାଧୀନ ରହିଛନ୍ତି। ହେଲେ ଠିକାସଂସ୍ଥା କର୍ମଚାରୀ କିକାରଖାନା କର୍ତ୍ତୃପକ୍ଷ ଧାରଣାସ୍ଥଳକୁ ନ ଆସିବା ନେଇ ଅସନ୍ତୋଷ ବଢିବାରେ ଲାଗିଛି। ଅପରପକ୍ଷେ ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ କଳିଙ୍ଗନଗର ଉପଜିଲାପାଳ ସନ୍ତୋଷ କୁମାର ମିଶ୍ର ଓ ଉପ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଦୋରା ଧାରଣାସ୍ଥଳରେ ପହଞ୍ଚି ଅନଶନକାରୀଙ୍କ ଭେଟିଥିଲେ। ଧାଣାସ୍ଥଳରେ ଟାଟା କମ୍ପାନୀର ଉପସ୍ଥିତଥିବା ଖଣି ମୁଖ୍ୟ ରାଜେଶ ପଟେଲ ଓ ପ୍ରଶାସନ ଅଧିକାରୀ ଗୌତମ ଚକ୍ରବର୍ତ୍ତୀଙ୍କୁ ଟେଷ୍ଟ ମାରିବା ସହ ପାଣି ଯୋଗାଇଦେବା ଏବଂ ଧାରଣାରତ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ପ୍ରଶାସନ ପକ୍ଷରୁ କର୍ମଚାରୀ, କମ୍ପାନୀ କର୍ତ୍ତୃପକ୍ଷ ଏବଂ ଠିକାଦାରଙ୍କ ସହ ଆଲୋଚନା ପରେ ଏ ଦିଗରେ ଆସନ୍ତା ୧୫ ତାରିଖରେ ଜିଲା ପ୍ରଶାସନ ପକ୍ଷରୁ ଏକ ସମାଧାନ ବୈଠକ ହେବା ନେଇ ନିଷ୍ପତ୍ତି ପ୍ରକାଶ ପାଇଛି। ଜିଲା ପ୍ରାଶାନର ନିଷ୍ପତ୍ତିକୁ ନେଇ ଧାରଣରତ କର୍ମଚାରୀଙ୍କ ମଧ୍ୟରେ ଆଶା ଦେଖାଦେଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଧାରଣା ଜାରି ରଖିଛନ୍ତି। ଟାଟା କମ୍ପାନୀ ପକ୍ଷରୁ ଧାରଣାସ୍ଥଳରେ ସମସ୍ତ ସୁବିଧା ପ୍ରଦାନ କରାଯାଇଥିବା ଜଣାପଡିଛି। ଧାରଣାରେ ବର୍ଷା ମାଡ଼ ଖାଇ ବହୁ କର୍ମଚାରୀ ଅସୁସ୍ଥ ହେବା ଜଣାପଡିବା ପରେ ଗୁରୁବାର ମାନବ ଅଧିକାରୀ ରାଜ୍ୟ କର୍ମୀ ଅଭିନ୍ନ ହୋତାଙ୍କ ସହ ଏକ ଦଳ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ସମସ୍ୟା ସମ୍ବନ୍ଧରେ ଆଲୋଚନା କରି ଫେରିଥିଲେ। ପ୍ରକାଶ ଯେ, ଅଟ୍ୱାଲ ଠିକାଦାର ସଂସ୍ଥା ଲୁକ୍‌ଆଉଟ ନୋଟିସ ପରେ କର୍ମଚାରୀମାନେ ପାଇବାକୁ ଥିବା ପ୍ରାପ୍ୟକୁ ନେଇ ପବିତ୍ର ମହାନ୍ତ, ଅଜିତ ସିଂ, କୁନାଲ ରାଉତ, ଅଜୟ ନାୟକ, ମନେରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଧାରଣା ଦିଆଯାଇଛି।

### ବିଦ୍ୟୁତ୍ ଆଘାତରେ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ

ଧର୍ମଶାଳା,୧୨।୧୦(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଚଢ଼େଇଧରାସ୍ଥିତ ପ୍ରଧାନ କ୍ରଶରରେ ଶନିବାର ଜଣେ ଟ୍ରକ୍ ଡ୍ରାଇଭରଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ଭରତପୁର ଗ୍ରାମର ପରିକ୍ଷିତ ସ୍ୱାଇଁ(୨୮)। ଏ ନେଇ ଜେନାପୁର ପୋଲିସ ଏକ ମାମଲା (ନଂ୨୩୮/୧୯) ରୁଜୁକରି ଗାଡ଼ି ଜବତ କରି ତଦନ୍ତ ଜାର ରଖିଛି। ପରିକ୍ଷୀତ ହାଇୱା ନେଇ କ୍ରଶରରୁ ଚିପ୍ସ ଆଣିବାକୁ ଆସିଥିଲେ। ସେଠାରେ ହାଇୱା ଡାଲା ଉଠାଇବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସିଯାଇଥିଲା। ଫଳରେ ସେ ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବଡ଼ଚଣା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

# ସାମାଜିକ କର୍ମୀ ଅଶୋକଙ୍କ ସ୍ମୃତିଚାରଣ ସଭା

ଯାଜପୁର ଟାଉନ,୧୨।୧୦(ଡିଏନଏ)

ଯାଜପୁର ବ୍ଲକ୍‌ର ଛତିଶ ଦେବିଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଠିଆର ଦେବିଲ ଗ୍ରାମର ସାମାଜିକ କର୍ମୀ ତଥା ଛାପାଖାନା ମାଲିକ ସ୍ୱର୍ଗତ ଅଶୋକ କୁମାର ବିଶ୍ୱାଳଙ୍କ ଏକାଦଶାହରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଅଶୋକ ବିଶ୍ୱାଳ ସ୍ମୃତି ସଂସଦ ଆନୁକୂଲ୍ୟରେ ସାମାଜିକ କର୍ମୀ କୁଳମଣି ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ ପରୀକ୍ଷା ନିୟନ୍ତ୍ରକ ପର୍ଶୁରାମ ବିଶ୍ୱାଳ, ପୂର୍ବତନ ଜିଲା ଭାଜପା ସଭାପତି ଆଶୁତୋଷ ପରିଡା, ବନ ବିଭାଗର ବରିଷ୍ଠ ଅଧିକାରୀ ମିହିର ବିଶ୍ୱାଳ, ଶିଳ୍ପବିଭାଗର ବରିଷ୍ଠ ଅଧିକାରୀ ପାର୍ଥପ୍ରତିମ ବିଶ୍ୱାଳ, ମତ୍ସ୍ୟବିଭାଗର ପ୍ରାକ୍ତନ ନିର୍ଦ୍ଦେଶକ ନାରାୟଣ ବିଶ୍ୱାଳ, ଡାକ୍ତର ସୂର୍ଯ୍ୟମଣି ନାୟକ, ଐଶ୍ୱର୍ଯ୍ୟା ବିଶ୍ୱାଳ, ଗୋପାଳ ବିଶ୍ୱାଳ, ଗଣେଶ ଚନ୍ଦ୍ର ମହାକୁଡ, ପ୍ରଫୁଲ୍ଲ ବିଶ୍ୱାଳ, ଯୋଗବିଦ୍ ଅକ୍ଷୟ କୁମାର ସ୍ୱାଇଁ, ଦିବ୍ୟଭୂଷଣ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରରେ ସ୍ୱର୍ଗତ ବିଶ୍ୱାଳଙ୍କ ଏନ୍‌ସି କଲେଜ ୧୯୮୨-୧୯୮୬ ଗ୍ରୁପ୍ ପକ୍ଷରୁ ଅଶୋକ ବିଶ୍ୱାଳ ପଢୁଥିବା ନକ୍ଷତ୍ରମାଳିନୀ ହାଇସ୍କୁଲର ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ପ୍ରଥମସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରତିବର୍ଷ ମେଧାବୃତ୍ତି ପ୍ରଦାନ କରାଯିବ ବୋଲି ସଭାପତି ବିଷ୍ଣୁପ୍ରସାଦ ପତି ଏବଂ ସମ୍ପାଦକ ଦେବଦୁର୍ଲ୍ଲଭ ସାମଲ ଘୋଷଣା କରିଥିଲେ। ସୁକାନ୍ତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

■ ଫନୀ କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳୁନି ସହାୟତା ରାଶି

# ରାଜରାସ୍ତାକୁ ଓହ୍ଲାଇବେ ଚାଷୀ

ଧର୍ମଶାଳା,୧୨।୧୦(ଡି.ଏନ୍.ଏ.)

ଫନୀ ବାତ୍ୟାକୁ ୫ ମାସ ବିତିଥିଲେ ମଧ୍ୟ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ମିଳିପାର ନାହିଁ। ଫନୀରେ କ୍ଷତିଗ୍ରସ୍ତ ଗୃହକର୍ତ୍ତାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଥିବା ବେଳେ ଚାଷୀମାନଙ୍କୁ କେବେ ଏହି ସହାୟତା ରାଶି ମିଳିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଧର୍ମଶାଳା କୃଷି ବିଭାଗ ପକ୍ଷରୁ ବ୍ଲକ ଅଧୀନ ୪୫ ପଞ୍ଚାୟତର ୫୫୦ ହେକ୍ଟର ବିଭିନ୍ନ କିସମର ଫସଲ ନଷ୍ଟ ହୋଇଥିବା ତଦନ୍ତ କରି ଜଣାଇଥିଲେ। ରାଜସ୍ୱ ବିଭାଗ, କୃଷି ବିଭାଗ ଓ ଉଦ୍ୟାନ ବିଭାଗ ଦ୍ୱାରା ମିଳିତ ତଦନ୍ତ କରାଯାଇ ବ୍ଲକର ୨୯ ପଞ୍ଚାୟତର ୧୦୨ ମୌଜାର ୪୨୧.୯୩ ହେକ୍ଟର ଚାଷଜମି ନଷ୍ଟ ହୋଇଥିବା ଜିଲା ପ୍ରଶାସନକୁ ସୂଚନା ଦିଆଯାଇଥିଲା। କ୍ଷତିଗ୍ରସ୍ତ ଚାଷଜମି ପାଇଁ ୫୬ଲକ୍ଷ ୧୬ ହଜାର ୭୨୫ଟଙ୍କା କ୍ଷତିପୂରଣ ଦେବା ପାଇଁ ଦର୍ଶାଯାଇଥିଲା। ଅଣ ଜଳସେଚିତ ଜମି ପାଇଁ ହେକ୍ଟର ପିଛା ୬ ହଜାର ୮୦୦, ଜଳ ସେଚିତ ଜମି ପାଇଁ ୧୩ ହଜାର ୫୦୦, ଫଳ ଚାଷ ପାଇଁ ୧୮ହଜାର ଟଙ୍କା ଲେଖାଏ ସହାୟତା ଦିଆଯିବା ପାଇଁ ସରକାର ଘୋଷଣା କରିଥିଲେ। ଧର୍ମଶାଳା ବ୍ଲକରେ ୨୩.୫ ହେକ୍ଟର ଅଣ ଜଳସେଚିତ ଜମି, ୩୮୯.୪୩ ହେକ୍ଟର ଜଳସେଚିତ ଜମି, ୧୦ ହେକ୍ଟର ଫଳଚାଷ ଜମି ନଷ୍ଟ ହୋଇଥିବା କୃଷି ବିଭାଗ ପକ୍ଷରୁ ଆକଳନ କରାଯାଇଥିଲା। ପାଟପୁର ପଞ୍ଚାୟତରେ ସର୍ବାଧିକ ୧୨ ମୌଜାରେ ୮୨.୮୭ ହେକ୍ଟର ଚାଷ ଜମି ନଷ୍ଟ ହୋଇଥିଲା ବେଳେ କଣ୍ଟିଗାଡ଼ିଆ ପଞ୍ଚାୟତରେ ସର୍ବନିମ୍ନ ୧ ହେକ୍ଟର ଜଳସେଚିତ ଜମିରେ ଫସଲ ନଷ୍ଟ ହୋଇଥିବା ଦର୍ଶାଯାଇଛି। ହେଲେ ଅଦ୍ୟାବଧି ଚାଷୀଙ୍କୁ କ୍ଷୟକ୍ଷତି ଅର୍ଥ ମିଳି ନାହିଁ। ଏହାକୁ ନେଇ ଧର୍ମଶାଳା ନବନିର୍ମାଣ କୃଷକ ସଙ୍ଗଠନର ନେତା ବସନ୍ତ ପରିଡା, କୃଷକ ନେତା ନେତ୍ରାନନ୍ଦ ଦାସ, ବିଦ୍ୟାଧର ପରିଡା, ନିତ୍ୟାନନ୍ଦ ଦାସ, କେଶବ ପାଳ, ନନ୍ଦକିଶୋର ଦାସ ପ୍ରମୁଖ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ ପାଇଁ ଦାବି କରିଛନ୍ତି। ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି। ଏ ସମ୍ପର୍କରେ ଯାଜପୁର ଜିଲା କୃଷି ଉପନିର୍ଦ୍ଦେଶକ ଶରତ କୁମାର ପୃଷ୍ଟିଙ୍କୁ ପଚାରିବାରୁ, କୃଷି ଓ ରାଜସ୍ୱ ବିଭାଗ ମିଳିତ ଉଦ୍ୟମରେ କ୍ଷୟକ୍ଷତି ଆକଳନ କରାଯାଇ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଜିଲାପାଳଙ୍କୁ ସୁପାରିସ କରାଯାଇଛି। ଅର୍ଥ ମଞ୍ଜୁର ହେଲେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସେମାନଙ୍କ ବ୍ୟାଙ୍କ ଜମା ଖାତାରେ ଅର୍ଥ ଜମା କରାଯିବ ବୋଲି କହିଛନ୍ତି।

# ଦୁର୍ଘଟଣା ବଢ଼ାଉଛି ଜାତୀୟ ରାଜପଥରେ ଗାଡ଼ି ପାର୍କିଂ

ଚଣ୍ଡିଖୋଲ,୧୨।୧୦(ଡି.ଏନ.ଏ)

୧୬ନଂ. ଜାତୀୟ ରାଜପଥର ଛତିଆ ନିକଟରେ ବେଆଇନଭାବେ ରାଜପଥ ଉପରେ ଗାଡ଼ିଗୁଡ଼ିକ ଠିଆହୋଇ ରହିବା ଯୋଗୁ ଯାତାୟାତରେ ବ୍ୟାଘାତ ସୃଷ୍ଟି ହେବା ସହ ଦୁର୍ଘଟଣା ବୃଦ୍ଧି ପାଉଛି। ଯାଜପୁର ଜିଲା ବୈରୀ ଥାନା ଛତିଆସ୍ଥିତ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ବେଆଇନଭାବେ ଶତାଧିକ ଅସ୍ଥାୟୀ ଦୋକାନ ଖୋଲିଛି। ଏହି ଦୋକାନଗୁଡ଼ିକ ଜାତୀୟ ରାଜପଥ କଡ଼ରେ ଖୋଲିଥିବା ହେତୁ ଦିନତମାମ ଏପରିକି ରାତି ସମୟରେ ମଧ୍ୟ ଚାରି ଚକିଆ ଗାଡ଼ି ଜାତୀୟ ରାଜପଥ ଉପରେ ଠିଆହୋଇ ରହୁଛି। ସେଠାରେ ବହୁ ସଂଖ୍ୟାରେ ଚା, ପାନ ଓ ଜଳଖିଆ ଦୋକାନ ଖୋଲାହୋଇଛି। ଯେଉଁଥିପାଇଁ କାର, ଟ୍ରକ୍, ବସ୍ ଆଦି ବଡ଼ବଡ଼ ଯାନ ରାସ୍ତା ଉପରେ ରଖି ଦୋକାନୀଙ୍କଠାରୁ ସଉଦା କିଣିବା ସହ ଚା ଓ ଜଳଖିଆ କରୁଛନ୍ତି। ସେଥିପାଇଁ ଏହି ଛକର ମୋଡ଼ାଣିଠାରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଛତିଆ ଛକଠାରୁ ଭାଟିଆ ଛକ ପର୍ଯ୍ୟନ୍ତ ଜାତୀୟ ରାଜପଥଟି ତିନି ବାଙ୍କ ହୋଇଥିବାରୁ ଦୂରରୁ ଆସୁଥିବା ଗାଡ଼ିଗୁଡ଼ିକୁ ଲୋକେ ଦେଖିପାରୁ ନାହାନ୍ତି। ଏପରିକି ମୋଟର ସାଇକେଲ ଆରୋହୀମାନେ ଏହି ଛକ ନିକଟରେ ରାସ୍ତା ଅତିକ୍ରମ କଲାବେଳେ ଦୁର୍ଘଟଣାର ଶିକାର ହେଉଛନ୍ତି। ଛତିଆ ମନ୍ଦିର ପାର୍ଶ୍ୱକୁ ଯିବା ପାଇଁ ଭାଟିଆ ନିକଟରେ ରାସ୍ତାରେ କଟିଂ ରହିଛି। ଏହି କଟିଂ ଅତିକ୍ରମ କରିବା ସମୟରେ ଅଧିକାଂଶ ସମୟ ଦୁର୍ଘଟଣା ହେବା ହେତୁ ବହୁ ଜୀବନ ଗଲାଣି। ବର୍ଷେ ତଳେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ସମ୍ପୃକ୍ତ ଦୋକାନଗୁଡ଼ିକୁ ସେଠାରୁ ଭାଙ୍ଗି ଦେଇଥିଲେ। ସେଥିପାଇଁ ଦୁର୍ଘଟଣା ଅଧିକାଂଶରେ କମିଯାଇଥିଲା। ପୁନର୍ବାର ଏହି ସ୍ଥାନରେ ଉଭୟ ପାର୍ଶ୍ୱରେ ଜାତୀୟ ରାଜପଥର ସ୍ଥାନକୁ ଦଖଲ କରି ବେଆଇନଭାବେ ବହୁ ଅସ୍ଥାୟୀ ଦୋକାନ ଖୋଲିସାରିଲାଣି। ଦୋକାନ ଖୋଲା ରହିବା ଦ୍ୱାରା ଶହ ଶହ ସଂଖ୍ୟାରେ ଗାଡ଼ିଚାଳକମାନେ ରାସ୍ତା ଉପରେ ଗାଡ଼ି ଠିଆ କରିଦେଉଛନ୍ତି। ତେଣୁ ଏଠାରେ ଦ୍ରୁତ ଗତିରେ ଯାତାୟାତ କରୁଥିବା ଗାଡ଼ିଗୁଡ଼ିକ ପାଇଁ ବିପଦ ସୃଷ୍ଟି ହେଉଛି। ଏହି ଅସ୍ଥାୟୀ ବ୍ୟବସାୟୀଙ୍କୁ ଅନ୍ୟ ପାର୍କିଂ ସ୍ଥାନକୁ ସ୍ଥାନାନ୍ତର କରାଗଲେ ଜାତୀୟ ରାଜପଥରୁ ଅବରୋଧ ହଟିବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯାଇଥିଲେ କୌଣସି ଉତ୍ତର ମିଳିପାରି ନାହିଁ।




ଜାତୀୟ ରାଜପଥ ଉପରେ ଠିଆ ହୋଇ ରହିଥିବା ଗାଡ଼ି।

## ସଂକ୍ଷେପରେ

### ୧୪ରୁ ୫୨ତମ କୁମାରୋତ୍ସବ

ପୁରୀ ଅଫିସ,୧୨।୧୦-କୁମାର ଉତ୍ସବ ସମିତି ଆନୁକୂଲ୍ୟରେ ୫୨ତମ କୁମାରୋତ୍ସବ ଆସନ୍ତା ୧୪ତାରିଖ ଠାରୁ ଆରମ୍ଭ ହେବ। ଶରଧାବାଲି ଠାରେ ଆୟୋଜିତ ହେବାକୁ ଥିବା ଏହି ଉତ୍ସବ ୩ଦିନ ବ୍ୟାପୀ ଚାଲିବ। ଚଳିତ ବର୍ଷ ଶିଶୁ ପ୍ରତିଭା ତୁଡୁଲ ମହାନ୍ତି ଶ୍ରୀକ୍ଷେତ୍ର କୁମାରୀ, ଏବଂ ଦେବୀପ୍ରସାଦ ଦାସଙ୍କୁ ଶ୍ରୀକ୍ଷେତ୍ର କୁମାର ସମ୍ମାନରେ ସମ୍ମାନିତ କରାଯିବ। ବର୍ଷୀୟାନ କଳାକାର ରାମଚନ୍ଦ୍ର ପ୍ରତିହାରୀ ଏବଂ ନିତ୍ୟାନନ୍ଦ ଦାଶଙ୍କୁ ମରଣୋତ୍ତର ଭାବେ କଳା ସମ୍ମାନ ପ୍ରଦାନ କରାଯିବ। ଏଥିସହିତ ଶିକ୍ଷାବିତ୍ ରଘୁନାଥ ମହାପାତ୍ର, ରମାକାନ୍ତ ମିଶ୍ର, ପରିବେଶବିତ୍ ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଦିଲୀପ ପଟ୍ଟନାୟକ, ପ୍ରଶାନ୍ତ ପ୍ରଧାନ, କୈଳାଶ ଶତପଥୀ, ଜ୍ୟୋତିର୍ବିଦ ରବିଶଙ୍କର ମିଶ୍ର, ସାମାଜିକ କର୍ମୀ ଲକ୍ଷ୍ମୀଧର ଜେନା,ପବିତ୍ର ମହାରଣା, ବସନ୍ତରାଜ ସାମଲ, ମନୋଜ ଦାସ, ମାତୃପ୍ରସାଦ ମିଶ୍ର, ଜୟଦାସ ଗୁପ୍ତା, ଗଣେଶ ରଣା ପ୍ରମୁଖ କୁମାର ଉତ୍ସବ ପ୍ରତିଭା ସମ୍ମାନରେ ସମ୍ମାନିତ ହେବେ। କାର୍ଯ୍ୟକ୍ରମରେ ସମିତିର ମୁଖପତ୍ର ଉନ୍ମୋଚନ କରାଯିବ। ପ୍ରଥମ ଦିବସରେ ନବପ୍ରତିଭା ପକ୍ଷରୁ ମନୁଆ ଜହ୍ନ କୁଆଁରୀ ମନ ପରିବେଷଣ କରିବେ। ଏଥିସହିତ ସୁର ମନ୍ଦିର, ଅନନ୍ୟା କଳାମନ୍ଦିର, ରୁପା ଆଣ୍ଡ ଟ୍ରୁପ ଓ ଶିଳ୍ପୀ ଏଣ୍ଟରଟେନମେଣ୍ଟ ସମିତି ପକ୍ଷରୁ ନାଟକ ଇଏ କେମିତିକା ପ୍ରେମ ପରିବେଷଣ କରାଯିବ। ଶେଷ ରଜନୀରେ ବଲିଉଡ କଣ୍ଠଶିଳ୍ପୀ କ୍ରିଷ୍ଣା ବେଉରା, ଲୋପାମୁଦ୍ରା, ଜିତେନ୍ଦ୍ର ଲଳିତ କୁମାର ଓ ଦୁର୍ଗା ସଙ୍ଗୀତ ପରିବେଷଣ କରିବେ। କୁମାରୋତ୍ସବର ମୁଖ୍ୟ ଆକର୍ଷଣ ଖ୍ୟାତନାମା ହାସ୍ୟ ଅଭିନେତା ସମ୍ରେଶ ଖାନ୍ କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି ସମିତି ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା ଶନିବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଅଭ୍ୟର୍ଥନା କମିଟି ଅଧକ୍ଷ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଲେ ଯେ, କଳା ଓ ସଂସ୍କୃତିର ବିକାଶରେ ଏହି ସମିତିର ଭୂମିକା ଅନନ୍ୟ। ପ୍ରତିଭାବାନ କଳାକାରଙ୍କ ଲାଗି ଏହା ଏକ ଉତ୍କୃଷ୍ଟ ମଞ୍ଚ ବୋଲି ସେ କହିଥିଲେ। ସମିତି ସଭାପତି ସେବାୟତ ଗୋପାଳ ଚନ୍ଦ୍ର ଖୁଣ୍ଟିଆ ଏବଂ କାର୍ଯ୍ୟକାରୀ ସଭାପତି ରାଜେଶ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ।

### ଘାସଡିହ ପୋଲ ବିପଦସଙ୍କୁଳ
## ଗାଁକୁ ଆସୁନି ଆମ୍ବୁଲାନ୍ସ

ଖୋର୍ଦ୍ଧା ଅଫିସ,୧୨।୧୦-ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଦେଓଗାଁ ପଞ୍ଚାୟତର ଘାସଡିହ ପୋଲ ବିପଦ ସଙ୍କୁଳ ହୋଇ ରହିଛି । ପ୍ରାୟ ୫୦ ବର୍ଷ ତଳେ ଅଶୋକ ନାଳ ଉପରେ ନିର୍ମିତ ଏହି ପୋଲର ଉଭୟ ପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ନାହିଁ। ଏଣୁ ଅଜଣା ଲୋକ ଦୁର୍ଘଟଣାରେ ନାଳ ଭିତରକୁ ଖସିପଡୁଛନ୍ତି। ପ୍ରାୟ ୧ ବର୍ଷ ଭିତରେ ୧୩୪ରୁ ଊର୍ଦ୍ଧ୍ୱ ଦୁର୍ଘଟଣା ଘଟି ସାରିଲାଣି। ଅନ୍ୟପକ୍ଷେ ପୋଲ ବିପଦସଙ୍କୁଳ ହୋଇଥିବାରୁ ଆମ୍ବୁଲାନ୍ସ ସମେତ ଯାନବାହାନ ଅତିକ୍ରମ କରୁନାହାନ୍ତି। ସରକାର ବିଜୁ ସେତୁ କରି ବାହାବା ନେଉଥିବାବେଳେ ଘାସଡିହ ଗାଁ ପ୍ରତି ଅଣଦେଖା କରୁଥିବା ଅଭିଯୋଗ ହେଉଛି। ଘାସଡିହ ପୋଲ ଉପରେ ଘାସଡିହ ଓ ଆଖପାଖ ଗାଁର ୫୦୦ରୁ ଊର୍ଦ୍ଧ୍ୱ ପରିବାର ନିର୍ଭର କରନ୍ତି। ପୋଲଟି ତଳପାର୍ଶ୍ୱରୁ ନଷ୍ଟ ହୋଇଯାଇଥିବାବେଳେ ଉପରେ ବର୍ଷାଜଳ ଜମି ରହୁଛି। ଏ ନେଇ ବିକାଶ ପ୍ରଧାନ ଓ ବୁଦ୍ଧିରାମ ପ୍ରଧାନ କୁହନ୍ତି, ପୋଲ ବିପଦସଙ୍କୁଳ ହେବା ପରେ ଗାଁକୁ କେବଳ ବାଇକ, ସାଇକେଲ ଆସୁଛି। ଗୁରୁତର ରୋଗୀଙ୍କୁ ଦୋଳାରେ ପୋଲ ପର୍ଯ୍ୟନ୍ତ ଯିବାକୁ ପଡେ। ପରେ ଆମ୍ବୁଲାନ୍ସ ଅଥବା ଯାନବାହନରେ ଯିବାକୁ ହୋଇଥାଏ। କୁମାରୀ ସେଠୀ କୁହନ୍ତି, ବର୍ଷା ହେଲେ ପୋଲ ଉପରେ ପାଣି ଚାଲୁଛି। ରାସ୍ତା ଉଚ୍ଚା ହେବା ସହ ନୂଆ ପୋଲ ଉଚ୍ଚା କରାଯିବା ଉଚିତ।

### ■ ସରକାରୀ ଯୋଜନା ଅପହଞ୍ଚ
# ଭଙ୍ଗାଘରେ ବିତୁଛି ବୃଦ୍ଧାଙ୍କ ଜୀବନ

ରଣପୁର,୧୨।୧୦(ସ୍ୱ.ପ୍ର.)

ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସରକାର ବିଭିନ୍ନ ଯୋଜନା କରିଛନ୍ତି । ତେବେ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ସରକାରୀ ଯୋଜନା ନୟାଗଡ ଜିଲା ରଣପୁର ବ୍ଲକରେ ସାତ ସପନ ହୋଇଛି । ଯାହାର ଉଦାହରଣ ରଣପୁର ବ୍ଲକ ଯଶୋଦାପୁର ପଞ୍ଚାୟତର ଧମଡା ଗାଁରେ ଦେଖିବାକୁ ମିଳିଛି। ଉକ୍ତ ଗାଁର ୭୦ ବର୍ଷ ବୟସ୍କା ବୃଦ୍ଧା ବୁଧେଇ ଦେଇ ଆବାସ ଯୋଜନାରେ ଘରଟିଏ ଓ ବିଧବା ଭତ୍ତା ପାଇବା ପାଇଁ ବାରମ୍ବାର ସରପଞ୍ଚ, ବିଡିଓ, ଜିଲାପାଳଙ୍କୁ ଭେଟୁଥିଲେ ମଧ୍ୟ ଏ ଯାଏଁ ସୁଫଳ ମିଳିନି। ଏଭଳିସ୍ଥଳେ ସରକାରୀ ଯୋଜନା କାହା ପାଇଁ ଉଦ୍ଦିଷ୍ଟ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

■ ମିଳୁନି ଆବାସ ଯୋଜନାରେ ଘର

■ ଭତ୍ତା ପାଲଟିଛି ମରୀଚିକା



ପ୍ରକାଶ ଥାଉକି, ଧମଡା ଗାଁର ବୁଧେଇ ଦେଈଙ୍କ ସ୍ୱାମୀ ଅନନ୍ତ ସାହୁଙ୍କ ୧୦ ବର୍ଷ ତଳେ ମୃତ୍ୟୁ ହୋଇଛି । ସନ୍ତାନସନ୍ତତି ନ ଥିବାରୁ ସ୍ୱାମୀଙ୍କ ମୃତ୍ୟୁ ପରେ ବୁଧେଇ ନିଃସହାୟ ହୋଇପଡିଛନ୍ତି। ସ୍ୱାମୀ ବଞ୍ଚିଥିବାବେଳେ ବୁଧେଇ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଓ ଇନ୍ଦିରାଆବାସରେ ଘରଟିଏ ପାଇବାକୁ ଆବେଦନ କରିଥିଲେ। ଏଥିପାଇଁ କେତେ ସରକାରୀ ବାବୁ ଓ ରାଜନେତାଙ୍କୁ ଅନୁରୋଧ କରିଥିଲେ ବି ଶୁଭଦୃଷ୍ଟି ପଡି ନ ଥିଲା । ସ୍ୱାମୀଙ୍କ ମୃତ୍ୟୁ ପରେ ବି ବୁଧେଇଙ୍କ ପ୍ରତି କାହାର ଦୟା ହେଲା ନାହିଁ। ସ୍ୱାମୀ ଅନନ୍ତଙ୍କ ମୃତ୍ୟୁ ଘଟିବାର ୧୦ ବର୍ଷ ପରେବି ବିଧବା ଭତ୍ତା ହୋଇ ପାରିଲା ନାହିଁ । ଭଙ୍ଗା ଘରେ ରହୁଥିଲେ ବି ପ୍ରଧାନମନ୍ତ୍ରୀ ଆବାସ କିମ୍ବା ବିଜୁ ପକ୍କାଘର ଟିଏ ମଧ୍ୟ ତାଙ୍କୁ ମିଳିଲା ନାହିଁ । କେବଳ ରାଶନ କାର୍ଡ ଅଛି । ରାଶନ କାର୍ଡକୁ ଛାଡିଦେଲେ ଅନ୍ୟ ସରକାରୀ ଯୋଜନା ବୁଧେଇଙ୍କ ପାଇଁ ସତେ ଯେପରି ମନା ହୋଇଛି। ଏ ସମ୍ପର୍କରେ ବୁଧେଇ କୁହନ୍ତି ସରକାରୀ ଯୋଜନାରେ ଘର କି ଭତ୍ତା ପାଇବା ପାଇଁ ଲାଞ୍ଚ ଦେବାକୁ ମୋ ପାଖରେ ଟଙ୍କା ନାହିଁ । ଶୁଣିଛି ବିନା ଟଙ୍କାରେ କୌଣସି କାର୍ଯ୍ୟ ହେଉ ନାହିଁ । ସ୍ୱାମୀଙ୍କ ପରି ମୁଁ ମଧ୍ୟ ଦୁଃଖ କଷ୍ଟରେ ମରିଯିବି ବୋଲି କୋହଭରା କଣ୍ଠରେ କହିଥିଲେ ବୁଧେଇ। ଏନେଇ ରଣପୁର ବିଡିଓ ରଶ୍ମିରେଖା ଦାସ କୁହନ୍ତି, ଧମଡା ଗାଁର ବୁଧେଇ ଦେଈ ଭତ୍ତା କି ଆବାସ ଯୋଜନାରେ ଘର ପାଇ ନ ଥିବା ମୁଁ ଅବଗତ ନ ଥିଲି । ଆବେଦନ କରିଥିଲେ ବିଚାରକୁ ନେଇ ତୁରନ୍ତ ପଦକ୍ଷେପ ନେବି ।

# ସାପ କାମୁଡ଼ାରୁ ବର୍ତ୍ତିବା ପାଇଁ ସଚେତନତା

ଭାପୁର,୧୨।୧୦(ଡି.ଏନ୍.ଏ.)

ସାପ କାମୁଡ଼ାରୁ ବର୍ତ୍ତିବା ପାଇଁ ଭାପୁର ବ୍ଲକ ବାଇଗୁଣିଆ ଗ୍ରାମଠାରେ ଶୁକ୍ରବାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିୱାଇଏସ୍‌ଡବ୍ଲ୍ୟୁ (ସେଣ୍ଟର ଫର୍ ୟୁଥ୍ ଆଣ୍ଡ ସୋସିଆଲ ୱେଲଫେୟାର) ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଇଗୁଣିଆ ଓ ଆଖପାଖ ଅଞ୍ଚଳରୁ ୫ଶହରୁ ଊର୍ଦ୍ଧ୍ୱ ଲୋକ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ନୀତୁ ରଞ୍ଜନ ଦାଶ କହିଥିଲେ, ସାରା ବିଶ୍ୱରେ ସାପ କାମୁଡ଼ା ମୃତ୍ୟୁ ହାରରେ ଭାରତ ଅଧିକ ଥିଲାବେଳେ ଓଡ଼ିଶାରେ ସ୍ଥିତି ଚିନ୍ତାଜନକ। ନୟାଗଡ଼ ଜିଲାର ଜଙ୍ଗଲ କିମ୍ବା ଗହୀର ହୁଡ଼ାବାଡ଼ିରେ କାର୍ଯ୍ୟରତ ଶ୍ରମିକ ଓ ଚାଷୀ ସାପ କାମୁଡ଼ାର ଶିକାର ହୋଇଥାନ୍ତି। ଭାପୁର ଡାକ୍ତରଖାନାର ଡାକ୍ତର ପ୍ରଦୀପ କୁମାର ପାଇକରାୟ କହିଥିଲେ, ସାପ କାମୁଡ଼ା



ସଚେତନତା କାର୍ଯ୍ୟକ୍ରମରେ ସଙ୍ଗଠନର କର୍ମକର୍ତ୍ତାଙ୍କ ସହ ଉପସ୍ଥିତ ଜନସାଧାରଣ।

ରୋଗୀଙ୍କୁ ତୁରନ୍ତ ଡାକ୍ତରଖାନା ନେଇ ଇଞ୍ଜେକ୍ସନ ଦେଲେ ରୋଗୀର ବଞ୍ଚିବା ନିଶ୍ଚିତ। ଏହାସହ ଗାଉଁଲି ଚିକିତ୍ସା କିମ୍ବା ଝଡ଼ାଫୁଙ୍କା କରି ରୋଗୀକୁ ମୃତ୍ୟୁମୁଖକୁ ଠେଲି ନ ଦେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବାଘୁଆପଲ୍ଲୀ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ସାମାଜିକ କର୍ମୀ ଜ୍ୟୋତିରଞ୍ଜନ, ବିରଞ୍ଚି କୁମାର ନାୟକ, ବାଇଗୁଣିଆ ସରପଞ୍ଚ ଟୁନି ବେହେରା ପ୍ରମୁଖ ଯୋଗଦେଇଥିଲେ। ସଂସ୍ଥାର ସମ୍ପାଦକ ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦରଖାସ୍ତ ଦେଇ ଜିଲାବାସୀଙ୍କ ପାଇଁ ଦେୟମୁକ୍ତ ସ୍ନେକ୍ ହେଲ୍‌ପ ଲାଇନ ଜାରି କରିବା, ସମସ୍ତ ଡାକ୍ତରଖାନାରେ ପ୍ରଚୁର ସାପକାମୁଡ଼ା ଇଞ୍ଜେକ୍ସନ ମହଜୁଦ ରଖିବା ଓ ସାପ କାମୁଡ଼ିଥିବା ବ୍ୟକ୍ତିଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ କରିବାକୁ ନିବେଦନ କରିଥିଲେ।

### ବଡ଼ୁ ସୁଆର ନିଯୋଗ ନିର୍ବାଚନ
## ବିଶ୍ୱନାଥ ସଭାପତି, ଅନନ୍ତ ସମ୍ପାଦକ

ପୁରୀ ଅଫିସ, ୧୨।୧୦

ଶ୍ରୀମନ୍ଦିର ବଡ଼ୁ ସୁଆର ନିଯୋଗର କର୍ମକର୍ତ୍ତା ନିର୍ବାଚନ ଶୁକ୍ରବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବସମ୍ମତିକ୍ରମେ ବିଶ୍ୱନାଥ ସାମନ୍ତରା ସଭାପତି, ଅନନ୍ତ ତିଆଡ଼ି ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭବାନୀଶଙ୍କର ସାମନ୍ତରା କୋଷାଧ୍ୟକ୍ଷ ଏବଂ ଗୋପୀନାଥ ସୁଆର ଓ ଶାମ ତିଆଡ଼ି ଉପଦେଷ୍ଟା ଭାବେ ମନୋନୀତ ହୋଇଥିବା ସଭାପତି ବିଶ୍ୱନାଥ ସାମନ୍ତରା ଜଣାଇଛନ୍ତି। ସୂଚନାଥାଉ କି, ପୂର୍ବରୁ ଦଇତାପତି ନିଯୋଗ, ସୁଆର ମହାସୁଆର ନିଯୋଗ ସମେତ ଅନ୍ୟ କେତେକ ନିଯୋଗ ନିର୍ବାଚନ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଆଗକୁ ମଧ୍ୟ ଆଉ କେତେକ ନିଯୋଗର ନିର୍ବାଚନ ହେବାର କାର୍ଯ୍ୟକ୍ରମ ରହିଛି।

## ଡକାୟତି ମାମଲାରେ ଯୁବତୀ ଅଟକ

ରଣପୁର,୧୨।୧୦(ସ୍ୱ.ପ୍ର.)

ରଣପୁର ଥାନା ପୋଲିସ ଡକାୟତି ମାମଲାରେ ଜଣେ ଯୁବତୀଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚୁରା କରୁଛି । ତାଙ୍କ ନାଁରେ ନୟାଗଡ ଜିଲାର ବିଭିନ୍ନ ଥାନାରେ ଆପରାଧିକ ମାମଲା ରହିଛି । ତେବେ ରଣପୁର ଥାନା ଅଞ୍ଚଳରେ ହୋଇଥିବା ଡକାୟତି ଘଟଣାରେ ସମ୍ପୃକ୍ତ ଯୁବତୀଙ୍କ ସମ୍ପୃକ୍ତି ଥିବା ସନ୍ଦେହରେ ପୋଲିସ ତାଙ୍କୁ ଶନିବାର ନିଜ କବ୍‌ଜାକୁ ଆଣି ତଦନ୍ତ ଆରମ୍ଭ କରିଛି । ନୟାଗଡ ଜିଲା ଶରଣକୁଳ ଥାନା ମଗରବନ୍ଧ ପଞ୍ଚାୟତ ଫାସିପଲ୍ଲୀ ନୂଆଗାଁରେ ତାଙ୍କ ଘର ହୋଇଥିବାବେଳେ ସେ ରଣପୁର ଥାନା ଡମସାହିରେ ରହୁଥିଲେ । ଅନ୍ୟପକ୍ଷେ ତାଙ୍କ ସହ ରଣପୁର ଥାନା ଅଞ୍ଚଳର ୪ରୁ ୫ ଜଣ ଯୁବକଙ୍କ ସମ୍ପୃକ୍ତି ରହିଥିବାର ଅନୁମାନ କରାଯାଉଛି।

### ■ ସିକୋ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଡକାୟତି ଉଦ୍ୟମ ବିଫଳ
## ଲକର ରୁମ୍‌ରେ ନୂଆ ତାଲା ପକାଇ ପଳାଇଲେ

ଖୋର୍ଦ୍ଧା ଅଫିସ, ୧୨।୧୦

ଶୁକ୍ରବାର ରାତିରେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ସିକୋ ଫାଣ୍ଡି ପାଖରୁ ୩ ଶହ ମିଟର ଦୂରରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଡକାୟତି ଉଦ୍ୟମ ବିଫଳ ହୋଇଛି। ପରେ ଡକାୟତମାନେ ତାଲା ଭାଙ୍ଗିଥିବା ଲକର ରୁମ୍‌ରେ ନୂଆ ତାଲା ପକାଇ ଫେରାର ହୋଇଯାଇଛନ୍ତି। ସିସିଟିଭି ଫୁଟେଜରେ ରେକର୍ଡିଙ୍ଗ୍‌କୁ ବାଦ ଦେବାକୁ ଡକାୟତମାନେ ବିଦ୍ୟୁତ୍ କାଟି ଦେଇଥିଲେ। ତେବେ ବିଦ୍ୟୁତ୍ ବିଲ୍ ହ୍ରାସ କରିବାକୁ ବ୍ୟାଙ୍କ କର୍ତ୍ତୃପକ୍ଷ କାର୍ଯ୍ୟାଳୟ ଅନ୍ଧାରରେ ରଖିବା ଡକାୟତଙ୍କୁ ସୁହାଇଥିଲା। ଏହି ଖବର ଜଣାପଡିବା ପରେ ଖୋର୍ଦ୍ଧା ଏସ୍‌ପି ଅଜେୟ ପ୍ରସାଦ ସ୍ୱାଇଁ ଓ ଜଙ୍କିଆ ଥାନା ଆଇଆଇସି ସତ୍ୟଜିତ୍ ଲେଙ୍କା ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଏପରି କି ପୁରୀର ସାଇଣ୍ଟିଫିକ୍ ଟିମ୍ ଘଟଣାର ତଦନ୍ତ କରିବା ପରେ ଲୁଟ୍ ଉଦ୍ୟମ ବ୍ୟର୍ଥ ହୋଇଥିବା ଜଣାପଡିଥିଲା। ସିସିଟିଭିର ହାର୍ଡଡିସ୍କ ପୋଲିସ ଜବତ କରିଛି। ପୋଲିସ ଘଟଣାସ୍ଥଳରୁ ଗ୍ୟାସ କଟର, ସିଲିଣ୍ଡର, ସ୍କ୍ରୁ, ରେଞ୍ଚ ପରି ଚୋରି ବ୍ୟବହୃତ ଜିନିଷକୁ ଉଦ୍ଧାର କରିଛି। ବ୍ୟାଙ୍କ ମ୍ୟାନେଜରଙ୍କ ଅଭିଯୋଗକ୍ରମେ ପୋଲିସ ଦଫା ୪୫୭, ୩୮୦, ୫୧୧ରେ ନଂ. ୧୫୬/୧୯ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅକ୍ଟୋବର ୨ୟ ଶନିବାର ଓ ରବିବାର ଛୁଟି ରହିଥିଲା। ଦୁଇଦିନ ଛୁଟିକୁ ଆଖି ଆଗରେ ରଖି ଡକାୟତମାନେ ବ୍ୟାଙ୍କ ଲୁଟିବାକୁ ଯୋଜନା କରି ଝରକା ଗ୍ରୀଲ କାଟି ଭିତରେ ପଶିଥିଲେ। ଲକ୍‌ର ଭାଙ୍ଗିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ।

### ପୁରୁଣା ଗ୍ୟାଙ୍ଗ ସମ୍ପୃକ୍ତ ଥାଇପାରନ୍ତି

ଖୋର୍ଦ୍ଧା ଟାଉନ ଥାନା ହଳଦିଆ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରୁ ୨୦୧୧ ଜୁଲାଇ ୧୧ ଅପରାହ୍ନରେ ଡକାୟତି ହୋଇଥିଲା। ଡକାୟତମାନେ ଫାଙ୍କା ଗୁଳିଚାଳନା କରି ୪ ଲକ୍ଷ ୯୬ ହଜାର ଟଙ୍କା ଏବଂ ୫ କେଜି ଓଜନର ସୁନାଅଳଙ୍କାର ଲୁଟି ନେଇଥିଲେ। ଏହି ଘଟଣାରେ ପୋଲିସ ସେହି ମାସ ୨୦ ତାରିଖରେ ୩ ଦୁର୍ବୃତ୍ତଙ୍କ ସମେତ ୭ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ୧. ୮ କେଜି ସୁନାଅଳଙ୍କାର, ୨୨,୯୦୦ ଟଙ୍କା ଜବତ କରିଥିଲା। ୨ଟି ବାଇକ୍ ଏବଂ ୫ ମୋବାଇଲ ଜବତ କରିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଶୀତଳଭଣ୍ଡାରରେ ପଡିରହିଛି। ସେହିଭଳି ୨୦୧୩ ଜୁଲାଇ ୩ରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ନରଣଗଡ ଶାଖାରେ ଡକାୟତି ହୋଇଥିଲା। ଦୁର୍ବୃତ୍ତଙ୍କ ଗୁଳି ଓ ବୋମାମାଡ଼ରେ ଜଣେ କଲେଜ ଛାତ୍ର ଏବଂ ୪ ବ୍ୟାଙ୍କ କର୍ମଚାରୀ ଆହତ ହୋଇଥିଲେ। ବ୍ୟାଙ୍କରୁ ଦୁର୍ବୃତ୍ତମାନେ ୭ ଲକ୍ଷ ୭୭ ହଜାର ୫ ଶହ ଟଙ୍କା ଏବଂ ୨୯୧ ପୁଡିଆ ସୁନା ଅଳଙ୍କାର ଲୁଟି ନେଇଥିଲେ। ଦଧିମାଛଗାଡିଆ ଛକଠାରେ ଦୁର୍ବୃତ୍ତମାନେ ୩ଟି ବ୍ୟାଗ ଛାଡି ଯାଇଥିଲେ। ସେଥିରେ ୨ ଲକ୍ଷ ୫୦ ହଜାର ଟଙ୍କା ଏବଂ ୧୮୧ ପୁଡିଆ ସୁନା ଅଳଙ୍କାର ରହିଥିଲା। ପରେ କେତେଜଣ ଡକାୟତ ଗିରଫ ହୋଇଥିଲେ ମଧ୍ୟ ଏହାର ସମ୍ପୂର୍ଣ୍ଣ ଚିତ୍ର ଜଣାପଡିନି।

### ■ ଲିଙ୍ଗ ବିଭେଦତା ଉଚ୍ଛେଦ ଅଭିଯାନର ଦାବି
## ଝିଅ ରୋଜଗାରରେ ମା'ବାପାଙ୍କ ଅଧିକାର ରହିବା ଦରକାର

ପୁରୀ ଅଫିସ, ୧୨।୧୦

ପୁଅର ସେବା ଏବଂ ରୋଜଗାରରେ ଯେଉଁଭଳି ମା'ବାପାଙ୍କର ଅଧିକାର ରହିଛି ସେହିଭଳି ଝିଅର ସେବା ଏବଂ ରୋଜଗାର ଉପଭୋଗ କରିବା ମଧ୍ୟ ମା'ବାପାଙ୍କ ଅଧିକାର। ଶାଶୁଘର ଲୋକେ ଯଦି ଝିଅକୁ ତାର କର୍ତ୍ତବ୍ୟ କରିବାରେ ବାଧା ଦିଅନ୍ତି ତାହେଲେ ଏହା ଏକ ଅପରାଧ। ଏଥିପାଇଁ ଏକ ଆଇନ ପ୍ରଣୟନ କରାଯିବା ଦରକାର ବୋଲି ସରକାରଙ୍କ ନିକଟରେ ଦାବି କରିଛି ଲିଙ୍ଗ ବିଭେଦତା ଉଚ୍ଛେଦ ଅଭିଯାନ।

ଶନିବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯାନର ମୁଖ୍ୟ ବିଶ୍ୱଜିତ ପ୍ରଧାନ କହିଛନ୍ତି, ଆଇନ ଅନୁସାରେ ପରିବାରରେ ଆଉ ଲିଙ୍ଗଗତ ବିଭେଦ ନାହିଁ। କାରଣ ପୁଅ ଝିଅ ଉଭୟେ ସମାନ। ତେଣୁ ମା'ବାପା ଝିଅପୁଅଙ୍କୁ ସମଦୃଷ୍ଟିରେ ଦେଖିବା ସହ ଉଭୟଙ୍କ ପ୍ରତି ସମାନ କର୍ତ୍ତବ୍ୟ କରିବାକୁ ବାଧ୍ୟ। ସେହିପରି ପୁଅଝିଅ, ନାତି ନାତୁଣୀ ସେମାନଙ୍କ ମାତା ପିତା, ଜେଜେମା ଓ ଜେଜେବାପାଙ୍କ ଯତ୍ନ ଏବଂ ଦାୟିତ୍ୱ ନେବା ପାଇଁ ବାଧ୍ୟ, ଯାହାକି ୨୦୦୮ ମସିହା ଆଇନର ସଂଶୋଧନ କରାଇ କେନ୍ଦ୍ର ସରକାର ୨୦୧୮ରେ ଆଇନ କରିଛନ୍ତି। ଏହାଦ୍ୱାରା ମା'ବାପା ତଥା ବରିଷ୍ଠ ନାଗରିକମାନଙ୍କ ସାମାଜିକ ସୁରକ୍ଷା ସୁଦୃଢ ହୋଇଛି। ହେଲେ ଆଜି ବି ଅନେକେ ମା'ବାପାଙ୍କର ଆଦୌ ଯତ୍ନ ନେଉନାହାନ୍ତି। ସୁପ୍ରିମ୍‌କୋର୍ଟଙ୍କ ରାୟ ଅନୁସାରେ ପୁଅ ବୋହୂ ଯେପରି ମା'ବାପାଙ୍କୁ ନ ପଚାରିଲେ ଅପରାଧ, ଠିକ୍ ସେହିପରି ଝିଅ ଜ୍ୱାଇଁ ମଧ୍ୟ ଅପରାଧୀ ସାବ୍ୟସ୍ତ ହେବା ନୀତି ସମ୍ମତ। ସେହିପରି ଝିଅ ବିବାହ ହୋଇଗଲା ପରେ ମଧ୍ୟ ତା ରୋଜଗାରରେ ମା'ବାପାଙ୍କ ଅଧିକାର ରହିବା ଦରକାର। ଶାଶୁଘର ଲୋକେ ଯଦି ଏଥିରେ ହସ୍ତକ୍ଷେପ କରନ୍ତି ତେବେ ଏହା ଏକ ଅପରାଧ ବୋଲି ଆଇନ ପ୍ରଣୟନ କରିବାକୁ ସରକାର ଦୃଷ୍ଟି ଦେବା ଦରକାର ବୋଲି ବିଶ୍ୱଜିତ୍ କହିଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

# ସମ୍ପର୍କ ଯୋଡ଼ିଲା କାର୍ତ୍ତିକ ବ୍ରତ

ପୁରୀ ଅଫିସ, ୧୨।୧୦

ବର୍ଷକ ପରେ ପୁଣି ହେଲା ଦେଖାସାକ୍ଷାତ୍। ଗତବର୍ଷ କାର୍ତ୍ତିକ ମାସରେ ସେମାନଙ୍କ ସାକ୍ଷାତ୍ ହୋଇଥିଲା। ମାସେ ପର୍ଯ୍ୟନ୍ତ ଗୋଟିଏ ଛାତ ତଳେ ଏକାଠି ରହିଥିଲେ। ଚଉରା ମୂଳେ ରାଧାଦାମୋଦର ପୂଜାଠୁ ଆରମ୍ଭ କରି ଏକାଠି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ପୁଣି ଏକତ୍ର ବସି ମହାପ୍ରସାଦ ସେବନ କରିଥିଲେ। ପରସ୍ପର ମଧ୍ୟରେ ସୁଖଦୁଃଖ ବାଣ୍ଟି ଥିଲେ। ବ୍ରତ ସରିଗଲା ପରେ ଯିଏ ଯାହା ଘରକୁ ଫେରିଯାଇଥିଲେ। ହେଲେ ଏବେ ପୁଣି ସମ୍ପର୍କ ଯୋଡ଼ିଛି କାର୍ତ୍ତିକ ବ୍ରତ। ଶ୍ରୀକ୍ଷେତ୍ରରେ ହବିଷ କରିବାକୁ ପହଞ୍ଚିଛନ୍ତି ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ହବିଷିଆଳି। ହେଲେ ବର୍ଷକ ପରେ ବି ଅନେକ କେହି କାହାକୁ ଭୁଲି ପାରିନାହାନ୍ତି। ଚିହ୍ନା ମୁହଁ ଦେଖି ପରସ୍ପରକୁ ସ୍ନେହରେ କୁଣ୍ଢାଇ ପକାଉଛନ୍ତି। ମାସକ ଯାକ ପୁଣି ଏକାଠି ରହିବେ, ସୁଖଦୁଃଖ ହେବେ ଆଉ ମହାପ୍ରଭୁଙ୍କ ଆଶ୍ରାରେ ଦିନ କାଟିବେ ବୋଲି କହିଛନ୍ତି ହବିଷିଆଳି।

ଆସନ୍ତା ସୋମବାରଠାରୁ ଆରମ୍ଭ ହେବ ଧର୍ମ ମାସ କାର୍ତ୍ତିକ। ଶ୍ରୀକ୍ଷେତ୍ରରେ ରହି କାର୍ତ୍ତିକ ବ୍ରତ ପାଳିବେ ହଜାର ହଜାର ହବିଷିଆଳି। ଏଥିପାଇଁ ଶ୍ରୀକ୍ଷେତ୍ରକୁ ବ୍ରତଧାରୀଙ୍କ ଆଗମନ ଆରମ୍ଭ ହୋଇଛି।



ହବିଷିଆଳିମାନେ ପରସ୍ପରକୁ କୋଳାଗ୍ରତ କରୁଛନ୍ତି।

■ ବର୍ଷକ ପରେ ପୁଣି ଦେଖା ସାକ୍ଷାତ୍

■ ସୁଖଦୁଃଖ ହେବେ, ମହାପ୍ରଭୁଙ୍କ ଆଶ୍ରାରେ ଦିନ କାଟିବେ

ତେବେ ଶନିବାର ପୂର୍ବାହ୍ନରେ ରେଳୱେ ଟୁରିଷ୍ଟ କମ୍ପ୍ଲେକ୍ସ ହବିଷିଆଳି ଆଶ୍ରୟସ୍ଥଳୀରେ ପହଞ୍ଚିଥିଲେ କଟକ ଜିଲା ନରସିଂହପୁର ପୁରୁଣା ଗୋପାଳପୁରର ବିନୋଦିନୀ ଆଚାର୍ଯ୍ୟ। ବିନୋଦିନୀଙ୍କୁ ଦେଖିବା କ୍ଷଣି ପାଖକୁ ଦୌଡ଼ି ଆସିଥିଲେ ନୟାଗଡ଼ ଜିଲା ଅସୁରଡିପାର ମୀନା ଗୌଡ଼। ପରସ୍ପରକୁ କୁଣ୍ଢାଇ ପକାଇଥିଲେ। ବର୍ଷକ ପରେ ପୁଣି କାଳିଆ ଦେଖାକଲା ବୋଲି କହିଥିଲେ ବିନୋଦିନୀ। ଏହାପରେ ପହଞ୍ଚିଥିଲେ ନୟାଗଡ଼ର ଗୋଲରୀ ଗୌଡ଼ ଏବଂ ଗୁଞ୍ଜର ଦେଈ। ପରସ୍ପର ବେଶ୍ କିଛି ସମୟ ଧରାଧରି ହୋଇ ହସଖୁସି କରିଥିଲେ। ବର୍ଷକ ପରେ ଦେଖା ସାକ୍ଷାତ୍ ହୋଇଥିଲେ ମଧ୍ୟ କେହି କାହାରିକୁ ଭୁଲି ଯାଇ ନ ଥିଲେ। ଏମିତି କି ନାଁ ମଧ୍ୟ ମନେ ରଖିଥିଲେ। ୭୩ ବର୍ଷୀୟା ବିନୋଦିନୀ କହିଥିଲେ, କାଳିଆ ଆଶୀର୍ବାଦରୁ ପୁଣିଥରେ ବ୍ରତ କରିବାକୁ ପୁରୀ ଆସିଲି। ଏହି ଆଶ୍ରୟସ୍ଥଳୀରେ ପହଞ୍ଚିଗଲେ ମନ ହାଲ୍‌କା ହୋଇଯାଏ। ଏମିତି କି ଦେହ ବି ଭଲ ଲାଗେ। ମାସେ ପର୍ଯ୍ୟନ୍ତ ସାଙ୍ଗ ହୋଇ ରହିବୁ। ରାଇଦାମୋଦର ପୂଜା କରିବୁ, ଶ୍ରୀମନ୍ଦିରକୁ ଯାଇ କାଳିଆକୁ ଦର୍ଶନ କରିବୁ। ପୁଣି ଏକାଠି ବସି ଅବଢା ଖାଇବୁ। ସନ୍ଧ୍ୟାରେ ଭଜନ, ପ୍ରବଚନ ଶୁଣିବୁ। ଏମିତି ଅନ୍ୟମାନେ ମଧ୍ୟ ମତ ରଖିବା ସହ ବେଶ୍ ହସଖୁସି କରୁଥିବା ଦେଖିବାକୁ ମିଳିଥିଲା।

## ଚନ୍ଦନପୁର ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

ପୁରୀ ଅଫିସ, ୧୨।୧୦

ଚନ୍ଦନପୁର ଥାନା ଅଞ୍ଚଳରେ ବିପର୍ଯ୍ୟସ୍ତ ହୋଇପଡିଛି ଆଇନଶୃଙ୍ଖଳା ପରିସ୍ଥିତି। ପୋଲିସକୁ ଖୋଲା ଚାଲେଞ୍ଜ ଦେଉଛନ୍ତି ଅପରାଧୀ। ଲୁଟ୍, ରାହାଜାନି, ଡକାୟତି ଭଳି ଗୋଟିଏ ପରେ ଗୋଟିଏ ଘଟଣା ଘଟିଚାଲିଛି। ତେବେ ପୋଲିସ କେବଳ ଅଭିଯୋଗ ଉପରେ ମାମଲା ରୁଜୁ କରି ହାତବାନ୍ଧି ବସିଛି। ପୋଲିସ ନିଷ୍କ୍ରିୟତାରୁ ଅପରାଧୀମାନେ ସକ୍ରିୟ ହୋଇଉଠିଛନ୍ତି।

ନିକଟରେ ସିଦ୍ଧେଶ୍ୱରୀ ଜୁଏଲାରୀ ଦୋକାନୀ ମାଲିକ ବାଇକରେ ସୁନା ଗହଣା ଧରି ଘରକୁ ଫେରୁଥିବା ବେଳେ ଦୁର୍ବୃତ୍ତମାନେ ରଘୁରାଜପୁର ନିକଟରେ ମାରଣାସ୍ତ୍ର ଦେଖାଇ ଲୁଟି ଫେରାର ହୋଇଯାଇଥିଲେ। ସେହିପରି ପୁରୀ ଭୁବନେଶ୍ୱର ଜାତୀୟ ରାଜପଥ ବାଇପାସ ନିକଟରେ ବାଇକରେ ପୁରୀ ଯାଉଥିବା ଏକ ଦମ୍ପତିଙ୍କୁ କେତେଜଣ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରି ତାଙ୍କ ଠାରୁ ନଗଦ୍ ୧୦ହଜାର, ୨ଟି ମୋବାଇଲ ଲୁଟି ନେଇଥିଲେ। ଏହି ଦୁଇଟି ଘଟଣାରେ ବର୍ତ୍ତମାନ ସୁଦ୍ଧା କେହି ଧରାପଡିନାହାନ୍ତି। ପୁରୀ ଭୁବନେଶ୍ୱର ଜାତୀୟ ରାଜପଥ ଏବଂ ଚନ୍ଦନପୁର-ଜଗନ୍ନାଥ ସଡକ ରାସ୍ତା ଅସୁରକ୍ଷିତ ହୋଇପଡିଛି। ଅନ୍ଧାର ରାତିରେ ଏଠାରେ ଲୁଟ, ରାହାଜାନି ଘଟଣା ବୃଦ୍ଧି ପାଉଛି। ବାଇପାସ ରାସ୍ତାରେ ଅପରାଧିଙ୍କ ରାଜୁତି ବଢିବାରେ ଲାଗିଛି। ଏନେଇ ଥାନାଧିକାରୀ ବାମଦେବ ନନ୍ଦ କୁହନ୍ତି, ଉପରୋକ୍ତ ଦୁଇଟି ଘଟଣାରେ କେହି ଧରାପଡିନାହାନ୍ତି। ଘଟଣାର ତଦନ୍ତ ଜାରି ରହିଛି। ରାତ୍ରି ପାଟ୍ରୋଲିଂକୁ କଡାକଡି କରାଯାଇଛି।

### ■ ପଞ୍ଜୀକରଣ ସଂଖ୍ୟା ୨,୩୪୦: ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମରୁ ଅଧିକ
# ପ୍ରସ୍ତୁତ ହବିଷିଆଳି ଆଶ୍ରୟସ୍ଥଳ

ପୁରୀ ଅଫିସ, ୧୨।୧୦

ଆସନ୍ତା ସୋମବାରଠାରୁ ଆରମ୍ଭ ହେଉଛି କାର୍ତ୍ତିକ ମାସ। ପୁରୀରେ ରହି ବ୍ରତ ପାଳିବା ଲାଗି ଆସିଲେଣି ହବିଷିଆଳି। ସରକାରଙ୍କ ପକ୍ଷରୁ ହବିଷିଆଳି ଯୋଜନାରେ ୩,୦୦୦ ବ୍ରତଧାରୀଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ତିନୋଟି ଆଶ୍ରୟସ୍ଥଳୀ ରେଳୱେ ଟୁରିଷ୍ଟ କମ୍ପ୍ଲେକ୍ସ, ପୌରସଂସ୍ଥା କଲ୍ୟାଣ ମଣ୍ଡପ ଏବଂ ନରେନ୍ଦ୍ରକୋଣସ୍ଥିତ ସ୍ଥାୟୀ ହବିଷିଆଳି କେନ୍ଦ୍ରକୁ ପ୍ରସ୍ତୁତ କରାଯାଇଛି। ହବିଷିଆଳିଙ୍କ ଲାଗି ଆବଶ୍ୟକ ଶୌଚାଳୟ, ପାଇଖାନା ସାଙ୍ଗକୁ ଅନ୍ୟାନ୍ୟ



ଆଶ୍ରୟସ୍ଥଳରେ ହବିଷିଆଳି।

ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି।

ବ୍ରତଧାରୀଙ୍କ ରହଣି, ପୂଜାର୍ଚ୍ଚନା, ମହାପ୍ରସାଦ ସେବନ, ପାନୀୟଜଳ, ପୂଜାପିଣ୍ଡି, ଆକାଶଦୀପ, ସିସିଟିଭି, ଆଶୁ ଚିକିତ୍ସା କେନ୍ଦ୍ର, ସୁରକ୍ଷା ଆଦି ବ୍ୟବସ୍ଥା କରାଯାଇଛି। ଯିବା ଆସିବା ପାଇଁ ରେଳୱେ ଟୁରିଷ୍ଟ କମ୍ପ୍ଲେକ୍ସଠାରେ ଦୁଇଟି ବସ୍ ବ୍ୟବସ୍ଥା ହୋଇଛି। ସ୍ନାନ ପାଇଁ ନରେନ୍ଦ୍ର ପୁଷ୍କରିଣୀରେ ସ୍ୱତନ୍ତ୍ର ତୁଠର ବ୍ୟବସ୍ଥା ସହ ଅଗ୍ନିଶମ ଏବଂ ସୁରକ୍ଷା କର୍ମଚାରୀଙ୍କୁ ମୁତୟନ କରାଯିବ। ମନ୍ଦିର ଭିତରେ ସେମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱେଚ୍ଛାସେବୀମାନେ ମଧ୍ୟ ସହଯୋଗ କରିବେ ବୋଲି ନିଷ୍ପତ୍ତି ହୋଇଛି। ତେବେ ପଞ୍ଜୀକରଣର ସମୟ ସରିଯାଇଥିବା ବେଳେ ଶନିବାର ସୁଦ୍ଧା ମୋଟ ୨,୩୪୦ ଜଣ ହବିଷିଆଳି ଆଶ୍ରୟସ୍ଥଳୀରେ ରହିବା ଲାଗି ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ପୌରସଂସ୍ଥା କଲ୍ୟାଣ ମଣ୍ଡପରେ ୫୫୦ ଏବଂ ରେଳୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ୯୦୦ ଏବଂ ଅବଶିଷ୍ଟ ନରେନ୍ଦ୍ରକୋଣସ୍ଥିତ ସ୍ଥାୟୀ ହବିଷିଆଳି କେନ୍ଦ୍ରରେ ରହିବା ଲାଗି ପରିଚୟପତ୍ର ଇସ୍ୟୁ କରାଯାଇଛି। ତେବେ ରବିବାର ଯଦି ଅନ୍ୟ ହବିଷିଆଳି ଆସନ୍ତି ତେବେ ସ୍ପଟ୍‌ରେ ମଧ୍ୟ ସେମାନଙ୍କ ନାମ ପଞ୍ଜୀକରଣ କରାଯାଇ ସେମାନଙ୍କୁ ରହିବା ପାଇଁ ପରିଚୟପତ୍ର ପ୍ରଦାନ କରାଯିବ ବୋଲି ସହାକରୀ ପର୍ଯ୍ୟଟନ ନିର୍ଦ୍ଦେଶକ ବିଜୟ କୁମାର ଜେନା କହିଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ପଞ୍ଜୀକରଣ କରିଥିବା ହବିଷିଆଳିଙ୍କ ମଧ୍ୟରୁ ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲାରୁ ଅଧିକ ସଂଖ୍ୟକ ରହିଥିବା ଜଣାପଡିଛି।

## ସଂକ୍ଷେପରେ

### ଝାଉଁ କାଠ ବୋଝେଇ ଗାଡି ଜବତ, ୨ ଗିରଫ

**ପୁରୀ ଅଫିସ,୧୨।୧୦-** ପୁରୀ ବିନ ବିଭାଗ ପକ୍ଷରୁ ନାଇଟ୍ ପାଟ୍ରୋଲିଂ ବେଳେ ଝାଉଁ କାଠ ବୋଝେଇ ଏକ ୪୦୭ ଗାଡ଼ି ଜବତ କରାଯାଇଛି। ଏଥିସହ ଅନ୍ୟ ଏକ ବାଇକ୍ ଜବତ କରାଯାଇଥିବାବେଳେ ୨ ଜଣଙ୍କୁ ଗିରଫ କରାଯାଇଛି। ସୋମବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଜଣାପଡିଛି। ପୁରୀ ଡିଏଫ୍ଓ ହର୍ଷବର୍ଦ୍ଧନ ଉଦ୍‌ଗାତାଙ୍କ ନିର୍ଦ୍ଦେଶ କ୍ରମେ ବନ ବିଭାଗ ପକ୍ଷରୁ ଶୁକ୍ରବାର ରାତିରେ ଚନ୍ଦନପୁର ଅଞ୍ଚଳରେ ନାଇଟ୍ ପାଟ୍ରୋଲିଂ ଚାଲିଥିଲା। ଭୋର ପ୍ରାୟ ସାଢେ ୪ଟା ବେଳେ ପାଟ୍ରୋଲିଂ ସ୍କ୍ୱାଡ ଫରେଷ୍ଟର ଭୀମସେନ ଦାଶ, ଫରେଷ୍ଟର ପ୍ରଦୀପ୍ତ କୁମାର ପାଣିଗ୍ରାହୀ, ଫରେଷ୍ଟ ଗାର୍ଡ ସ୍ୱପ୍ନେଶ୍ୱର ଜାଲ ଏବଂ ଫରେଷ୍ଟ ଗାର୍ଡ ସଚ୍ଚିକାନ୍ତ ସେଠୀ ଚନ୍ଦନପୁର ବୀରପ୍ରତାପପୁର ଓଭରବ୍ରିଜ୍ ନିକଟରେ ଏକ ୪୦୭ ଗାଡିକୁ ଅଟକାଇଥିଲେ। ଏହି ସମୟରେ ଚାଳକ ଫେରାର୍ ହୋଇଯାଇଥିଲେ। ଏହି ଗାଡି ପଛରେ ଏକ ପଲ୍‌ସର ବାଇକ୍‌ରେ ଆସୁଥିବା ୨ ଜଣ ଯୁବକ ପହଞ୍ଚି ପାଟ୍ରୋଲିଂ ଟିମ୍ ସହିତ କଥା ହୋଇଥିଲେ। ଗାଡିଟି ସାକ୍ଷୀଗୋପାଳରେ କାଠ ଅନ୍‌ଲୋଡ କରିବା ପରେ ସେମାନେ ଏଥିରେ ବାଲି ଆଣିଥାନ୍ତେ ବୋଲି କହିଥିଲେ। ସେମାନଙ୍କ କଥାରେ ସନ୍ଦେହ ହେବାରୁ ଉଭୟଙ୍କୁ ପାଟ୍ରୋଲିଂ ଟିମ୍ ଧରିବା ସହ ସେମାନଙ୍କ ବାଇକ୍ ଏବଂ କାଠ ବୋଝେଇ ଗାଡିକୁ ଜବତ କରି ବାଲୁଖଣ୍ଡ ରେଞ୍ଜ କାର୍ଯ୍ୟାଳୟରେ ଆଣି ରଖାଯାଇଛି। ତଦନ୍ତ ବେଳେ ଏହି କାଠ ବୋଝେଇ ଗାଡି ବ୍ରହ୍ମଗିରି ହାସିନପୁରରୁ ସମ୍ପୃକ୍ତ ଦୁଇ ଯୁବକ ଏସ୍‌କର୍ଟ କରି ଆଣୁଥିଲେ ବୋଲି ଜଣାପଡିଥିବା ବନ ବିଭାଗର ଜଣେ ଅଧିକାରୀ କହିଛନ୍ତି। ଏଥିରେ ପ୍ରାୟ ୨୦ କୁଇଣ୍ଟାଲ କାଠ ରହିଥିବା ଜଣାପଡିଛି।

### ବୀରବଳଭଦ୍ରପୁର ଗୋପୀନାଥ ଦେବ ମନ୍ଦିରରୁ ଚୋରି

**ପୁରୀ ଅଫିସ,୧୨।୧୦-** ପୁରୀ ଜିଲା ଚନ୍ଦନପୁର ଥାନା ଅଧୀନ ବୀରବଳଭଦ୍ରପୁର ଗ୍ରାମର ଗୋପିନାଥ ଦେବଙ୍କ ମନ୍ଦିରରୁ ଶନିବାର ଲକ୍ଷାଧିକ ଟଙ୍କାର ଅଷ୍ଟଧାତୁ ନିର୍ମିତ ମୂର୍ତ୍ତିଏବଂ ଦାନ ବାକ୍ସରୁ ଟଙ୍କା, ସୁନା ଅଲଙ୍କାର ଚୋରି ହୋଇଛି। ଏନେଇ ବୀରବଳଭଦ୍ରପୁର ଗ୍ରାମ ୩ୟଖଣ୍ଡି ମହାଜନ କୋଠ ସମ୍ପାଦକ ପ୍ରମୋଦ କୁମାର ମିଶ୍ର ଶନିବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପରେ ଥାନାରେ ୧୪୪/୧୯ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ବାମଦେବ ନନ୍ଦ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମନ୍ଦିରରୁ ଚୋରି କରିଥିଲେ। ସକାଳୁ ମନ୍ଦିର ପୂଜକ ମନ୍ଦିର ନିକଟରେ ପହଞ୍ଚିବା ପରେ ଦ୍ୱାର ଖୋଲାଥିବା ଦେଖିଥିଲେ। ପରେ ମନ୍ଦିରର ଦାନବାକ୍ସ ଭଙ୍ଗାଯାଇଥିବା ଏବଂ ଅଷ୍ଟଧାତୁ ମୂର୍ତ୍ତି ନ ଥିବା ଦେଖି ଏ ସମ୍ପର୍କରେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଗ୍ରାମବାସୀଙ୍କଠାରୁ ଖବରପାଇ ପୋଲିସ ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ପୋଲିସ ମନ୍ଦିର ଭିତରେ ପରିସରରେ ଏକ କନା ଦେହରେ ଗୁଡାଇ ହୋଇ ରହିଥିବା ଅଷ୍ଟଧାତୁ ପାଇଥିଲେ। ସମ୍ପାଦକ ମିଶ୍ର କୁହନ୍ତି, ଶୁକ୍ରବାର ଠାକୁର ସ୍ୱର୍ଣ୍ଣ ଅଳଙ୍କାରରେ ସଜ୍ଜିତ ହୋଇଥିବାବେଳେ ଆଉ ଏକ ଅଳଙ୍କାର ସେଟ୍ ଆଲମିରା ଭିତରେ ରହିଥିଲା। ଦୁର୍ବୃତ୍ତମାନେ ଆଲମିରା ତାଲା ଭାଙ୍ଗି ଅଳଙ୍କାର ନେଇଯାଇଥିବା ପ୍ରାଥମିକ ଅନୁସନ୍ଧାନରୁ ପୋଲିସ ଜାଣିବାକୁ ପାଇଛି। ଚୋରି ହୋଇଥିବା ସୁନାଅଳଙ୍କାରର ମୂଲ୍ୟ ପ୍ରାୟ ୨୦ଲକ୍ଷ ଟଙ୍କା ହେବ ବୋଲି ଗ୍ରାମ କମିଟି ଆକଳନ କରିଛି।

# ପ୍ରଧାନମନ୍ତ୍ରୀ ଫସଲ ବୀମା ନୈରାଶ୍ୟଜନକ

## ୧ ଲକ୍ଷରୁ ମାତ୍ର ୨୫ ହଜାର ହେକ୍ଟର ଜମିର ହୋଇଛି ବୀମା

**ନୟାଗଡ଼ ଅଫିସ,୧୨।୧୦**

ନୟାଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲ ବୀମା ନୈରାଶ୍ୟଜନକ ରହିଛି। ମିଳିଥିବା ସୂଚନା ଅନୁସାରେ ଜିଲାରେ ମୋଟ ୧ ଲକ୍ଷ ୩୪ ହଜାର ହେକ୍ଟର ଚାଷଜମି ରହିଛି। ସେଥିମଧ୍ୟରୁ ଚଳିତବର୍ଷ ଖରିଫ ଋତୁରେ ୧ ଲକ୍ଷ ୧ ହଜାର ୨୦୦ ହେକ୍ଟର ଜମିରେ ଧାନ ଚାଷ କରାଯାଇଛି। ହେଲେ ସେଥିରୁ ମାତ୍ର ୨୫୪୬୦ ହେକ୍ଟର ଜମିର ଫସଲବୀମା କରାଯାଇଛି, ଯାହାକି ମାତ୍ର ୨୫.୨୫ ପ୍ରତିଶତ। ଏତେ କମ୍ ସଂଖ୍ୟକ ଜମି ଫସଲ ବୀମାରେ ଅନ୍ତର୍ଭୁକ୍ତ ହେବା ଘଟଣା ବିଭାଗର କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ପ୍ରକାଶ ଯେ, ଜିଲାରେ ବର୍ତ୍ତମାନ ୧ ଲକ୍ଷ ୪୪ ହଜାର ୮୩ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧ ଲକ୍ଷ ୧୩ ହଜାର ନାମମାତ୍ର, ୧୮,୪୪୩ କ୍ଷୁଦ୍ର ଓ ୧୧,୯୧୦ ଜଣ ବଡ଼ ଚାଷୀ ଅଛନ୍ତି। ଜିଲା ନୋଡ଼ାଲ ଅଫିସର ସବ୍ୟରଞ୍ଜନ ମହାପାତ୍ରଙ୍କ ସୂଚନାନୁସାରେ ଚଳିତବର୍ଷ ୫୮,୫୬୯ ଜଣ ଋଣୀ କୃଷକ ୨.୯୭ କୋଟି ଟଙ୍କା ବୀମା ବାବଦକୁ ପ୍ରଦାନ କରିଛନ୍ତି। ୨୪୭୪୬ ହେକ୍ଟର ଜମିରେ ୧୪୬.୪୬ କୋଟିର ଫସଲ ବୀମା କରାଯାଇଛି। ସେହିଭଳି ୫୫୭୦ ଜଣ ଅଣଋଣୀ କୃଷକ ୮.୫୫ ଲକ୍ଷ ଟଙ୍କା ବୀମା ବାବଦକୁ ପ୍ରଦାନ କରିଛନ୍ତି। ୭୧୪ ହେକ୍ଟର ଜମି ପାଇଁ ୪.୨୮ କୋଟି ପ୍ରଧାନମନ୍ତ୍ରୀ ଫସଲବୀମା କରାଯାଇଛି। ମୋଟ ୬୪୧୩୯ ଜଣ ଋଣୀ ଓ ଅଣଋଣୀ କୃଷକ ସେମାନଙ୍କର ୨୫୪୬୦ ହେକ୍ଟର ଜମି ପାଇଁ ଫସଲ ବୀମା କରିଛନ୍ତି। ସୂଚନାଯୋଗ୍ୟ ମକାଚାଷ ପାଇଁ ଚାଷୀ ଫସଲବୀମା ଯୋଜନାରେ ୯୦୦ ଟଙ୍କା ପ୍ରଦାନ କରୁଥିବା ବେଳେ ଫସଲ କ୍ଷୟକ୍ଷତି ହେଲେ ହେକ୍ଟର ପିଛା ସର୍ବାଧିକ ୪୫ ହଜାର ଟଙ୍କା ସହାୟତା ରାଶି ମିଳିବ। ସେହିଭଳି ଧାନଚାଷ ପାଇଁ ଚାଷୀ ଫସଲବୀମା ଯୋଜନାରେ ୧୨୦୦ ଟଙ୍କା ପ୍ରଦାନ କରୁଥିବା ବେଳେ ଫସଲ କ୍ଷୟକ୍ଷତି ହେଲେ ହେକ୍ଟର ପିଛା ସର୍ବାଧିକ ୬୦ ହଜାର ଟଙ୍କା ସହାୟତା ରାଶି ମିଳିବ। ୨୦୧୮ ମସିହାରେ ୪୯,୩୪୩ ଜଣ ଚାଷୀ ଫସଲବୀମା ଯୋଜନାରେ ୩ କୋଟି ୧୧ ଲକ୍ଷ ଟଙ୍କା ପ୍ରିମିୟମ ବାବଦକୁ ଦେଇଥିଲେ। ୨୦୧୭ରେ ୪୫,୩୬୨ ଜଣ ଚାଷୀ ବୀମା କରିଥିଲେ। ଫସଲ କ୍ଷୟକ୍ଷତି ବାବଦକୁ ଜିଲାର ୫୫ ପଞ୍ଚାୟତର ୧୧,୦୧୧ ଜଣ ଚାଷୀଙ୍କୁ ୭ କୋଟି ୬୪ ଲକ୍ଷ ୪୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏ ନେଇ ବିଭାଗର ଜଣେ କର୍ମଚାରୀଙ୍କ କହିବା କଥା ଫସଲବୀମା ବାଧ୍ୟତାମୂଳକ ନ ଥିବାରୁ କାହାକୁ ଜୋରଜବରଦସ୍ତ କରାଯାଉନାହିଁ। ଯେଉଁ ଚାଷୀ ଚାହୁଁଛନ୍ତି ସିଏ କରୁଛନ୍ତି ନ ହେଲେ ନାହିଁ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୩ ତାରିଖ (ରବିବାର)**
- କୁମାର ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟନୀ ଉତ୍ସବ
  **ସ୍ଥାନ :** ରାଜପାଟଣା ମିନି ଷ୍ଟାଡ଼ିୟମ, ନୟାଗଡ଼, ସମୟ–ଅପରାହ୍ନ ୪ଟା
- ଶିଳ୍ପୀନଗର ପୂଜା କମିଟି ପକ୍ଷରୁ ଗଜଲକ୍ଷ୍ମୀ ପୂଜା
  **ସ୍ଥାନ :** ଓଡ଼ଗାଁ, ସମୟ– ସକାଳ ୮ଟା

**୧୪ ତାରିଖ (ସୋମବାର)**
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର
  **ସ୍ଥାନ :** ଜିଲାପାଳଙ୍କ କାର୍ଯ୍ୟାଳୟ, ନୟାଗଡ଼, ସମୟ– ପୂର୍ବାହ୍ନ ୧୧ଟା

**୧୬ ତାରିଖ (ବୁଧବାର)**
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର
  **ସ୍ଥାନ :** ଜିଲା ମୁଖ୍ୟ ଚିକିତ୍ସାଳୟ ବ୍ଲଡ଼ ବ୍ୟାଙ୍କ ପରିସର, ସମୟ– ସକାଳ ୮ଟା
- କୁମାର ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଯାପନୀ ଉତ୍ସବ
  **ସ୍ଥାନ :** ରାଜପାଟଣା ମିନି ଷ୍ଟାଡ଼ିୟମ, ନୟାଗଡ଼, ସମୟ– ସନ୍ଧ୍ୟା ୬ଟା

**୧୭ ତାରିଖ (ଗୁରୁବାର)**
- ପ୍ରବଚନ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ
  **ସ୍ଥାନ :** ସାତପାଟଣା, ଦଶପଲ୍ଲା, ସମୟ– ସକାଳ ୬ଟା ୩୦

| ସ୍ଥାନ | ଖବରଦାତାଙ୍କ ନାମ | ମୋବାଇଲ ନମ୍ବର |
|---|---|---|
| ନୟାଗଡ଼ ଅଫିସ | ରଞ୍ଜନ କୁମାର ପ୍ରଧାନ | ୯୪୩୭୭୭୫୭୩୦ |
| ଓଡ଼ଗାଁ | ଆଦର୍ଶ କୁମାର ପଟ୍ଟନାୟକ | ୯୪୩୭୩୬୫୬୬୮ |
| ନୂଆଗାଁ | ଧନେଶ୍ୱର ସାହୁ | ୯୯୩୭୪୪୮୧୧୦ |
| ଦଶପଲ୍ଲା | ପ୍ରକାଶ କୁମାର ପାଣି | ୯୪୩୯୮୪୯୦୫୫ |
| ଗଣିଆ | ସନ୍ତୋଷ କୁମାର ପ୍ରଧାନ | ୯୬୯୨୪୫୪୮୫୨ |
| ଭାପୁର | ଶୁଭେନ୍ଦ୍ର କୁମାର ପଟ୍ଟନାୟକ | ୯୪୩୮୦୪୦୯୪୩ |
| ଖଣ୍ଡପଡ଼ା | ଅଜୟ କୁମାର ମହାରଣା | ୯୮୫୩୬୪୩୨୧୧ |
| ରଣପୁର | ସୁକାନ୍ତ କିଶୋର ଡାକୁଆ | ୯୯୩୭୦୨୧୭୨୭ |

ଏଇ ସପ୍ତାହର କାର୍ଯ୍ୟକ୍ରମ ସ୍ତମ୍ଭରେ ଯଦି କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଛନ୍ତି ତେବେ ନିକଟସ୍ଥ ଧରିତ୍ରୀ ପ୍ରତିନିଧିଙ୍କ ସହ ଉପରୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

### ଆଶାକର୍ମୀଙ୍କ ଜିଲା ସମ୍ମିଳନୀ

# ସରକାରଙ୍କ ନୀତି ବିରୋଧରେ ସଙ୍ଗଠିତ ହେବାକୁ ଆହ୍ୱାନ

**ନୟାଗଡ଼ ଅଫିସ,୧୨।୧୦**

ସିଆଇଟିୟୁ ପକ୍ଷରୁ ଶନିବାର ନୟାଗଡ଼ ଶିକ୍ଷକ ଭବନଠାରେ ଓଡ଼ିଶା ଆଶାକର୍ମୀ ଆସୋସିଏଶନର ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲା ସଭାପତି ନଳିନୀ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ସଙ୍ଗଠନର ରାଜ୍ୟ ସଭାପତି ଲୋଭାକାନ୍ତ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହିତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଏହା ବିରୋଧରେ ସଙ୍ଗଠିତ ହେବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ସମ୍ପାଦକ ସୁରେଶ ସ୍ୱାଇଁ ରାଜନୈତିକ ଓ ସାଙ୍ଗଠନିକ ତଥ୍ୟ ଉପସ୍ଥାପନ କରିଥିଲେ। ଏହା ଉପରେ ସଙ୍ଗଠନର ୮ଜଣ ପ୍ରତିନିଧି ଆଲୋଚନା କରିଥିଲେ। ସିଆଇଟିୟୁ ନେତା ବିଶ୍ୱନାଥ ମହାପାତ୍ର, ଗଣତାନ୍ତ୍ରିକ ମହିଳା ସମିତିର ରାଜ୍ୟ ଉପସଭାପତି ପୁଷ୍ପା ଦାସ, ଶରତ ବେହେରା, ଗୋଲଖ ମୁଦୁଲି, ଏସ୍. ଏ. କରିମ, ସଂଯୁକ୍ତା ସେଠୀ, ଜୟନ୍ତୀ ଦାସ, ଜ୍ୟୋତିପ୍ରଭା ଜେନା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। କର୍ମକର୍ତ୍ତାମାନେ ଏନ୍‌ଏଚ୍‌ଏମ୍‌କୁ ସ୍ଥାୟୀ କରିବା, ଆଶାକର୍ମୀଙ୍କୁ ସରକାରୀ ମାନ୍ୟତା, ମାସିକ ୨୦ ହଜାର ଟଙ୍କା ପ୍ରଦାନ, ସମସ୍ତ ଆଶାକର୍ମୀଙ୍କୁ ପେନ୍‌ସନ, ମୃତ୍ୟୁକାଳୀନ ସହାୟତା, ସାମାଜିକ ସୁରକ୍ଷା ପ୍ରଦାନ କରିବାକୁ ଦାବି ଉପସ୍ଥାପନ କରିଥିଲେ। ଆଗାମୀ ଦିନରେ ଏଥିଲାଗି ଆବଶ୍ୟକ ପଡ଼ିଲେ ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ଏକ ଜିଲାସ୍ତରୀୟ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ସୁରେଶ ଚନ୍ଦ୍ର ସ୍ୱାଇଁ, ଉପସଭାପତି ଶରତ ବେହେରା, ଚାପଧାରୀ ରାଉତ, ସମ୍ପାଦିକା ନଳିନୀ ଦାସ, ସହ ସମ୍ପାଦିକା ସସ୍ମିତା ପଟ୍ଟନାୟକ, ସଂଯୁକ୍ତା ସେଠୀ, କୋଷାଧ୍ୟକ୍ଷ ଭାବେ ଅହଲ୍ୟା ସେଠୀଙ୍କୁ ନିର୍ବାଚିତ କରାଯାଇଥିଲା। ଆସନ୍ତା ୨୦ ତାରିଖରେ ରାଉରକେଲାଠାରେ ହେବାକୁ ଥିବା ରାଜ୍ୟ ସମ୍ମିଳନୀରେ ଯୋଗଦେବା ପାଇଁ ନିର୍ବାଚିତ କମିଟି ସଭ୍ୟାସଭ୍ୟ ନିଷ୍ପତ୍ତି ନେଇଥିଲେ।


ସମ୍ମିଳନୀରେ ଯୋଗଦେଇଥିବା ଆଶାକର୍ମୀମାନେ।

### ବଳାତ୍କାର ଅଭିଯୋଗରେ ଯୁବକ ଜେଲ୍ ଗଲେ

**ଓଡ଼ଗାଁ,୧୨।୧୦(ସ୍ୱ.ପ୍ର.)**

ଓଡ଼ଗାଁ ଥାନା ଅନ୍ତର୍ଗତ ପାଇକସାହିର ଜଣେ ଯୁବକଙ୍କୁ ପୋଲିସ ବଳାତ୍କାର ଅଭିଯୋଗରେ ଗିରଫ କରି ଶନିବାର କୋର୍ଟଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ଯିବାକୁ ପଡିଛି। ସେ ହେଲେ ଉକ୍ତ ସାହିର ଲିଟୁନ ପରିଡା (୨୪)। ସୂଚନା ଅନୁସାରେ ସେହି ଅଞ୍ଚଳର ଜଣେ ଯୁବତୀ(୨୦)ଙ୍କ ସହିତ ଲିଟୁନ ଦୁଇବର୍ଷ ହେଲା ପ୍ରେମ ସମ୍ପର୍କ ରଖିଥିଲେ। ଗତ ସୋମବାର ସନ୍ଧ୍ୟାରେ ଯୁବତୀ ଜଣକ ଖଳାବାରିକୁ ପରିସ୍ରା କରିବାକୁ ଆସିଥିଲେ। ଏହି ସମୟରେ ଲିଟୁନ ସେଠାରେ ପହଞ୍ଚି ଯୁବତୀଙ୍କ ବିରୋଧ ସତ୍ତ୍ୱେ ତାଙ୍କୁ ଜୋରଜବରଦସ୍ତ ବଳାତ୍କାର କରିଥିଲେ। ପାଟି ଶୁଣି ନିକଟରେ ଥିବା ଯୁବତୀଙ୍କ ଭାଇ ସେଠାରେ ପହଞ୍ଚିଯିବାରୁ ଲିଟୁନ୍ ଘଟଣାସ୍ଥଳରୁ ଚମ୍ପଟ୍ ମାରିଥିଲେ। ପୀଡିତା ଯୁବତୀ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିବା ପରେ ପୋଲିସ ଲିଟୁନଙ୍କ ବିରୋଧରେ ନଂ.୧୮୨/୧୯ରେ ବଳାତ୍କାର ମାମଲା ରୁଜୁ କରିବା ସହ ଯୁବତୀଙ୍କ ଡାକ୍ତରୀ ମାଇନା କରାଇଥିଲା। ସେହିଦିନଠାରୁ ଫେରାର ଥିବା ଲିଟୁନଙ୍କୁ ପୋଲିସ ଶୁକ୍ରବାର ସନ୍ଧ୍ୟାରେ ତାଙ୍କ ଘର ନିକଟରୁ ଗିରଫ କରିଥିଲା।

# ଗଣିଆରେ ରାସ ଉତ୍ସବ

**ଗଣିଆ,୧୨।୧୦(ଡି.ଏନ.ଏ.)**

ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ମହନାପଦା ଗ୍ରାମରେ ଗତ ୫ଦିନ ଧରି ୮ମ ବାର୍ଷିକ ରାସ ଉତ୍ସବ ଚାଲୁ ରହିଛି । ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ଦାସଙ୍କ ରଚିତ ରାହାସମାଳାକୁ ଆଧାର କରି ଏହି ମହାରାସ ଯଜ୍ଞ ଗତ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ବେଳେ ରବିବାର କୁମାର ପୂର୍ଣ୍ଣମୀରେ ଉଦ୍‌ଯାପିତ ହେବ । ମଙ୍ଗଳବାର ଅପରାହ୍ନରେ ଶୁଭାଧିବାସ ପରେ ବୁଧବାରଠାରୁ ପ୍ରତ୍ୟହ ବାଲୁକା ପୂଜା, କାତ୍ୟାୟନୀ ପୂଜା, ସୂର୍ଯ୍ୟ ପୂଜା, ହନୁମାନ ଚାଳିଶା ପାଠ, ରାସକୁଞ୍ଜରେ ଭାଗବତ ପାଠ, ନଗର କୀର୍ତ୍ତନ, ପ୍ରବଚନ ଓ ସାଧୁ ସମ୍ମିଳନୀ ପରି କାର୍ଯ୍ୟକ୍ରମ ଚାଲୁରହିଛି । ଏଥିସହ ମହାନିତ୍ୟ ରାହାସ, ଗୁଦୁରୀ ଦୂତୀ ରାହାସ, ପଦ୍ମବନ ରାହାସ, ମହାରାସ ପାଠ କରିବା ସମୟରେ ରାଧାକୃଷ୍ଣଙ୍କ ରସାମୃତରେ ଉଦବୃତ୍ତ ହୋଇ ଗ୍ରାମ୍ୟ ଦାଣ୍ଡରେ ମହିଳା ଓ ପୁରୁଷ ଶ୍ରଦ୍ଧାଳୁମାନେ ଆନନ୍ଦରେ ନାଚୁଥିବା ଦେଖିବାକୁ ମିଳିଥିଲା । ରବିବାର ଗୀତାଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିବା ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରାମନାଟକ ପରିବେଷଣ କରାଯିବ ବୋଲି ଗ୍ରାମବାସୀଙ୍କ ତରଫରୁ ସୂଚନା ମିଳିଛି । ଏହି ରାସଯଜ୍ଞର ବ୍ୟାସ ଭାବେ ଗିରିଶ ମିଶ୍ର ଯୋଗଦେଇଥିଲେ ।


ରାସକୁଞ୍ଜରେ ରାଧାକୃଷ୍ଣଙ୍କୁ ପୂଜା କରାଯାଉଛି ।

# ବିପଦସଙ୍କୁଳ ଖୁଣ୍ଟରେ ଚାଲିଛି ବିଦ୍ୟୁତ୍ ସେବା

**ଖଣ୍ଡପଡା,୧୨।୧୦(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅଧୀନ ମର୍ଦ୍ଦରାଜପୁର ପଞ୍ଚାୟତ ଚାଉପଲ୍ଲୀ ଗ୍ରାମର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଏକ ଲୁହା ବିଦ୍ୟୁତ ଖୁଣ୍ଟର ତଳ ଅଂଶ କଳଙ୍କି ଲାଗି ନଷ୍ଟ ହୋଇଯାଇଛି । ଫଳରେ ଝଡ ତୋଫାନ ହେଲେ ବିଦ୍ୟୁତ୍ ଖୁଣ୍ଟଟି କେଉଁ ମୁହୂର୍ତ୍ତରେ ଭାଙ୍ଗିପଡିବାର ଆଶଙ୍କା ରହିଛି। ଏ ନେଇ ଗ୍ରାମବାସୀ ପ୍ରମାଦ ଗଣୁଥିବା ଜଣାପଡିଛି । ବିପଦ ସଙ୍କୁଳ ଅବସ୍ଥାରେ ଥିବା ଏହି ବିଦ୍ୟୁତ୍ ଖୁଣ୍ଟଟିକୁ ତୁରନ୍ତ ପରିବର୍ତ୍ତନ କରିବା ନିମନ୍ତେ ଚାଉପଲ୍ଲୀ ଗ୍ରାମବାସୀ ବିଦ୍ୟୁତ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି । ଖଣ୍ଡପଡା ସେସୁ ଓ ଫେଡ୍‌କୋ କର୍ତ୍ତୃପକ୍ଷ ଏ ସମ୍ପର୍କରେ ଭଲଭାବେ ଅବଗତ ଥିଲେ ହେଁ ଉଚିତ ପଦକ୍ଷେପ ଗ୍ରହଣ କରିବାରେ କାଳକ୍ଷେପଣ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହେଉଛି। ସେହିପରି ଚାଉପଲ୍ଲୀ ଗ୍ରାମ ମଝିରେ ଥିବା ଆଉ ଏକ ବିଦ୍ୟୁତ୍ ଖୁଣ୍ଟ ମଧ୍ୟ ବିପଦସଂକୁଳ ଅବସ୍ଥାରେ ରହିଛି। ଏଥିପ୍ରତି ବିଦ୍ୟୁତ୍ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ଗ୍ରାମବାସୀ ସୂଚନା ଦେଇଥିବା ବେଳେ ଏ ସମ୍ପର୍କରେ କାର୍ଯ୍ୟାଳୟରେ କୌଣସି ଅଭିଯୋଗ ହୋଇ ନ ଥିବା ଫେଡ୍‌କୋ ସହକାରୀ ଯନ୍ତ୍ରୀ ସୁଧାଂଶୁ ଶେଖର ସାହାଣୀ ସୂଚନା ଦେଇଛନ୍ତି । ତେବେ ସେ ଏଥିପ୍ରତି ଦୃଷ୍ଟି ଦେବେ ବୋଲି ପ୍ରକାଶ କରିଛନ୍ତି ।


ବିଦ୍ୟୁତ୍ ଖୁଣ୍ଟ ମୂଳ ଖାଇଯାଇଛି।

# ଶାରଦୀୟ ସାହିତ୍ୟ, କବିତା ପାଠୋତ୍ସବ

**ପୁରୀ ଅଫିସ,୧୨।୧୦–** ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ ଏବଂ ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଶାରଦୀୟ ସାହିତ୍ୟ ଓ କବିତା ପାଠୋତ୍ସବ ସ୍ଥାନୀୟ ଭକ୍ତ ସାଲବେଗ ସମାଧି ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସୁଲେଖା ଅନୁଷ୍ଠାନର ସମ୍ପାଦକ ସଦାଶିବ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ଶ୍ରୀଜଗନ୍ନାଥଙ୍କ ଜଣାଣ ଗାନ କରାଯାଇଥିଲା। ଲେଖକ ସାମ୍ମୁଖ୍ୟର ସମ୍ପାଦକ କୃଷ୍ଣଚନ୍ଦ୍ର ରଥ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିବ ସୁନ୍ଦର ମିଶ୍ର ଓ ମନୋରମା ଆଚାର୍ଯ୍ୟଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା।

# ଓଡ଼ିଶା ଭିନ୍ନକ୍ଷମ ମଞ୍ଚର ଜିଲାସ୍ତରୀୟ ସଶକ୍ତୀକରଣ ଶିବିର

**ଚିଲିକା,୧୨।୧୦(ଡି.ଏନ.ଏ.)**

ଓଡ଼ିଶା ଭିନ୍ନକ୍ଷମ ମଞ୍ଚର ଜିଲାସ୍ତରୀୟ ସଶକ୍ତୀକରଣ ଶିବିର ଚିଲିକା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜୀବନ ଦେଇପୁର ମା' ସର୍ବମଙ୍ଗଳା ପୀଠରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚିଲିକା ଓ ବାଣପୁର ବ୍ଲକରୁ ଶତାଧିକ ଭିନ୍ନକ୍ଷମ ମହିଳାପୁରୁଷ ଯୋଗଦେଇ ସେମାନଙ୍କ ଅଧିକାର, ସରକାରୀ ଅଧିନିୟମ ଓ ସାଂଗଠନିକ ଦକ୍ଷତା ଉପରେ ସଚେତନ ହୋଇଥିଲେ। ରାଜ୍ୟ ଭିନ୍ନକ୍ଷମ ମଞ୍ଚ ଓ ଭଦ୍ରକସ୍ଥିତ ପ୍ରଗତି ଯୁବକ ସଂଘ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେ ସଭାପତି ଭାବେ ମଞ୍ଚର ରାଜ୍ୟ ସ୍ଥାୟୀ ସମ୍ପାଦକ ଅକ୍ଷୟ କୁମାର ସାହୁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲା ଭିନ୍ନକ୍ଷମ ମଞ୍ଚ ସଭାପତି ପ୍ରଶାନ୍ତ କୁମାର ଦଳବେହେରା, ନାରାୟଣ ବେହେରା, ସିକେନ୍ଦ୍ର ଦାସ, ରାମଚନ୍ଦ୍ର ମାଝି ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପ୍ରତି ସାମାଜିକ ଅବହେଳାର ବିଲୋପ ପାଇଁ ଆହ୍ୱାନ ଦେଇଥିଲେ। ପଞ୍ଚାୟତରୁ ଜିଲାସ୍ତର ପର୍ଯ୍ୟନ୍ତ ଭିନ୍ନକ୍ଷମ ସଂଗଠନ କରାଯିବା, ସେମାନଙ୍କୁ ଅଧିକାର ଅଧିନିୟମ–୨୦୧୬ ଧାରାର ସୂଚନା ପ୍ରଦାନ କରାଯିବା ସହ ମାନବିକ ଅଧିକାର ଓ ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା।


ଶିବିରରେ ଯୋଗ ଦେଇଥିବା ମଞ୍ଚର କର୍ମକର୍ତ୍ତା।

# ପରିବେଶ ସୁରକ୍ଷା ସଚେତନତା ସୃଷ୍ଟି କଲେ ସାଧୁସନ୍ଥ

## ମା'କଳାପାଟଙ୍କ ଆଜ୍ଞାମାଳକୁ ଗ୍ରାମବାସୀଙ୍କ ଭବ୍ୟ ସମ୍ବର୍ଦ୍ଧନା

**ଖଣ୍ଡପଡା,୧୨।୧୦(ସ୍ୱ.ପ୍ର.)**

ଗଛ ବଞ୍ଚିଲେ ସୃଷ୍ଟି ବଞ୍ଚିବ । ଗୋମାତାର ସୁରକ୍ଷା ହେଲେ ମାନବ ସମାଜର କଲ୍ୟାଣ ହେବା ସହ ଯଜ୍ଞ ରକ୍ଷା ହୋଇପାରିବ । ଶନିବାର ମା' କଳାପାଟଙ୍କ ଆଜ୍ଞାମାଳ କୋଦୁଆପଲ୍ଲୀ ଗ୍ରାମ ପରିକ୍ରମା ଅବସରରେ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସାଧୁ ସନ୍ଥମାନେ ଉପରୋକ୍ତ ମନ୍ତବ୍ୟ ପ୍ରଦାନ କରି ଜନସଚେତନତା ସୃଷ୍ଟି କରିଥିଲେ ।

ପ୍ରକାଶ ଯେ, ଖଣ୍ଡପଡା ବ୍ଲକ ଅଧୀନ କିଆଝର ପଞ୍ଚାୟତର କୋଦୁଆପଲ୍ଲୀ ଗ୍ରାମବାସୀଙ୍କ ପକ୍ଷରୁ ମଣିଭଦ୍ରା ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ମା' କଳାପାଟଙ୍କର ଆଜ୍ଞାମାଳ ଗ୍ରାମ ପରିକ୍ରମା କରିଥିଲା। ଏହି ଅବସରରେ ଉପସ୍ଥିତ ସାଧୁ ସନ୍ଥମାନଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯିବା ସହ ପୂଜାର୍ଚ୍ଚନା କରାଯାଇଛି । କୋଦୁଆପଲ୍ଲୀ ଗ୍ରାମସ୍ଥିତ ସାତଭଉଣୀ ପୀଠର ସାଧୁ ପ୍ରଫୁଲ୍ଲ ବାବାଙ୍କ ଆୟୋଜନ କ୍ରମେ ଗ୍ରାମର ଶତାଧିକ ମହିଳା ପୁରୁଷ ଏକତ୍ରିତ ହୋଇ ଗ୍ରାମର ମଙ୍ଗଳାପୀଠରେ ଆଜ୍ଞାମାଳ ପରିକ୍ରମା କରୁଥିବା ସୁସଜ୍ଜିତ ଗାଡିକୁ ଧୂପ ଦୀପ, ଫୁଲ, ଅରୁଆ ଚାଉଳରେ ବନ୍ଦାପନା କରିଥିଲେ । ପରେ ମହିଳାମାନେ ସାଧୁମାନଙ୍କ ମଥାରେ ଫୁଲ ଚନ୍ଦନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ହରିବୋଲ ହୁଳହୁଳି ଧ୍ୱନିରେ ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଏହାପରେ ବିଶ୍ୱଶାନ୍ତି ଯଜ୍ଞର ସନ୍ଥ ସେବକ ଲଳିତ ବାବା ପରିକ୍ରମାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେବା ସହ ପରିବେଶ ସୁରକ୍ଷା ପରିକ୍ରମାର ମୁଖ୍ୟ ଲକ୍ଷ୍ୟ ବୋଲି ପ୍ରକାଶ କରିଥିଲେ। ଗ୍ରାମବାସୀଙ୍କ ତରଫରୁ ସତ୍ୟ ଜାନି, ନୀଳକଣ୍ଠ ମଳିକ, ବନମାଳୀ ସାହୁ, ଶଙ୍କର ସାହୁ, ପୁରନ୍ଦର ଜାନି ଦେହୁରୀ, ତ୍ରିନାଥ କଅଁର ଜାନି, ପଦ୍ମାବତୀ ପ୍ରଧାନ, ନୟନା ମଳିକ, କୁନ୍ତଳା ଜାନି ପ୍ରମୁଖ ସହଯୋଗ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସାଧୁ ଚକ୍ରଧର ବାବା, ସାଧୁ କୃଷ୍ଣଚନ୍ଦ୍ର, କାହ୍ନୁ ଚରଣ ଦାସ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିଥିଲେ । ପରବର୍ତ୍ତୀ ସମୟରେ ଏହି ଆଜ୍ଞାମାଳ ଖଣ୍ଡପଡା, ଦଶପଲ୍ଲା, ଗଣିଆ, ନରସିଂହପୁର, ବୌଦ୍ଧ ଜିଲାର ହରଭଙ୍ଗା ଅଞ୍ଚଳ ଆଦି ପରିକ୍ରମା କରିବ ବୋଲି ବାବା ରାମଦାସଙ୍କ ଶିଷ୍ୟ ଲଳିତ ବାବା ସୂଚନା ଦେଇଥିଲେ।

# ସଫଳତା ପଥେ ଦୁଇ ଭଉଣୀ

**ଖଣ୍ଡପଡା,୧୨।୧୦(ସ୍ୱ.ପ୍ର.)**

ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଜୟ ପ୍ରକାଶ ନାରାୟଣ ଅର୍ଥନୀତି ଓ ସାମାଜିକ ଅଧ୍ୟୟନ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ଜୟଦେବ ଭବନଠାରେ ଲୋକନାୟକ ଜୟପ୍ରକାଶ ନାରାୟଣ ଓ ଶହୀଦ୍ ବାଜି ରାଉତଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ସମାରୋହ ଓ ଶ୍ରାଦ୍ଧ ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ନୟାଗଡ ଜିଲା ଭାପୁର ବ୍ଲକ ସୁନାଖଳା ଗ୍ରାମର ରୂପାଲୀ ସାହୁ ପ୍ରଥମ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ତାଙ୍କ ବଡ ଭଉଣୀ ମୋନାଲୀ ସାହୁ ତୃତୀୟ ବର୍ଗରେ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରି ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି । ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଳ ସମ୍ପଦ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁ ନନ୍ଦନ ଦାସ, ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟିକ ଓ ଲେଖକ ଡ. ସୌରୀବନ୍ଧୁ କର ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ବିଧାୟକ ଅମର ପ୍ରସାଦ ଶତପଥୀ, ଗଣମାଧ୍ୟମ ପରାମର୍ଶଦାତା ମାନସ ରଞ୍ଜନ ମଙ୍ଗରାଜ, ଲେଖକ ଡ. ଉଦ୍ଧବ ଚରଣ ନାୟକ ପ୍ରମୁଖ ଯୋଗଦେଇ ଆୟୋଜିତ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।

ପ୍ରକାଶ ଥାଉକି, ରୂପାଲୀ ଭାପୁର ବ୍ଲକ ନୟାଗଡ ଜିଲା ତରଫରୁ 'ଗୋପବନ୍ଧୁ କର୍ତ୍ତବ୍ୟ ବୋଧିନୀ ସମ୍ମାନ–୨୦୧୯' ପାଇବା ପାଇଁ ଯୋଗ୍ୟ ବିବେଚିତ ମଧ ହୋଇଛନ୍ତି । ସେ ଓଡିଶା ଆଦର୍ଶ ବିଦ୍ୟାଳୟର ୬ଷ୍ଠ ଶ୍ରେଣୀର ଛାତ୍ରୀ ହୋଇଥିବା ବେଳେ ମୋନାଲୀ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଯୁକ୍ତ ୩ ତୃତୀୟ ବର୍ଷର ଛାତ୍ରୀ । ଅତୀତରେ ଦୁଇ ଭଉଣୀ ଅନେକ ବାର ରାଜ୍ୟ ସ୍ତରୀୟ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିସମଗ୍ର ଜିଲା ପାଇଁ ଗୌରବ ଆଣିଛନ୍ତି।


ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ରୂପାଲୀ ଓ ମୋନାଲୀ।